ବର୍ଷ-୨୬, ସଂଖ୍ୟା-୪୩
ଭୁବନେଶ୍ୱର
୧୩, ଫେବୃଆରୀ, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 43
Bhubaneswar
13 February, 2026 Friday
Page-08, Rs.: 2.00


# ମହାଭାରତ


RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଭାରତର ଦ୍ୱିତୀୟ ବିଜୟ

## ‘ସେବା ତୀର୍ଥ’ ଏବଂ ‘କର୍ତ୍ତବ୍ୟ ଭବନ-୧ ଓ ୨’ ର ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ

- ଦେଶର ପ୍ରଶାସନିକ ଢାଞ୍ଚାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ
- ‘ସେବା ତୀର୍ଥ’ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ କ୍ୟାବିନେଟ୍ ସଚିବାଳୟ
- ‘କର୍ତ୍ତବ୍ୟ ଭବନ-୧ ଓ ୨’ରେ ଅର୍ଥ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଶିକ୍ଷା ମନ୍ତ୍ରଣାଳୟ ସମେତ ଅନେକ ପ୍ରମୁଖ ମନ୍ତ୍ରଣାଳୟ ରହିଛି

ନୂଆଦିଲ୍ଲୀ, ୧୨।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୩ ଫେବୃଆରୀ, ୨୦୨୬ ଅପରାହ୍ଣ ପ୍ରାୟ ୧:୩୦ ସମୟରେ ‘ସେବା ତୀର୍ଥ’ ଭବନ ପରିସରର ନାମ ଉନ୍ମୋଚନ କରିବେ। ଏହାପରେ ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ ଭାବେ ‘ସେବା ତୀର୍ଥ’ ଏବଂ ‘କର୍ତ୍ତବ୍ୟ ଭବନ-୧ ଓ ୨’ ର ଉଦ୍ଘାଟନ କରିବେ। ଏହା ସହ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ‘ସେବା ତୀର୍ଥ’ଠାରେ ଏକ ସାଧାରଣ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରିବେ।

ଏହି ଉଦଘାଟନ ଦେଶର ପ୍ରଶାସନିକ ଶାସନ ଢାଞ୍ଚାରେ ଏକ ପରିବର୍ତ୍ତନକାରୀ ମାଇଲଖୁଣ୍ଟ। ଏହା ଏକ ଆଧୁନିକ, ଦକ୍ଷ, ସୁଗମ ଏବଂ ନାଗରିକ-କୈନ୍ଦ୍ରିକ ଶାସନ ବ୍ୟବସ୍ଥା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରେ।ଦଶନ୍ଧି ଦଶନ୍ଧି ଧରି, ଅନେକ ପ୍ରମୁଖ ସରକାରୀ କାର୍ଯ୍ୟାଳୟ ଏବଂ ମନ୍ତ୍ରଣାଳୟ ସେଣ୍ଟ୍ରାଲ ଭିଷ୍ଟା ଅଞ୍ଚଳର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ଏବଂ ପୁରୁଣା କାର୍ଯ୍ୟଳୟରୁ କାର୍ଯ୍ୟ କରୁଥିଲେ। ଏହି ବିକ୍ଷିପ୍ତ ଅବସ୍ଥା ଯୋଗୁଁ କାର୍ଯ୍ୟକ୍ଷମ ଅକ୍ଷମତା, ସମନ୍ୱୟର ଅଭାବ, ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି ଏବଂ କାର୍ଯ୍ୟ କରିବାର ଅନୁକୂଳ ବାତାବରଣ ସୃଷ୍ଟି ହେଉନଥିଲା । ନୂତନ ଅଟ୍ଟାଳିକା ପରିସରଗୁଡ଼ିକ ଆଧୁନିକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସୁବିଧା ମଧ୍ୟରେ ପ୍ରଶାସନିକ କାର୍ଯ୍ୟଗୁଡ଼ିକୁ ଏକତ୍ରିତ କରି ଏହି ସମସ୍ୟାଗୁଡ଼ିକର ସମାଧାନ କରୁଛି।

‘ସେବା ତୀର୍ଥ’ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ କ୍ୟାବିନେଟ୍ ସଚିବାଳୟ ରହିଛି, ଯାହା ପୂର୍ବରୁ ଭିନ୍ନ ଭିନ୍ନ ସ୍ଥାନରେ ଅବସ୍ଥିତ ଥିଲା।‘କର୍ତ୍ତବ୍ୟ ଭବନ-୧ ଓ ୨’ରେ ଅର୍ଥ ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଶିକ୍ଷା ମନ୍ତ୍ରଣାଳୟ, ସଂସ୍କୃତି ମନ୍ତ୍ରଣାଳୟ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସମେତ ଅନେକ ପ୍ରମୁଖ ମନ୍ତ୍ରଣାଳୟ କାର୍ଯ୍ୟ କରିବ।

ଉଭୟ ବିଲ୍ଡିଂ କମ୍ପ୍ଲେକ୍ସରେ ଡିଜିଟାଲ୍ ସଂଯୁକ୍ତ କାର୍ଯ୍ୟାଳୟ, ସୁବ୍ୟବସ୍ଥିତ ସର୍ବସାଧାରଣ ଯୋଗାଯୋଗ ଜୋନ୍ ଏବଂ କେନ୍ଦ୍ରୀକୃତ ସ୍ୱାଗତ ସୁବିଧା ବା ରିସେପ୍ସନ ବ୍ୟବସ୍ଥା ରହିଛି। ଏହି ବୈଶିଷ୍ଟ୍ୟଗୁଡିକ ସହଯୋଗ, ଦକ୍ଷତା, ନିରବଚ୍ଛିନ୍ନ ଶାସନ, ଉନ୍ନତ ନାଗରିକ ସମ୍ପୃକ୍ତି ଏବଂ କର୍ମଚାରୀଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବ। ୪-ଷ୍ଟାର ଜିଆରଆଇଏଚ୍ଏ ମାନକ ଅନୁଯାୟୀ ପରିକଳ୍ପିତ ଏହି କମ୍ପ୍ଲେକ୍ସଗୁଡ଼ିକରେ ଅକ୍ଷୟ ଶକ୍ତି ବ୍ୟବସ୍ଥା, ଜଳ ସଂରକ୍ଷଣ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା ସମାଧାନ ଏବଂ ଉଚ୍ଚ-କ୍ଷମତା ସମ୍ପନ୍ନ ଅଟ୍ଟାଳିକା ଅନ୍ତର୍ଭୁକ୍ତ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ସହିତ ପରିବେଶ ଉପରେ ପଡୁଥିବା ପ୍ରଭାବକୁ ଯଥେଷ୍ଟ ହ୍ରାସ କରିବ। ବିଲ୍ଡିଂ ପରିସରରେ ସ୍ମାର୍ଟ ଆକ୍ସେସ୍ କଣ୍ଟ୍ରୋଲ ସିଷ୍ଟମ, ସର୍ଭ ?ଲାନ୍ସ ନେଟୱାର୍କ ଏବଂ ଉନ୍ନତ ଜରୁରୀକାଳୀନ ପ୍ରତିକ୍ରିୟା ଭିତ୍ତିଭୂମି ଭଳି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ ରହିଛି, ଯାହା ଅଧିକାରୀ ଏବଂ ପରିଦର୍ଶକଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସୁଗମ ପରିବେଶ ନିଶ୍ଚିତ କରିବ।

## ଓଡ଼ିଶାର ଶିଳ୍ପାୟନକୁ ନୂଆ ଗତି

### ୩୧ ପ୍ରକଳ୍ପକୁ ଜମି ଆବଣ୍ଟନ ପାଇଁ ମଞ୍ଜୁରୀ

ଭୁବନେଶ୍ୱର, ୧୨।୨(ମହାଭାରତ): ରାଜ୍ୟରେ ଶିଳ୍ପ ଓ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା ଦିଗରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଇଡ୍କୋ ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜମି ଆବଣ୍ଟନ କମିଟି ବୈଠକରେ ଦୀର୍ଘ ଦିନରୁ ଅଟକି ରହିଥିବା ୩୧ଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପ ପାଇଁ ଜମି ଆବଣ୍ଟନକୁ ଅନୁମୋଦନ କରାଯାଇଛି। ଭୁବନେଶ୍ୱରସ୍ଥିତ ଇଡ୍କୋ ଟାୱାରରେ ଅନୁଷ୍ଠିତ ଏହି ବୈଠକର ନିଷ୍ପତ୍ତି ରାଜ୍ୟରେ ବିପୁଳ ପୁଞ୍ଜିନିବେଶର ବାଟ ଫିଟିବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଏକ ବଡ଼ ଅଂଶ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଗଝଗର) କ୍ଷେତ୍ରର ହୋଇଥିବା ବେଳେ ଏଥିରେ ପୋଷାକ ଓ ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଇଞ୍ଜିନିୟରିଂ ଭଳି ବିଭିନ୍ନ ଉଦୀୟମାନ କ୍ଷେତ୍ରର ପ୍ରସ୍ତାବ ସାମିଲ ରହିଛି। ବିଶେଷ ଭାବରେ, ରାଜ୍ୟର ସନ୍ତୁଳିତ ବିକାଶକୁ ଗୁରୁତ୍ୱ ଦେଇ କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଅଣ-ଶିଳ୍ପାଞ୍ଚଳ ତଥା ପଛୁଆ ଜିଲ୍ଲାଗୁଡ଼ିକରେ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ପ୍ରଦାନ କରାଯାଇଛି। ସମସ୍ତ ଅଞ୍ଚଳରେ ଶିଳ୍ପାୟନର ସୁଫଳ ପହଞ୍ଚାଇବା ପାଇଁ ସରକାର ଏହି ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଉକ୍ତ ବୈଠକରେ ଏମଏସଏମଇ ବିଭାଗର କମିଶନର ତଥା ଇଡ୍କୋ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଡି. ପ୍ରଶାନ୍ତ କୁମାର ରେଡ୍ଡି, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ, ଶିଳ୍ପ ନିର୍ଦ୍ଦେଶିକା ସୁଶ୍ରୀ ଆବୋଲି ସୁନୀଲ ନରଭଣେ ଏବଂ ଓକାକ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ କୌସ୍ତୁଭ ଦୀପ୍ତ ପାଣିଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ଆସିବ ନୂଆ କ୍ୟୁଆର କୋର୍ଡ ପଟ୍ଟା

ଭୁବନେଶ୍ୱର, ୧୨।୨(ମହାଭାରତ): ଏଣିକି ଆଉ ଜମି କିଣାବିକାରେ ହୋଇପାରିବନି ଠକେଇ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଆସିବ ଇଲୋକ୍ଟ୍ରୋନିକ୍ସ ଯୁକ୍ତ କ୍ୟୁଆର କୋର୍ଡ ପଟ୍ଟା। ଏନେଇ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା

### ଜମି କିଣାବିକାରେ ଆଉ ହୋଇପାରିବନି ଠକେଇ

ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଖୁବଶୀଘ୍ର ଇଲୋକ୍ଟ୍ରୋନିକ୍ସ ଯୁକ୍ତ କ୍ୟୁଆର କୋର୍ଡ ଜମି ପଟ୍ଟା ଆସିବ। କ୍ୟୁଆର୍ କୋଡ୍ ସ୍କାନ୍ କଲେ ପଟ୍ଟାର ସମ୍ପୂର୍ଣ୍ଣ ଇତିହାସ ବାହାରିବ। ଜମି କିଣାବିକାରେ ଆଉ ଠକେଇ ହୋଇପାରିବନାହିଁ। ଏହି ଡିଜିଟାଲ୍ ଯାଞ୍ଚ ବ୍ୟବସ୍ଥା ଜମି କାରବାରରେ ଅଧିକ ସ୍ୱଚ୍ଛତା ଆଣିବ ବୋଲି ଆଶା କରାଯାଉଛି। ଲୋକଙ୍କୁ ଭୁଡାଇ ଜମି କିଣାବିକା ଉପରେ ରୋକ୍ ଲାଗିବ। ଯଦି, କେହି ଠକାମୀର ଚେଷ୍ଟା କଲେ ତାହେଲେ ସିଧା ତହସିଲଦାର ଓ ଜଓଙ୍କ ପାଖକୁ ଖବର ଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ ଭାବେ ଦୋହରାଇଛନ୍ତି।

## ଓଡ଼ିଶାରେ ଭାରତ ବନ୍ଦର ପ୍ରଭାବ



ଭୁବନେଶ୍ୱର, ୧୨।୨(ମହାଭାରତ): ୧୦ଟି ଶ୍ରମିକ ଓ ସ୍ୱାଧୀନ ଫେଡେରେସନ୍ ପକ୍ଷରୁ ଆଜି ୧୨ ଘଣ୍ଟିଆ ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଛି। କେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦେଶବ୍ୟାପୀ ଜାରି ରହିବ। ଓଡିଶାରେ ଶ୍ରମିକ ସଂଗଠନଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ରେଳ ରୋକ, ପିକେଟିଂ ଓ ବିକ୍ଷୋଭ ଚାଲିଛି। ଶ୍ରମିକ ସଂଗଠନମାନଙ୍କ ଏହି ସର୍ବଭାରତୀୟ ଧର୍ମଘଟକୁ ଓଡିଶାରେ କଂଗ୍ରେସ ଓ ବିଜେଡି (ବିଜୁ ଶ୍ରମିକ ସାମ୍ମୁଖ୍ୟ) ସମର୍ଥନ ଘୋଷଣା କରିଛି। ଅନ୍ୟ ସଂଗଠନମାନେ ମଧ୍ୟ ଏହି ଧର୍ମଘଟକୁ ସମର୍ଥନ ଜଣାଇଥିବାରୁ ରାଜ୍ୟରେ ସ୍କୁଲ, କଲେଜ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ଓ ପରିବହନ ସେବା ବାଧାପ୍ରାପ୍ତ ହୋଇଛି। ମୟୂରଭଂଜ ଜିଲ୍ଲା ବାଙ୍ଗିରିପୋଷି ଜାତୀୟ ରାଜପଥ-୪୯ ବିଶୋଇ - କୋଲକାତା ରୋଡ ବନ୍ଦ କରିଛନ୍ତି ବିକ୍ଷୋଭକାରୀ।

ବିଭିନ୍ନ ଦାବି ନେଇ ଆଜି କେନ୍ଦ୍ରୀୟ ମିଳିତ ଶ୍ରମିକ ସଂଗଠନର ଭାରତ ବନ୍ଦର ପ୍ରଭାବ ରାଉରକେଲାରେ ଦେଖିବାକୁ ମିଳିଛି। ସିଆଟିୟୁର ରାଷ୍ଟ୍ରୀୟ ଉପ ସଭାପତି ବିଷ୍ଣୁ ମହାନ୍ତି ଓ ଅନ୍ୟ ଶ୍ରମିକ ସଂଗଠନ ନେତାଙ୍କ ନେତୃତ୍ୱରେ ବିଶ୍ରା ଛକ ସହ ଅନ୍ୟ ପ୍ରମୁଖ ଛକରେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ। ଆନ୍ଦୋଳନରେ ସହରରେ ୮ରୁ ଅଧିକ ଶ୍ରମିକ ସଂଗଠନ ସାମିଲ ହୋଇଥିଲେ । ପାନପୋଷ, ବେଦବ୍ୟାସ, ରଙ୍ଗିଲା ଆଦି ଛକରେ ଜାତୀୟ ରାଜପଥ ଅବରୋଧ କରିଥିଲେ । ରାଉରକେଲା ନୂଆ ବସଷ୍ଟାଣ୍ଡରେ ବସ୍ ସେବା ବନ୍ଦ ରହିଥିବାବେଳେ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଯାଜପୁର ସହରର ମେଡିକାଲ ଛକରେ ଏସୟୁସିଆଇ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା। ସେହିପରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଇଛି। ସହରରେ ଦୋକାନ ବଜାର ବନ୍ଦ ଥିବାବେଳେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ସହରରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି । ଶ୍ରମ ଆଇନ ସଂଶୋଧନ, ଅତ୍ୟାବଶ୍ୟକ ଦ୍ରବ୍ୟର ଦରଦାମ୍ ବୃଦ୍ଧି, ଅଧିଗ୍ରହଣ ବିଲ ବାତିଲ କରିବା ସହ ରାଷ୍ଟ୍ରାୟତ ସଂସ୍ଥାରୁ ପୁଞ୍ଜି ପ୍ରତ୍ୟାହାର ଓ ବ୍ୟାଙ୍କ, ବୀମା, ପ୍ରତିରକ୍ଷା ରେଳ ବିଭାଗରେ ବିଦେଶୀ ପୁଞ୍ଜି ନିବେଶ ବନ୍ଦ କରିବା ଆଦି ଦାବି ନେଇ ଆଜି ଭାରତ ବନ୍ଦ କରାଯାଇଛି।

ସେହିପରି ମୟୁରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସହର ସମେତ ଆଖପାଖ ଅଞ୍ଚଳରେ ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ପରିବହନ ସେବା ବାଧାପ୍ରାପ୍ତ ହୋଇଛି । ସକାଳୁ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବସଷ୍ଟାଣ୍ଡରେ ଯାତ୍ରୀମାନେ ଦୂରଦୂରାନ୍ତକୁ ଯିବା ପାଇଁ ଅପେକ୍ଷା କରି ରହିଥିବା ବେଳେ ଗାଡ଼ି ନ ମିଳିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ରତ୍ନଭଣ୍ଡାର ଗଣତି ମଣତି ପ୍ରସଙ୍ଗ

## ୩ ମାସରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ, ୧୨।୨(ନି.ପ୍ର.): ରତ୍ନଭଣ୍ଡାର ଚାବି ହଜିବା ରିପୋର୍ଟ ନେଇ ହାଇକୋର୍ଟ ଆଜି ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ବିଧାନସଭା ଅଧିବେଶନରେ ରିପୋର୍ଟ ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୩ ମାସ ମଧ୍ୟରେ ଗଣତି ମଣତି କାର୍ଯ୍ୟ ସମ୍ପୂର୍ଣ୍ଣ ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ଜଗନ୍ନାଥପ୍ରେମୀଙ୍କ ମନକୁ ଗଭୀର ଆଘାତ ଦେଇଥିଲା। ୨୦୧୮ ମସିହାରେ ଚାବି ହଜିଥିବା ବେଳେ ତଦନ୍ତ ନେଇ ଏକ କମିଶନ ମଧ୍ୟ ଗଠନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ରତ୍ନଭଣ୍ଡାରରେ ପାଣି ଜମିବା ପ୍ରସଙ୍ଗ ଉଠିଥିଲା। ତେବେ ଏହି ପ୍ରସଙ୍ଗରେ ହାଇକୋର୍ଟ ଅନେକ ବାର ନିର୍ଦ୍ଦେଶ ଦେଇଥିଲେ। ଏଏସଆଇ ପକ୍ଷରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରାଯାଇଥିଲା। ତେବେ ଏହି କାର୍ଯ୍ୟ ଶେଷ ହେବା ପରେ ଗଣତିମଣତି ସାରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଓଟିଇଟି ପରୀକ୍ଷା ଫଳ ପ୍ରକାଶିତ

### ୨ ପେପରରେ ୧ ଲକ୍ଷ ୬ ହଜାର ୪୧ କୃତକାର୍ଯ୍ୟ

ଭୁବନେଶ୍ୱର, ୧୨।୨(ମହାଭାରତ.): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-୨୦୨୫ର ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି । ପେପର୍-୧ରେ ୭୧.୧୬ ପ୍ରତିଶତ ପାସ୍ ହାର ରହିଥିବାବେଳେ ପେପର୍-୨ରେ ୬୮.୦୬ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଦୁଇଟି ପେପରେ ମୋଟ ୧ ଲକ୍ଷ ୬ ହଜାର ୪୧ ଜଣ କୃତକାର୍ଯ୍ୟ ହୋଇଛନ୍ତି ।

ଗତ ଡିସେମ୍ବର ୧୭ ତାରିଖରେ ଓଟିଇଟି-୨୦୨୫ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏଥିରେ ୧ ଲକ୍ଷ ୬୦ ହଜାର ୪୨୦ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୫୩ ହଜାର ୭୪୭ ଜଣ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ପେପର୍-୧ରେ ୪୭ ହଜାର ୭୩୧ ଜଣ ଆବେଦନ କରିଥିବାବେଳେ ୪୫ ହଜାର ୯୧ ଜଣ ପରୀକ୍ଷା ଦେଇଥିଲେ ଏବଂ ୨ ହଜାର ୬୪୦ ଜଣ ଅନୁପସ୍ଥିତ ଥିଲେ । ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨ ହଜାର ୮୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ପେପର୍-୨ରେ ୧ ଲକ୍ଷ ୧୨ ହଜାର ୬୮୯ ଜଣ ଆବେଦନ କରିଥିବା ୧ ଲକ୍ଷ ୮ ହଜାର ୬୫୬ ଜଣ ପରୀକ୍ଷା ଦେଇଥିବାବେଳେ ୪ ହଜାର ୩୩ ଜଣ ଅନୁପସ୍ଥିତ ରହିଥିଲେ । ପେପର୍-୨ରେ ୭୩ ହଜାର ୯୫୪ ଜଣ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟର ୱେବସାଇଟରେ ପରୀକ୍ଷାର୍ଥୀମାନେ ନିଜର ଫଳାଫଳ ଦେଖି ପାରିବେ । ସେହିପରି ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀମାନେ ସେମାନଙ୍କର ମାର୍କଲିଷ୍ଟର ହାର୍ଡକପି ୱେବସାଇଟରେ ଟଙ୍କା ପୈଠ କରି ନେଇପାରିବେ । ଯେଉଁମାନେ କୃତକାର୍ଯ୍ୟ ହୋଇନାହାଁନ୍ତି ସେମାନେ ନିଜର ଓଏମଆର୍ ସିଟ୍ ହାର୍ଡକପି ମଧ୍ୟ ନେଇ ପାରିବେ ।

ଆସନ୍ତା ମେ ତୃତୀୟ ସପ୍ତାହରେ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ବା ଓଟିଇଟି-୨୦୨୬ ପରୀକ୍ଷା ଅନୁଷ୍ଠିତ ହେବ । ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏ ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅନଲାଇନ୍ ଆବେଦନ ପ୍ରକ୍ରିୟା, ଯୋଗ୍ୟତା ମାନଦଣ୍ଡ, ପରୀକ୍ଷା ତାରିଖ ଏବଂ ସିଲାବସ୍ ଇତ୍ୟାଦି ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ ବୋଲି ବିଏସଇ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି।

## ଚଳିତ ମାସ ଶେଷ ସପ୍ତାହରେ ରାଜ୍ୟସଭା ପାଇଁ ବାଜିବ ନିର୍ବାଚନ ବିଗୁଲ୍

ଭୁବନେଶ୍ୱର: ଓଡ଼ିଶାରୁ ରାଜ୍ୟସଭାର ୪ଟି ଆସନ ଏପ୍ରିଲ ପ୍ରଥମ ସପ୍ତାହରେ ଖାଲି ହେବାକୁ ଯାଉଛି। ଏଥିପାଇଁ ଚଳିତ ମାସ ଶେଷ ସପ୍ତାହରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାକୁ ନେଇ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ରାଜନୈତିକ ଗତିବିଧି ବୃଦ୍ଧି ପାଇଛି। ରାଜ୍ୟସଭାରେ ବର୍ତ୍ତମାନ ବିଜେଡିର ୭ ଓ ବିଜେପିର ୩ ସାଂସଦ ରହିଛନ୍ତି। ଆସନ୍ତା ଏପ୍ରିଲ ୨ରେ ବିଜେପିର ସୁଜିତ କୁମାର ଓ ମମତା ମହନ୍ତ ଏବଂ ବିଜେଡିର ମୁଜିବୁଲ୍ଲା ଖାନ୍ ଓ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଶେଷ ହେବ। ବର୍ତ୍ତମାନ ବିଧାନସଭାରେ ବିଜେପିର ୭୯, ବିଜେଡିର ୫୦, କଂଗ୍ରେସର ୧୪ ଓ ସିପିଆଇ (ଏମ୍ର ଜଣେ ବିଧାୟକ ଅଛନ୍ତି। ତିନିଜଣ ସ୍ୱାଧୀନ ବିଧାୟକ ବିଜେପିକୁ ସମର୍ଥନ କରୁଛନ୍ତି। ସଂଖ୍ୟା ଆଧାରରେ ୩ଟି ଆସନ ପାଇଁ ବିଜେପି ଓ ବିଜେଡି ପାଖରେ ସ୍ପଷ୍ଟ ବହୁମତ ଥିବାରୁ ୪ର୍ଥ ଆସନକୁ ନେଇ ରାଜନୈତିକ ଛକାପଞ୍ଝା ସୃଷ୍ଟି ହୋଇପାରେ। ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କ ଭୋଟ କୁଆଡ଼ ଯିବ ତାହା ଉପରେ ସମସ୍ତଙ୍କ ନଜର ରହିବ। କ୍ରସ୍ ଭୋଟିଂ ଓ ଘୋଡ଼ା ବେପାର ଆଶଙ୍କା ମଧ୍ୟ ରହିଛି। ବିଜେପି ୪ର୍ଥ ଆସନ ଜିତିବା ଦାବି କରୁଥିବା ବେଳେ ବିଜେଡି ନିଜ ରଣନୀତି ସ୍ପଷ୍ଟ କରିନାହିଁ। କଂଗ୍ରେସ-ବିଜେଡି ମିଳିତ ପ୍ରାର୍ଥୀ ସମ୍ଭାବନା ନେଇ ଆଲୋଚନା ଚାଲିଥିଲେ ମଧ୍ୟ ସମୀକ୍ଷକମାନଙ୍କ ମତରେ ଏହାର ସମ୍ଭାବନା କମ୍। ଏପରିପରିସ୍ଥିତିରେ ୪ର୍ଥ ଆସନର ଫଳାଫଳ ଉପରେ ସମସ୍ତଙ୍କ ନଜର ରହିଛି।

### ଡିଜିଟାଲ ଆରେଷ୍ଟ

## ନିଜ ଘରେ ୩୫ ଘଣ୍ଟା ବନ୍ଦୀ ରହିଲେ ବୃଦ୍ଧ ଦମ୍ପତି

ଭୁବନେଶ୍ୱର, ୧୨।୨(ମହାଭାରତ): ଦେଢ ଦିନ ଯାଏଁ ବୃଦ୍ଧ ଦମ୍ପତିଙ୍କୁ ନଜରବନ୍ଦୀ। ଚାଲାଖି କରିବାରୁ ଅଳ୍ପକେ ବଞ୍ଚିଗଲା କୋଟିଏ ଟଙ୍କା। ଆଧାରକାର୍ଡରେ ଆତଙ୍କବାଦୀଙ୍କ ଲିଙ୍କ ରହିଥିବା କହି ବରିଷ୍ଠ ନାଗରିକଙ୍କୁ ୩୫ ଘଣ୍ଟା ଧରି ଡିଜିଟାଲ ଆରେଷ୍ଟ କରିଥିଲେ ଲୁଟେରା। ରାଜଧାନୀ ଭୁବନେଶ୍ୱରରେ ଘଟିଛି ଏଭଳି ଚାଞ୍ଚଲ୍ୟକର ଘଟଣା।

ଭୁବନେଶ୍ୱରର ନୟାପଲ୍ଲୀରେ ବାସ କରୁଥିବା ନାଲକୋର ଜଣେ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଓ ତାଙ୍କ ଅବସରପ୍ରାପ୍ତ ଅଧ୍ୟାପିକା ପତ୍ନୀ



ସାଇବର ଠକଙ୍କ ଜାଲରେ ପଡିଥିଲେ। ନିଜ ଘରେ ୩୫ ଘଣ୍ଟା ଧରି ଡିଜିଟାଲ ଆରେଷ୍ଟର ଶିକାର ହୋଇଥିଲେ। ସବୁ ଡକ୍ୟୁମେଣ୍ଟ ଅନ ଲାଇନରେ ନେଇଛନ୍ତି ସାଇବର ଲୁଟେରା।

ଅଭିଯୋଗ ଅନୁସାରେ, ଏକ ଅଜଣା ନମ୍ବରରେ ଦୁର୍ବୃତ୍ତ କଲ୍ କରି ନିଜକୁ ପୋଲିସର ପରିଚୟ ଦେଇ ଉଭୟଙ୍କୁ ଭୟ ଦେଖାଇଥିଲେ। ତାଙ୍କ ଆଧାର କାର୍ଡ ଆତଙ୍କବାଦୀ ବ୍ୟବହାର କରୁଥିବା କହିଥିଲେ। ଆତଙ୍କବାଦ ଲିଙ୍କ ଅଭିଯୋଗରେ ସେମାନଙ୍କୁ ଗିରଫ କରାଯିବ ଏବଂ ବିନା ଅନୁମତିରେ ପାଦେ ବି ନଘୁଞ୍ଚିବାକୁ ଧମକ ଦେଇଥିଲେ। ମାମଲାରୁ ବର୍ତ୍ତିକୁ କୋଟିଏ ଟଙ୍କା ମାଗିଥିଲେ ସାଇବର ଠକ। ଭୟରେ ପ୍ରାୟ ୩୫ ଘଣ୍ଟା ଧରି ଠକଙ୍କ କଥାରେ ଘରେ ନଜରବନ୍ଦୀ ହୋଇ ରହିଲେ ଦମ୍ପତି। ତେବେ ଟଙ୍କା ପଠାଇବାକୁ ବ୍ୟାଙ୍କ ଯାଇଥିବା ବେଳେ ଠକର ଆକାଉଣ୍ଟଟି ଅଚଳ ବୋଲି ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଅଧିକ ଖୋଳତାଡ଼ ପରେ ସେମାନେ ଠକେଇର ଶିକାର ହୋଇଥିବା ଜଣାପଡିଥିଲା। ତୁରନ୍ତ ସାଇବର ଥାନାକୁ ଜଣାଇବା ସହିତ ଏକ ବଡ଼ ଧରଣର ଠକେଇରୁ ବର୍ତ୍ତି ଯାଇଛନ୍ତି ଦମ୍ପତି।

### ପୀତବାସ ପଣ୍ଡା ହତ୍ୟା ମାମଲା

## କୁଆଡ଼େ ଗଲା ପେନ୍ ଡ୍ରାଇଭ୍

ବ୍ରହ୍ମପୁର, ୧୨।୨(ମହାଭାରତ: ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ତାଙ୍କ ବିକ୍ରମ ପଣ୍ଡାଙ୍କ ଓକିଲ ବଡ଼ ଅଭିଯୋଗ ଆଣିଛନ୍ତି । ପୀତବାସଙ୍କ ସିକ୍ରେଟ ଚ୍ୟାମ୍ବରରୁ ମିଳିଥିବା ପେନଡ୍ରାଇଭ୍ କୁଆଡ଼ ଗଲା ବୋଲି ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ତାକୁ କୋର୍ଟରେ ଦାଖଲ କରାଯାଇ ନାହିଁ ବୋଲି ଓକିଲ ଦୀପକ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ପୀତବାସଙ୍କ ହତ୍ୟା ପରେ ତାଙ୍କ ଦେହରେ ଥିବା ପଇତାରୁ ଗୋଟିଏ ଚାବି ମିଳିଥିଲା । ସେ ଚାବିରେ ପୀତବାସଙ୍କ ବାସଭବନରେ ଥିବା ଏକ ସିକ୍ରେଟ ଚ୍ୟାମ୍ବର ଖୋଲାଯାଇଥିଲା । ପୀତବାସଙ୍କ ପତ୍ନୀ ସୁସ୍ମିତାଙ୍କ ଉପସ୍ଥିତିରେ ଚ୍ୟାମ୍ବର ଖୋଲାଯାଇ ସେଥିରୁ ଗୋଟିଏ ପେନ୍ ଡ୍ରାଇଭ୍ ମିଳିଥିଲା । ଉକ୍ତ ପେନ୍ ଡ୍ରାଇଭ୍ ପୋଲିସ ଜବତ କରିଥିଲା । ସେଥିରେ ବିକ୍ରମ ପଣ୍ଡାଙ୍କ ଆପତ୍ତି ଜନକ ଫଟୋ ଥିବା କୁହାଯାଉଛି । ଯେଉଁଥିରେ ସେ ଜଣେ ମହିଳାଙ୍କ ସହିତ ଶୋଇଛନ୍ତି, ତା ସହିତ ମଦ ଗ୍ଲାସ୍ ମଧ୍ୟ ଥିଲା ବୋଲି ଚାର୍ଜସିଟରେ ଉଲ୍ଲେଖ କରାଯାଇଛି ।

କିନ୍ତୁ ସେହି ପେନ୍ ଡ୍ରାଇଭକୁ କାହିଁକି ପୋଲିସ କୋର୍ଟରେ ପ୍ରମାଣ ସ୍ୱରୂପ ଦାଖଲ କରି ନାହିଁ ବୋଲି ବିକ୍ରମଙ୍କ ଓକିଲ ଦାବି କରିଛନ୍ତି । ସେ କହିଛନ୍ତି ଯେ ଏଆଇରେ ଅନେକ ଫଟୋ ଆସୁଛି । ତେଣୁ ସେହି ପେନ୍ ଡ୍ରାଇଭ ଏବଂ ଫଟୋକୁ ଫରେନସିକ୍ ପରୀକ୍ଷା ପାଇଁ ପଠାଯାଉ ବୋଲି ସେ ଦାବି କରିଛନ୍ତି । ସେହି ବିକ୍ରମଙ୍କ ପକ୍ଷରୁ କୋର୍ଟରେ ଉକ୍ତ ଜବତ ସାମଗ୍ରୀର କପି ଦେବାକୁ ଆବେଦନ କରାଯାଇଛି ।

## ଭାରତ ବୋଧନ ଏଆଇ କନକ୍ଲେଭର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨।୨(ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀ ଠାରେ ଆୟୋଜିତ ’ଭାରତ ବୋଧନ ଏଆଇ କନକ୍ଲେଭ’ରେ ଯୋଗଦେଇ ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ସାମର୍ଥ୍ୟ ଉପରେ ଆଲୋକପାତ କରିଛନ୍ତି। ଭାରତକୁ ଏକ ’ଏଆଇ ଲିଡର’ ଦେଶ ଭାବେ ଗଢିତୋଳିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପକୁ ଦୋହରାଇ ସେ ଶିକ୍ଷା କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଶିକ୍ଷା ପ୍ରକ୍ରିୟାକୁ ସହଜ ଓ ପ୍ରଭାବଶାଳୀ କରିବା ପାଇଁ ’ବୋଧନ ଏଆଇ’ର ଶୁଭାରମ୍ଭ କରାଯାଇଛି। ଏହା ଶିକ୍ଷକମାନଙ୍କୁ ସହାୟତା କରିବା ସହ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ଶିକ୍ଷା ପ୍ରଦାନରେ ସହାୟକ ହେବ। ଏଆଇ କେବଳ ଇଂରାଜୀ ଭାଷାରେ ସୀମିତ ନ ରହି ଭାରତୀୟ ଭାଷାଗୁଡ଼ିକରେ ଉପଲବ୍ଧ ହେବା ଉଚିତ୍। ଏହା ଦ୍ୱାରା ଗ୍ରାମାଞ୍ଚଳର ଶେଷ ଧାଡ଼ିର ବିଦ୍ୟାର୍ଥୀ ମଧ୍ୟ ନିଜ ମାତୃଭାଷାରେ ଜଟିଳ ବିଷୟଗୁଡ଼ିକୁ ସହଜରେ ବୁଝିପାରିବେ। ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଭାରତକୁ ’ ଏଆଇ -ପ୍ରସ୍ତୁତ’ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସେ ମଧ୍ୟ ନୈତିକ, ଦାୟିତ୍ୱସମ୍ପନ୍ନ ଏବଂ ସମାବେଶୀ ଏଆଇ ର ବିକାଶ ତଥା ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭାରତର ଏଆଇ ନିଜସ୍ୱ ଶୈଳୀରେ ସମାବେଶୀ, ସଂରଚନାରେ ପରସ୍ପର ସହଯୋଗୀ ଏବଂ ସାମର୍ଥ୍ୟରେ ସାର୍ବଭୌମ ହେବ। ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ କରିବା ଏବଂ ଶିକ୍ଷକମାନଙ୍କୁ ସହାୟତା କରିବା ପାଇଁ ଆମକୁ ଶିକ୍ଷା କ୍ଷେତ୍ରରେ ଏଆଇ କୁ ସାମିଲ କରିବାକୁ ହେବ। ଶିକ୍ଷାର ରୂପାନ୍ତରଣ ଏବଂ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ମୁଁ ସମସ୍ତ ଅଂଶୀଦାରମାନଙ୍କୁ ମାପଯୋଗ୍ୟ ଦାୟିତ୍ୱସମ୍ପନ୍ନ, ନୈତିକ, ସମାବେଶୀ ଏବଂ ଭାରତ-କେନ୍ଦ୍ରିତ ସାର୍ବଭୌମ ଏଆଇ ମଡେଲ୍ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଛନ୍ତି।

ଆଇଆଇଟି ବମ୍ବେ ଏବଂ ଆମେରିକାର କଲମ୍ବିଆ ୟୁନିଭରସିଟି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ମାନୁଫାକଚରିଂ କ୍ଷେତ୍ରରେ ଏଆଇର ବ୍ୟବହାର ପାଇଁ ଏକ ଯୁଗ୍ମ ଗବେଷଣା କେନ୍ଦ୍ର ସ୍ଥାପନ କରାଯିବ। ଏଆଇ ମାଧ୍ୟମରେ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଓ ନୂତନ ପାଠ୍ୟକ୍ରମର ସରଳିକରଣ ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

## କାଜୁ ପନିର



ଆବଶ୍ୟକ ସାମଗ୍ରୀ: ପନିର , କାଜୁ ପେଷ୍ଟ, ପିଆଜ ରସୁଣ ପେଷ୍ଟ, ଏକ ଛାଟ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ,ଏକ ବଡ଼ ଚାମଚ ଟମୋଟା ପ୍ୟୁରି, ହଳଦୀ, ଧନିଆ ପାଉଡର, କାଶ୍ମୀରି ଲଙ୍କା ପାଉଡର, ଏକ ବଡ଼ ଚାଁମଚ କ୍ରିମ୍, ଜିରା, ଗରମମସଲା, ଲୁଣ ସ୍ୱାଦ ଅନୁସାରେ, ଧନିଆପତ୍ର, ଭଜା ହୋଇଥିବା କାଜୁ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପନିରକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। କମ୍ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ କଟା ପିଆଜକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଯେତେବେଳେ ପିଆଜ ଭାଜି ହୋଇଯିବ ତାକୁ ଏକ ପ୍ଲେଟକୁ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପିଆଜ ଥଣ୍ଡା ହେଲା ପରେ ତାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। କଡେଇରେ ଜିରା, ପିଆଜ ପେଷ୍ଟ, ଅଦା କଞ୍ଚାଲଙ୍କା ପେଷ୍ଟ ଓ ରସୁଣ ପେଷ୍ଟ ପକାଇ କଷନ୍ତୁ। ମସଲା କଷି ହୋଇଗଲା ପରେ ଟମାଟୋ ପ୍ୟୁରି ପକାନ୍ତୁ। ଟମାଟୋ ପ୍ୟୁରି ଭଲଭାବେ କଷି ହେଲା ପରେ ହଳଦୀ, ଧନିଆ ପାଉଡର, କାଶ୍ମୀର ମିର୍ଚ୍ଚ ଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ମସଲା ଭଲଭାବେ କଷି ହୋଇଗଲା ପରେ ସେଥିରେ କ୍ରିମ୍, କାଜୁ ପେଷ୍ଟ, ଲୁଣ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ପରେ ପାଣି ଦେଇ ତାକୁ କିଛି ସମୟ ଫୁଟିବାକୁ ଦିଅନ୍ତୁ। ଏହି ଗ୍ରେଭି ଫୁଟିବା ମାତ୍ରେ କଟା ପନିରକୁ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ ଚୁଲା ବନ୍ଦ କରିଦିଅନ୍ତୁ। ଆଞ୍ଚ ବନ୍ଦ କରିବା ମାତ୍ରେ ଗରମମସଲା ମିଶାନ୍ତୁ। ଏବେ ଆପଣଙ୍କ କାଜୁ ପନିର ପ୍ରସ୍ତୁତ ହୋଇଗଲା। ପରେ ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରିସାରିବା ପରେ ପରଷନ୍ତୁ।

..... ପରଦା ଖବର ......

# ସଲମାନ ଖାନଙ୍କ ପରେ ତାଙ୍କ ଭିଣେଇଙ୍କୁ ହତ୍ୟା ଧମକ



ବଲିଉଡ୍ ଅଭିନେତାଙ୍କ ସୁରକ୍ଷାକୁ ପୁଣି ଥରେ ପ୍ରଶ୍ନ କରାଯାଉଛି, ଯାହା ସେମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବିଯାଇଛି । ନିକଟରେ ସଲମାନ ଖାନଙ୍କ ଭିଣେଇ ଏବଂ ଅଭିନେତା ଆୟୁଷ ଶର୍ମାଙ୍କୁ ଇମେଲ୍ ମାଧ୍ୟମରେ ଏକ ଧମକ ମିଳିଛି । ଆୟୁଷ ପୂର୍ବରୁ, ରଣବୀର ସିଂହଙ୍କୁ ବିଷ୍ଣୋଇ ଗ୍ୟାଙ୍ଗ ନାମରେ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି । ଉଭୟ ମାମଲା ମୁମ୍ବାଇ ପୋଲିସ ଏବଂ କ୍ରାଇମ୍ ବ୍ରାଞ୍ଚର ସତର୍କତା ବୃଦ୍ଧି କରିଛି । ତଦନ୍ତ ସମୟରେ, ଅନେକ ଗୁରୁତ୍ୱପୂର୍ଣ୍ଣ ଡିଟେଲ୍ ସାମ୍ନାକୁ ଆସିଛି ।କିଛି ସମୟ ଧରି ଫିଲ୍ମ ଷ୍ଟାରମାନଙ୍କୁ ଧମକ ମିଳୁଛି ଏବଂ ଅଧିକାଂଶ ମାମଲାରେ, ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଗ୍ୟାଙ୍ଗ ଏଥିରେ ସମ୍ପୃକ୍ତ ଅଛି । ପୋଲିସ ଏହି ମାମଲାଗୁଡ଼ିକର ତଦନ୍ତ କରୁଛି ଏବଂ ସତର୍କତା ଅବଲମ୍ବନ କରୁଛି । ଏହି ମାମଲାରେ ଜଣାପଡିଛି ଯେ ଆୟୁଷ ଶର୍ମାଙ୍କୁ ଯେଉଁ ଧମକପୂର୍ଣ୍ଣ ଇମେଲ୍ ମିଳିଥିଲା, ତାହା ପ୍ରୋଟନ୍ ଇମେଲ୍ ମାଧ୍ୟମରେ ପଠାଯାଇଥିଲା ।ପ୍ରେଟନ୍ଇମେଲ୍ ଏହାର ସୁରକ୍ଷା ଏବଂ ଏନକ୍ରିପ୍ସନ୍ ପାଇଁଜଣାଶୁଣା, ଯାହା ପ୍ରେରକଙ୍କ ପରିଚୟ ଖୋଜିବା କଷ୍ଟକର ହୋଇଥାଏ ।

## ଶିବଙ୍କ ପ୍ରସିଦ୍ଧ ଶିଷ୍ୟ

ଭଗବାନ ଶିବଙ୍କୁ ଆଦି ଗୁରୁ କୁହାଯାଏ। ମହାଦେବଙ୍କ କୌଣସି ଆଦି କିମ୍ବା ଅନ୍ତ ନାହିଁ । ତାଙ୍କ ଉତ୍ପତି କିମ୍ବା ଅନ୍ତ ବିଷୟରେ କିଛି ଜଣାଯାଏ ନାହିଁ । ସେ ପରମପିତା ପରମେଶ୍ୱର । ଭଗବାନ ଶିବ ଗୁରୁ ଭାବେ ଅନେକ ଶିଷ୍ୟଙ୍କୁ ଜ୍ଞାନ ପ୍ରଦାନ କରିଥିଲେ । ତାଙ୍କୁ ସୃଷ୍ଟିର ପ୍ରଥମ ଗୁରୁ କୁହାଯାଏ । ଭଗବାନ ବିଷ୍ଣୁଙ୍କ ଅବତାର ପର୍ଶୁରାମ ଅସ୍ତ୍ରଶସ୍ତ୍ର ଶିକ୍ଷା ମହାଦେବଙ୍କ ଠାରୁ ଗ୍ରହଣ କରିଥିଲେ । ଶିବଙ୍କ ଦ୍ୱାରା ପ୍ରଦତ୍ତ ପର୍ଶୁ(ପର୍ଶୁ) କାରଣରୁ ଋଷି ଜମଦଗ୍ନିଙ୍କ ପୁତ୍ର ରାମଙ୍କ ନାମ ପର୍ଶୁରାମ ହୋଇଥିଲେ । ଏହି ମହା ଅସ୍ତ୍ର ଦ୍ୱାରା ପର୍ଶୁରାମ ପୃଥିବୀକୁ ୨୧ ଥର କ୍ଷତ୍ରିୟ ମୁକ୍ତ କରିଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ନାଗରାଜ ବାସୁକୀଙ୍କ ଭଉଣୀ ଜରତ୍କାରୁଙ୍କ ଗୁରୁ ମଧ୍ୟ ଭଗବାନ ଶିବ ଥିଲେ । ଦାନବମାନଙ୍କର ଗୁରୁ ଶୁକ୍ରାଚାର୍ଯ୍ୟ



ଭଗବାନ ଶିବଙ୍କ ଠାରୁ ମୃତ ସଞ୍ଜିବନୀ ବିଦ୍ୟା ଗ୍ରହଣ କରିଥିଲେ । ଥରେ ଦେବତା ଏବଂ ଦାନବଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଥିଲା । ଦେବତାମାନେ ବିଜୟୀ ହେବା ସହିତ ରାକ୍ଷସମାନଙ୍କୁ ବଧ କରିଥିଲେ । ମାତ୍ର ଶୁକ୍ରାଚାର୍ଯ୍ୟ ନିଜ ମୃତ ସଞ୍ଜିବନୀ ବିଦ୍ୟା ବଳରେ ପୁଣିଥରେ ଅସୁରମାନଙ୍କୁ ଜୀବନଦାନ ଦେଇଥିଲେ । ଏହା ଦେଖି ଶୁକ୍ରାଚାର୍ଯ୍ୟଙ୍କୁ ଭଗବାନ ଶିବ ଗିଳି ଦେଇଥିଲେ । ଯୁଦ୍ଧ ଶେଷ ହେବା ପରେ ତାଙ୍କୁ ବାହାରକୁ ବାହାର କରିଥିଲେ । ଶିବଙ୍କ ଦ୍ୱାରା ପୁନଃ ଉତ୍ପନ୍ନ ହୋଇଥିବା କାରଣରୁ ମାତା ପାର୍ବୀତ ଶୁକ୍ରାଚାର୍ଯ୍ୟଙ୍କୁ ନିଜ ପୁତ୍ର ରୂପେ ଗ୍ରହଣ କରିଥିଲେ ।

# ଖଜୁରୀ ଖାଇବାର ଫାଇଦା

ଯଦି ଆପଣ ଡ଼ାଏଟରେ ମିଠା ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛନ୍ତି ତେବେ ଏଥିରେ କିଛି ଭୁଲ ନାହିଁ। ଏହା ପରିବର୍ତ୍ତେ,ଆପଣ ଶକ୍ତି ପାଇବେ ଏବଂ ଫିଟ ଅନୁଭବ କରିବେ। ଯଦି ଆପଣ ଖଜୁର ଖାଇବାକୁ ପସନ୍ଦ କରନ୍ତି । ତେବେ ଏହା ଆପଣଙ୍କ ପାଇଁ ଅଧିକ ଖୁସି ଖବର। ଖଜୁର ଉଭୟ ଶରୀର ଏବଂ ମନ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ।

ଆପଣ ଜାଣନ୍ତି କି,ଗୋଟିଏ ସପ୍ତାହ ପାଇଁ ପ୍ରତିଦିନ ତିନିଟି ଖଜୁର ଖାଇ ଆପଣ ଅନେକ ରୋଗ ଦୂର କରିପାରିବେ। ଆସନ୍ତୁ ଜାଣିବା ପ୍ରତିଦିନ ଖଜୁର ଖାଇବାର ଉପକାର।

ଖଜୁରରେ କୋଲନ କର୍କଟ ହେବାର ଆଶଙ୍କା କମଥାଏ। ହଜମ ପାଇଁ ଖଜୁର ଭଲ ବୋଲି ବିବେଚନା କରାଯାଏ। ପ୍ରତିଦିନ ଖଜୁରୀ ଖାଇବା ପେଟକୁ ଠିକ ରଖେ ଏବଂ କ୍ଷତିକାରକ ଜୀବାଣୁ ମଧ୍ୟରେ ଦୂରରେ ରୁହନ୍ତି। ହଜମ ପ୍ରକିୟା ଠିକ ଭାବରେ ପରିଚାଳିତ ହେଲେ କୋଲନ କର୍କଟ ହେବାର ଆଶଙ୍କା କମିଯାଏ।

ଖଜୁରୀ ସବୁବେଳେ ଶକ୍ତି ଦେଇଥାଏ। ଖଜୁରୀ ଗୁଡ଼ିକରେ ପ୍ରାକୃତିକଚିନି,ଗ୍ଲୁକୋଜ,ଫ୍ରୁକଟୋଜ ଏବଂ ସୁକ୍ରୋଜ ଥାଏ। ଯାହାକି ଆପଣ ଯେତେବେଳେ ଆବଶ୍ୟକ କରନ୍ତି ଯେତେବେଳେ ଆବଶ୍ୟକ କରନ୍ତି ତୁରନ୍ତ ଶକ୍ତି ପ୍ରଦାନ କରନ୍ତି। ଖଜୁରୀ ଗୁଡ଼ିକରେ ଫାଇବର, ପୋଟାସିୟମ, ମାଗ୍ନେସିୟମ, ଭିଟାମିନ ଏବଂ ଆଣ୍ଟିଅକ୍ସିଡ଼ାଣ୍ଟ ଥାଏ ଯାହା ଶକ୍ତି ସ୍ତର ବଜାୟ ରଖେ।



ଡ଼ାଇଜେସନରେ ଉନ୍ନତି ଆଣିଥାଏ। ଯଦି ତୁମେ ତୁମର ହଜମ ପ୍ରକିୟାକୁ ଭଲ ରଖିବାକୁ ଚାହଁଛ, ତେବେ ଖଜୁରୀ ଖାଇବା ତୁମ ପାଇଁ ଏକ ଉତ୍ତମ ବିକଳ୍ପ। ଆପଣ କେବଳ ଗୋଟିଏ କପ ଖଜୁରୀରେ ୧୨ଗ୍ରାମ ଫାଇବର ପାଇବେ,ଯାହା ଆପଣଙ୍କର ନିୟମିତ ଖାଦ୍ୟରେ ୪୮ପ୍ରତିଶତ ଅଟେ।ଖଜୁରୀ ଗୁଡ଼ିକରେ ଭିଟାମିନ ବି୬ଥାଏ। ଯାହା ଶରୀରକୁ ସେରୋଟୋନିନ ଏବଂ ନୋରପାଇଫ୍ରିନ ତିଆରି କରିବାରେ ସାହାର୍ଯ୍ୟ କରି ଥାଏ। ସେରୋଟୋର୍ନିନ ମନୋବଳକୁ ନିୟନ୍ତ୍ରଣ କରିଥାଏ ଏବଂ ନୋରପାଇଫ୍ରିନ ଶରୀରକୁ ଚାପକୁ ସାମ୍ନା କରିବାରେ ସାହାଯ୍ୟ କରିଥାଏ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଭିଟାମିନ ବି ୬ର ଅନବତି ମଧ୍ୟ ଅବସାଦର କାରଣ ହୋଇପାରେ।

# ଶିବଙ୍କ ସବୁ ରୂପ ଭକ୍ତଙ୍କ ପାଇଁ କଲ୍ୟାଣକାରୀ

ଶିବଙ୍କ ସବୁ ରୂପ ଭକ୍ତଜନଙ୍କ ପାଇଁ କଲ୍ୟାଣକାରୀ । ମହାଦେବ ଏହି ସମସ୍ତ ରୂପରେ ପୂଜନୀୟ ଏବଂ ଜୀବନ ପାଇଁ ଏକ ଭିନ୍ନ ବାର୍ତ୍ତା ଦେଇଥାନ୍ତି ।

ଅର୍ଦ୍ଧନାରୀଶ୍ୱର ରୂପ : ଭଗବାନ ଶିବଙ୍କ ଏହି ରୂପରେ ତାଙ୍କ ଶରୀରର ଗୋଟିଏ ଭାଗ ନର ଏବଂ ଅନ୍ୟ ଭାଗଟି ନାରୀ ଅର୍ଥାତ୍ ମାତା ପାର୍ବତୀଙ୍କ ରୂପରେ ଦେଖିବାକୁ ମିଳିଥାଏ । ଦୁହେଁ ସ୍ପଷ୍ଟ ରୂପରେ ଗୋଟିଏ ପ୍ରତିମା । ଏହି ରୂପରେ ଶିବଙ୍କୁ ପୂଜା କଲେ ମାତା ପାର୍ବତୀଙ୍କୁ ପୂଜିବାର ଫଳ ମଧ୍ୟ ମିଳିଯାଇଥାଏ ।



ପଞ୍ଚମୁଖୀ ଶିବ : ଭଗବାନଙ୍କ ଏହି ରୂପରେ ୫ଟି ମୁଖମଣ୍ଡଳ ରହିଛି । ଏଥିରେ ପ୍ରଥମ ମୁଖ ଉର୍ଦ୍ଧ୍ୱମୁଖୀ ହୋଇଥିବା ବେଳେ ଏହାର ରଙ୍ଗ ଲାଲ୍ ହୋଇଥାଏ । ଦ୍ୱିତୀୟ ମୁଖ ପୂର୍ବ ଦିଗକୁ ରହିଥିବା ବେଳେ ଏହାର ରଙ୍ଗ ହଳଦିଆ ହୋଇଥାଏ । ନୀଳ ରଙ୍ଗର ତୃତୀୟ ମୁଖ ଦକ୍ଷିଣ ଆଡ଼କୁ ରହିଥାଏ । କହରା ରଙ୍ଗର ଚତୁର୍ଥ ମୁଖ ପଶ୍ଚିମ ଦିଗକୁ ରହିଥାଏ। ପଞ୍ଚମ ମୁଖ ଉତ୍ତର ଦିଗକୁ ରହିଥାଏ ଯାହାର ରଙ୍ଗ ସମ୍ପୂର୍ଣ୍ଣ ଲାଲ। ଏହି ସମସ୍ତ ମୁଖ ଉପରେ ଶିବଙ୍କ ଜଟାରେ ଚନ୍ଦ୍ରମା ଶୋଭା ପାଇଥାନ୍ତି । ସମସ୍ତ ୫ମୁଖର ଅଦ୍ଭୁତ ଆଭା ପ୍ରକଟ ହୋଇଥାଏ। ଏହି ୫ଟି ମୁଖକୁ ପୂଜା କରିବା ଦ୍ୱାରା ସମସ୍ତ କଷ୍ଟ ଦୂର ହୋଇ ସର୍ବସିଦ୍ଧି ପ୍ରାପ୍ତ ହୋଇଥାଏ।

ମହାମୃତ୍ୟୁଞ୍ଜୟ : ଭଗବାନଙ୍କ ଏହି ରୂପକୁ ଦେଖି ମୃତ୍ୟୁ ମଧ୍ୟ ଡରିଯାଇଥାଏ । ତାଙ୍କର ଏହି ରୂପକୁ ଧ୍ୟାନ କରି ମୃତ୍ୟୁ ଉପରେ ମଧ୍ୟ ବିଜୟ ପ୍ରାପ୍ତ କରି ହୋଇଥାଏ। ଏହି ରୂପର ସ୍ତୁତି କରି ମହାମୃତ୍ୟୁଞ୍ଜୟ ମନ୍ତ୍ର ୧ ଲକ୍ଷ ୨୦ ହଜାର ଥର ଜପ କଲେ ଅସାଧ୍ୟ ରୋଗରୁ ମୁକ୍ତି ମିଳିଥାଏ ତଥା ଅକାଳ ମୃତ୍ୟୁ ଯୋଗରୁ ମଧ୍ୟ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ ରହିଛି ।

ନୀଳକଣ୍ଠ : ଶିବଙ୍କ ଏହି ରୂପରେ ଭଗବାନଙ୍କ କଣ୍ଠ ଅର୍ଥାତ୍ ଗଳା ନୀଳ ରଙ୍ଗ ହୋଇଥାଏ । ଥରେ ଭଗବାନ ଶିବ ବିଷ ପିଇଦେଇଥିଲେ, ଫଳରେ ତାଙ୍କର ସମସ୍ତ କଣ୍ଠ ନୀଳ ହୋଇଗଲା। ଭଗବାନଙ୍କ ଏହି ରୂପରେ ତାଙ୍କ ମୁଖରେ ଅତ୍ୟଧିକ ତେଜ ପରିବ୍ୟାପ୍ତ ଥାଏ। ଯାହାର ତୁଳନା ହଜାର ହଜାର ସୂର୍ଯ୍ୟଙ୍କ ତେଜ ସହିତ କରାଯାଇପାରେ ।

ନଟରାଜ : ଭଗବାନଙ୍କର ଏହା ରୌଦ୍ରରୂପ । ଏହି ରୂପରେ ଭଗବାନ ନୃତ୍ୟ ମୁଦ୍ରାରେ ଥାଆନ୍ତି । ସେ ଯୁଦ୍ଧ ସମୟରେ ଏହି ନୃତ୍ୟ କରିଥିଲେ। ଏହାକୁ ତାଣ୍ଡବ ନୃତ୍ୟ ବୋଲି ମଧ୍ୟ କହିଥାନ୍ତି । ଏଥିରେ ଭଗବାନଙ୍କ ଜଟା ଖୋଲି ରହିଥାଏ। ତଥା ତାଙ୍କ ମୁଖମଣ୍ଡଳରେ କ୍ରୋଧରେ ଲାଲ୍ ପଡ଼ିଯାଇଥାଏ।



## ଘଟୋତ୍କଚର ପୁତ୍ର

ଦ୍ୱାପର ଯୁଗର କଥା । ଭୀମଙ୍କ ପୁତ୍ର ଘଟୋତ୍କଚ ଏବଂ ତା'ର ପୁତ୍ର ମୋର୍ବୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମ ନେଲା । ଏହି ଶିଶୁର କେଶ ଅଣ୍ଡିରା ସିଂହ (ବବର ଶେର୍) ଭଳି ହୋଇଥିବାରୁ



ତା'ର ନାମ 'ବର୍ବରୀକ' ରଖାଗଲା । ସେ ପାଣ୍ଡବଙ୍କ ପକ୍ଷରୁ କୁରୁକ୍ଷେତ୍ର ଯୁଦ୍ଧରେ ଲଢ଼ିବାକୁ ବାହାରିଲା । ଏହି ସମୟରେ ବର୍ବରୀକକୁ ତା'ର ମା' ଡାକିଲେ ଏବଂ କହିଲେ, ପୁତ୍ର ! ତୁମେ ମହାଭାରତ ଯୁଦ୍ଧରେ ସେହି ପକ୍ଷକୁ ସହାୟତା କରିବ, ଯାହାର ପରାଜୟ ଆଶଙ୍କା ଅଧିକ ରହିଥିବ । ମା' ପୁତ୍ରକୁ ୩ଟି ଶର ଦେଲେ । ସେହି ଶର ଅତ୍ୟନ୍ତ ବିଧ୍ୱଂସକାରୀ ଥିଲା । ଯାହା ଏକାଥରରେ ମହାଭାରତ ଯୁଦ୍ଧ ସମାପ୍ତ କରିବାର କ୍ଷମତା ରଖୁଥିଲା । ଏହି କଥା ଭଗବାନ ଶ୍ରୀକୃଷ୍ଣ ଜାଣିନେଲେ । ସେ ବ୍ରାହ୍ମଣ ବେଶରେ ବର୍ବରୀକଙ୍କ ନିକଟକୁ ଗଲେ । ତାଙ୍କୁ ଦାନସ୍ୱରୂପ ତାଙ୍କ ମୁଣ୍ଡ ମାଗିନେଲେ । ବର୍ବରୀକ ସେହି ମୁଣ୍ଡ ତାଙ୍କୁ ଦାନ ଦେଇଦେଲେ । ଏହାପରେ ଶ୍ରୀକୃଷ୍ଣ ନିଜ ସ୍ୱରୂପରେ ଦେଖାଦେଲେ ଏବଂ କହିଲେ, ବର୍ବରୀକ ତୁମେ ଯଦି ମହାଭାରତ ଯୁଦ୍ଧରେ ଭାଗ ନେଇଥାନ୍ତ, ତେବେ ଏହି ଯୁଦ୍ଧର କୌଣସି ମହତ୍ୱ ରହିନଥାନ୍ତା । ତେଣୁ ଏବେ ତୁମେ ଏହି ଯୁଦ୍ଧରେ ଲଢ଼ିପାରିବ ନାହିଁ । ତୁମର ମସ୍ତକ ଏକ ଉଚ୍ଚ ସ୍ଥାନରେ ରହିବ । ଫଳରେ ତୁମେ ସମଗ୍ର ମହାଭାରତ ଯୁଦ୍ଧ ଦେଖିପାରିବ । ତେବେ ମୋତେ ନିଜ ମସ୍ତକ ପ୍ରଦାନ କରିବାର ବଳିଦାନ ଦେଇଥିବାରୁ ତୁମେ କଳିଯୁଗରେ ଭଗବାନ ରୂପେ ପୂଜା ପାଇବ । ମୋର ନାମ 'ଶ୍ୟାମ' ନାମରେ ତୁମେ ପ୍ରସିଦ୍ଧ ହେବ । ଖାଟୁ ନାମକ ସ୍ଥାନରେ ତୁମର ମସ୍ତକ ପୋତାଯିବ । ତୁମେ ଖାଟୁଶ୍ୟାମ ବାବା ନାମରେ ପରିଚିତ ହେବ । ଏହି ସ୍ଥାନ ବର୍ତ୍ତମାନ ରାଜସ୍ଥାନରେ ରହିଛି। ଖାଟୁ ଶ୍ୟାମ ଭଗବାନ ଏବେ ଅନେକ ଭକ୍ତଙ୍କୁ ଆକୃଷ୍ଟ କରିପାରିଛନ୍ତି । ଖାଟୁ ଶ୍ୟାମଜୀ ମନ୍ଦିର ବର୍ତ୍ତମାନ ରାଜସ୍ଥାନର ସୀକର ଜିଲ୍ଲାରେ ରହିଛି । ମନ୍ଦିରଟି ଶ୍ୱେତ ପ୍ରସ୍ତରରେ ନିର୍ମିତ । ମନ୍ଦିରଟି ଅତି ପ୍ରାଚୀନ ବୋଲି ବିଶ୍ୱାସ କରାଯାଏ । ବର୍ତ୍ତମାନ ଖାଟୁ ଶ୍ୟାମଜୀ ସେହି ସ୍ଥାନରେ ପୂଜା ପାଉଛନ୍ତି, ଯେଉଁଠି ବର୍ବରୀକଙ୍କ ମସ୍ତକ ପୋତା ହୋଇଥିଲା । ଏହି ମନ୍ଦିର ଉପରେ ମୋଗଲ ଶାସକ ଆଉରଙ୍ଗଜେବ୍ ୧୬୭୯ରେ ଆକ୍ରମଣ କରିଥିବା ଜଣାଯାଏ । ତେବେ ୧୭୨୦ରେ ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା ।

## କିଟ୍‌ରେ ଅର୍ଥନୈତିକ ସଂଘର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୧୨।୨ (ମହାଭାରତ): କିଟ୍ ସ୍କୁଲ ଅଫ୍ ଇକୋନୋମିକ୍ସ ଆଣ୍ଡ କମର୍ସ ଓ ଓଡ଼ିଶା ଅର୍ଥନୈତିକ ସଂଘ (ଓଇଏ) ମିଳିତ ସହଯୋଗରେ ଓଇଏର ୫୮ତମ ବାର୍ଷିକ ସମ୍ମିଳନୀ ଓ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। ଫେବୃଆରୀ ୭ ଓ ୮ ତାରିଖ ଦୁଇ ଦିନ ଧରି ଚାଲିଥିବା ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା 'ଭାରତ ଓ ବିଶ୍ୱ ବାଣିଜ୍ୟ: ସାମଗ୍ରୀ ଚୁକ୍ତିନାମା ଓ ନୀତି'। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖ୍ୟାତି ସଂପନ୍ନ ଅର୍ଥନୀତି ବିଶାରଦ ପ୍ରଫେସର ଦୀପକ ନାୟାର ଯୋଗଦେଇ ନିଯୁକ୍ତି ବଢ଼ିଲେ ହିଁ ଅର୍ଥନୀତିର ଅଭିବୃଦ୍ଧି ହେବ ହେବ ବୋଲି କହିଥିଲେ। ବିକାଶଶୀଳ ଦେଶଗୁଡ଼ିକରେ ନିଯୁକ୍ତି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନିଯୁକ୍ତି ଦୃଷ୍ଟିକୋଣରୁ ସାମଗ୍ରିକ ଅର୍ଥନୈତିକ ନୀତିଗୁଡ଼ିକର ପୁନର୍ବିଚାର କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।




ଅନ୍ୟତମ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଯୋଗଦେଇ କହିଲେ, କିଟ୍ ଓ କିସ୍ ଭଳି ଅନୁଷ୍ଠାନ ସଶକ୍ତ ଅର୍ଥନୀତିର ଉତ୍ତମ ଉଦାହରଣ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁକାନ୍ତ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ଇକନୋମିକ୍ ଆସୋସିଏସନର ସଭାପତି ପ୍ରଫେସର ଜଗନ୍ନାଥ ଲେଙ୍କା, ସଂପାଦକ ଡ ହିମାଂଶୁ ଶେଖର ରାଉତ ଓ କିଟ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ ଶାଶ୍ୱତ କିଶୋର ମିଶ୍ର ପ୍ରମୁଖ ଯୋଗଦେଇ ଅର୍ଥନୀତି ତଥା ବିଷୟବସ୍ତୁ ଉପରେ ଅଧିକ ଆଲୋଚନା କରିଥିଲେ। ଏହି ଅବସରରେ ଅନ୍ତର୍ଭୁକ୍ତି ବିକାଶ, ସ୍ଥାୟିତ୍ୱ ଓ ନୀତିଗତ ପ୍ରାସଙ୍ଗିକତାକୁ ଆଗକୁ ବଢ଼ାଇବାରେ ଅର୍ଥନୀତିର କେନ୍ଦ୍ରୀୟ ଭୂମିକା ଉପରେ ବିଭିନ୍ନ ଅଧିବେଶନରେ ଆଲୋଚକମାନେ ଆଲୋଚନା କରିଥିଲେ। ଓଇଏ ସଭାପତି ପ୍ରଫେସର ଜଗନ୍ନାଥ ଲେଙ୍କାଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ପ୍ରଫେସର ହିମାଂଶୁ ଶେଖର ରାଉତଏହି ସମ୍ମିଳନୀର ପରିଚାଳନା କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ, କୋଲକାତା ପ୍ରଫେସର ଦେବାଶିଷ ମିଶ୍ର ନିଲାମ ଡିଜାଇନର ଅର୍ଥନୀତି ବିଷୟରେ ଆଲୋକପାତ କରିଥିଲେ। ପ୍ରୋତ୍ସାହନ, ସୂଚନା ଓ ରଣନୈତିକ ଆଚରଣ ଦ୍ୱାରା ବଜାର କିପରି ଆକୃତି ପାଇଥାଏ ତା ଉପରେ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଯୋଗଦେଇଥିବା ଓଡ଼ିଶା ତଥା ଭାରତର ବିଭିନ୍ନ କୋଣରୁ ୩ଶହରୁ ଉର୍ଦ୍ଧ୍ୱ ବିଶିଷ୍ଟ ଅର୍ଥନୀତିଜ୍ଞ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ବିକାଶ, ସ୍ଥିରତା ତଥା ଭବିଷ୍ୟତର ଅର୍ଥନୈତିକ ମାର୍ଗ ଉପରେ ଏକ ଭିନ୍ନ ଚିନ୍ତାଧାରା ପ୍ରଦାନ କରିଥିଲା।

## ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ସପ୍ତାହ

ଭୁବନେଶ୍ୱର, ୧୨।୨ (ମହାଭାରତ): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୨୦୧୬ ମସିହାରୁ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆର୍ଥିକ ସାକ୍ଷରତା ସପ୍ତାହ (ଏଫଏଲଡବ୍ଲୁ) ପାଳନ କରିଆସୁଛି। ଏହି କ୍ରମରେ ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୬ ଫେବୃଆରୀ ୦୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ପାଳନ କରାଯାଉଛି। ଏହା ଏହି ଅଭିଯାନର ଏକାଦଶ ସଂସ୍କରଣ। ଏହି ବର୍ଷ ଆର୍ଥିକ ସାକ୍ଷରତା ସପ୍ତାହର ବିଷୟବସ୍ତୁ ହେଉଛି "କେୱାଇସି – ସୁରକ୍ଷିତ ବ୍ୟାଙ୍କିଙ୍ଗ ଆଡ଼କୁ ପ୍ରଥମ ପଦକ୍ଷେପ"। ଉପ ବିଷୟବସ୍ତୁ ଭାବେ "ତୁମର ଗ୍ରାହକଙ୍କୁ ଜାଣିବାର ମୌଳିକ ବିଷୟ (କେୱାଇସି)", "କେନ୍ଦ୍ରୀୟ କେୱାଇସି ରେଜିଷ୍ଟ୍ରି (ସିକେୱାଇସି)" ଏବଂ "ଆକାଉଣ୍ଟ ସ୍ୱଚ୍ଛତା ଓ ଶୃଙ୍ଖଳା" ଉପରେ ଗୁରୁତ୍ୱ ଦିଆଯାଇଛି।

ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୬ ର ଉଦଘାଟନୀ ଉତ୍ସବ ଆରବିଆଇ, ଭୁବନେଶ୍ୱର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆରବିଆଇ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ସାରଦା ପ୍ରସନ




ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଓ ବ୍ୟାଙ୍କ ଜମା ଖାତାରେ କେୱାଇସି ଅପଡେଟ୍ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ଶ୍ରୀ ସଂଜୀବ କୁମାର ମିଶ୍ର, କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ବିନୋଦ କୁମାର ଆର୍ଯ୍ୟା ଓ ଭାରତୀୟ ରିଜର୍ଭ ବ୍ୟାଙ୍କର ମହାପ୍ରବନ୍ଧକ ଶ୍ରୀମତୀ ଅନିତା ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କିଂ ଅମ୍ବୁଡସମ୍ୟାନ, ଡିଆଇଏଫ, ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ, ନାବାର୍ଡ, ସିଡବି, ଏନଏଚବି ସହ ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେଥିସହ ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀ, ଚାଷୀ, ଉଦ୍ୟୋଗୀ ଓ ବରିଷ୍ଠ ନାଗରିକ ଭଳି ବିଭିନ୍ନ ଲକ୍ଷ୍ୟ ଗୋଷ୍ଠୀର ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆରବିଆଇ, ଭୁବନେଶ୍ୱରର କର୍ମଚାରୀମାନଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା ଉପରେ ଏକ ସଚେତନତାମୂଳକ ନୁକ୍କଡ଼ ନାଟକ ପରିବେଷଣ କରାଯାଇଥିଲା।

## ବାୟୋମାସ ବ୍ରିକେଟ୍ ପ୍ରତିଷ୍ଠା ପାଇଁ ବିଏମ୍‌ସିର ଏମଓୟୁ

ଭୁବନେଶ୍ୱର, ୧୨।୨ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବାୟୋମାସ ବ୍ରିକେଟ୍ ଉତ୍ପାଦନ କାରଖାନାର ପ୍ରତିଷ୍ଠା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଦୂରଦୃଷ୍ଟି ସଂପନ୍ନ ମଡେଲ ଗ୍ରହଣ କରି ଏକ ପ୍ରତିଦ୍ୱନ୍ଦ୍ୱିତା ମୂଳକ ନିଲାମୀ ପ୍ରକ୍ରିୟା ଜରିଆରେ ଟେଣ୍ଡରକୁ ସଫଳତାର ସହ ଚୂଡ଼ାନ୍ତ କରିଛି। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଅଯଥା ନଷ୍ଟ କରିଦିଆଯାଉଥିବା ବୃକ୍ଷ ଶାଖା, ପତ୍ର, କାଠ ଗଣ୍ଡି ଏବଂ ଅନ୍ୟାନ୍ୟ ଉଦ୍ୟାନ କୃଷି ଅବଶିଷ୍ଟାଂଶ ଭଳି ସବୁଜ ବର୍ଜ୍ୟବସ୍ତୁ ଗୁଡ଼ିକର ବୈଜ୍ଞାନିକ ପ୍ରକ୍ରିୟାକରଣ ଏବଂ ସେଗୁଡ଼ିକୁ ମୂଲ୍ୟଯୁକ୍ତ ବାୟୋମାସ ବ୍ରିକେଟରେ ପରିଣତ କରିବା। କାର୍ଯ୍ୟର ସର୍ତ୍ତାବଳୀ ଅନୁଯାୟୀ, ମନୋନୀତ ଏଜେନ୍ସି ଭୁବନେଶ୍ୱର ମହାନଗର ନିଗମର କୌଣସି ଆର୍ଥିକ ବିନିଯୋଗ ବିନା ସମ୍ପୂର୍ଣ୍ଣ ନିଜ ଖର୍ଚ୍ଚରେ ପ୍ଲାଣ୍ଟର ଡିଜାଇନ୍, ପ୍ରତିଷ୍ଠା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରିବ। ଏହାର ପ୍ରତିବଦଳରେ ଏଜେନ୍ସି ଏକ ନିର୍ଦ୍ଦିଷ୍ଟ ମାସିକ ରୟାଲଟି ବାବଦକୁ ୭୫୦୦୦ ଟଙ୍କା ଲେଖାଏଁ ୧୦ ବର୍ଷ ପର୍ଯ୍ୟନ୍ତ ବିଏମସିକୁ ପ୍ରଦାନ କରିବ। ଏହି ବ୍ୟବସ୍ଥା ସୁନିଶ୍ଚିତ କରେ ଯେ




ପ୍ରକଳ୍ପଟି ମହାନଗର ନିଗମର ସମ୍ବଳ ଉପରେ କୌଣସି ଅତିରିକ୍ତ ବୋଝ ନ ପକାଇ ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ହେବ। ଏଜେନ୍ସି ନିକଟସ୍ଥ ଶିଳ୍ପ ପାଇଁ ଏକ ଉତ୍ସର୍ଗୀକୃତ ବିକ୍ରୟ ଏବଂ ଯୋଗାଣ ଶୃଙ୍ଖଳା ମଧ୍ୟ ପ୍ରତିଷ୍ଠା କରିବ, ଯାହା ଶିଳ୍ପ ଶକ୍ତି ଆବଶ୍ୟକତା ପାଇଁ ଏକ ବିକଳ୍ପ ଏବଂ ନବୀକରଣଯୋଗ୍ୟ ଇନ୍ଧନ ଉତ୍ସ ଭାବରେ ବାୟୋମାସ ବ୍ରିକେଟ୍ର ଉପଯୋଗକୁ ସକ୍ଷମ କରିବ। ଏହା କେବଳ ଶିଳ୍ପ ପ୍ରକ୍ରିୟାରେ ସ୍ୱଚ୍ଛ ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ମହାନଗର ନିଗମର ସବୁଜ ବର୍ଜ୍ୟକୁ ବ୍ୟବସାୟିକ ଦୃଷ୍ଟିରୁ ଲାଭଦାୟକ ଶକ୍ତି ଉତ୍ପାଦରେ ପରିଣତ କରି ଚକ୍ରାକାର ଅର୍ଥନୀତିକୁ ମଧ୍ୟ ମଜବୁତ କରିବ। ଏହି ପଦକ୍ଷେପ ଭାରତରେ ଏକ ଅନନ୍ୟ ଏବଂ ଅଗ୍ରଣୀ ମଡେଲକୁ ପ୍ରତିନିଧିତ୍ୱ କରେ, ଯେଉଁଥିରେ ପୌର ନିଗମ ଏକାସାଙ୍ଗରେ ସ୍ଥାୟୀ ସବୁଜ ବର୍ଜ୍ୟ ପରିଚାଳନା ହାସଲ କରେ ଏବଂ ନିଶ୍ଚିତ ପୁନରାବୃତ୍ତ ରାଜସ୍ୱ ସୃଷ୍ଟି କରେ। ପୌର ପାଣ୍ଠି କିମ୍ବା ସବସିଡି ଉପରେ ନିର୍ଭର କରୁଥିବା ପାରମ୍ପାରିକ ବର୍ଜ୍ୟ ପରିଚାଳନା ପ୍ରକଳ୍ପଗୁଡ଼ିକ ତୁଳନାରେ, ଏହି ମଡେଲ୍ ପ୍ରକଳ୍ପକୁ ଆତ୍ମନିର୍ଭରଶୀଳ କରିଥାଏ। ଲ୍ୟାଣ୍ଡଫିଲ୍ କୁ ପଠାଯାଇଥିବା ସବୁଜ ବର୍ଜ୍ୟବସ୍ତୁ ହ୍ରାସ କରିଥାଏ, ପରିଚାଳନା ଦକ୍ଷତା ବୃଦ୍ଧି କରେ ଏବଂ ନିଗମର ଆର୍ଥିକ ସ୍ଥିତିକୁ ମଜବୁତ କରେ।

## ଟେକ୍ନୋପ୍ରେନ୍ୟୁରସିପ୍ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୨।୨ (ମହାଭାରତ): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ମିଳିତ ସାଂସ୍କୃତିକ ଏବଂ ଟେକ୍ନୋପ୍ରେନ୍ୟୁରସିପ୍ ବାର୍ଷିକ ମହୋତ୍ସବ 'ପ୍ରବାହ'ର ଦ୍ୱିତୀୟ ସଂସ୍କରଣ ଏକ ମହାନ ଢଙ୍ଗରେ ଉଦ୍ଘାଟିତ ହୋଇଥିଲା। ପ୍ରତିଷ୍ଠାନର ପ୍ରମୁଖ ଉତ୍ସବ ଭାବରେ, ଚାରି ଦିନିଆ କାର୍ଯ୍ୟକ୍ରମ 'ପ୍ରବାହ' ପ୍ରଯୁକ୍ତିବିଦ୍ୟା, ସଂସ୍କୃତି ଏବଂ ଉଦ୍ୟୋଗର ସୁଗମ ସଙ୍ଗମକୁ ପ୍ରତିପାଦିତ କରିଥିଲା, ଏକ ସ୍ପନ୍ଦନଶୀଳ ପ୍ଲାଟଫର୍ମ ସୃଷ୍ଟି କରିଥିଲା ଯେଉଁଠାରେ ନବସୃଜନ ପ୍ରକାଶନ ସହିତ ମିଶିଥିଲା ଏବଂ ଚିନ୍ତାଧାରା ପ୍ରଭାବରେ ଉଡିଥିଲା। ଏହି ବର୍ଷର 'ସମୟର କ୍ରମିକ' ବିଷୟବସ୍ତୁ ଅଂଶଗ୍ରହଣକାରୀମାନଙ୍କୁ ଯୁଗ ମାଧ୍ୟମରେ ଏକ ଯାତ୍ରାରେ ନେଇଥିଲା, ଯେଉଁଥିରେ ଅନ୍ତର୍ଭୁକ୍ତ ଥିଲା, ରେଟ୍ରୋ ସୌନ୍ଦର୍ଯ୍ୟ ସହିତ ଅତୀତକୁ ପୁନର୍ଜୀବିତ କରିବା, ବର୍ତ୍ତମାନକୁ ଉଦ୍ୟୋଗୀ ଚ୍ୟାଲେଞ୍ଜ ସହିତ ଜଡିତ କରିବା ଏବଂ ମହାକାଶ ଏବଂ ପ୍ରଯୁକ୍ତିବିଦ୍ୟା ସୀମା ମାଧ୍ୟମରେ ଭବିଷ୍ୟତକୁ ଅନୁସନ୍ଧାନ କରିବା। ଉଦଘାଟନୀ ସମାରୋହରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକର ଯୋଗ ଦେଇଥିଲେ।

## ବାପାଙ୍କ ଅଧୁରା କାମକୁ ସମ୍ପୂର୍ଣ୍ଣ କରିବି

ଭୁବନେଶ୍ୱର, ୧୨।୨ (ମହାଭାରତ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଗସ୍ତରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆସିଛନ୍ତି। ଉତ୍କଳା ଏୟାରପୋର୍ଟରେ ସୋମବାର ପୂର୍ବାହ୍ନରେ ପହଞ୍ଚିବା ପରେ ତାଙ୍କୁ ପ୍ରଶାସନ ଓ ବିଭିନ୍ନ ମହିଳା ଗୃପ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଥମେ ବ୍ଲକର ଗୁର୍ଜିମୁଣ୍ଡା ସ୍ଥିତ ପ୍ରସିଦ୍ଧ ପର୍ଯ୍ୟଟନୀ କ୍ଷେତ୍ର ଯୋଗମାୟା ପୀଠକୁ ପରିଦର୍ଶନ କରିଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା। ପରେ କେସିଙ୍ଗା ଜଗନ୍ନାଥ ମନ୍ଦିରକୁ ପରିଦର୍ଶନରେ ଯାଇ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ରଷି ସାହ ମୁଖ୍ୟମନ୍ତ୍ରୀ ସଭାଗୃହରେ ସିଟିଜେନ ଫୋରମ କେସିଙ୍ଗା ତରଫରୁ ଆୟୋଜିତ ବାର୍ଷିକ ଦିବସରେ




ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଉପମୁଖ୍ୟମନ୍ତ୍ରୀ କହିଥିଲେ, କଳାହାଣ୍ଡି ଜିଲାରେ ମୋ ବାପା ଇରିଗେଶନ ବିଭାଗ ଠିକାଦାର ଭାବେ କୋଟି କୋଟି ଟଙ୍କାର କାମ କରିଥିଲେ। ଏ ଅଞ୍ଚଳରେ ରହିଯାଇଥିବା ବାପାଙ୍କ ଅଧୁରା କାମକୁ ସମ୍ପୂର୍ଣ୍ଣ କରିବି। ପରେ କେସିଙ୍ଗା ସହର ସ୍ଥିତ ପିଏମ୍ ଶ୍ରୀ ହାଇସ୍କୁଲରେ ନବନିର୍ମିତ ବାଳକ ହଷ୍ଟେଲର ଉଦଘାଟନ କରିଥିଲେ ଏବଂ କେସିଙ୍ଗା ପଞ୍ଚାୟତ ସମିତିରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ମିଶନ ଶକ୍ତି ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଅପରାହ୍ନରେ କନ୍ଧମାଳ ଜିଲା ବାଲିଗୁଡା ଗସ୍ତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା।

## ନବୀନଙ୍କ ପ୍ରସ୍ତାବ ଗ୍ରହଣ କରି ଚାଷୀଙ୍କ ସମସ୍ୟାର ସମାଧାନ କର : ବିଜେଡି

ଭୁବନେଶ୍ୱର, ୧୨।୨ (ମହାଭାରତ): ରାଜ୍ୟରେ ଧାନକିଣାକୁ ନେଇ ସୃଷ୍ଟି ହୋଇଥିବା ଅଭାବନୀୟ ପରିସ୍ଥିତିକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ଉଦ୍‌ବେଗ ପ୍ରକାଶ କରିବା ସହିତ ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ କହିଚନ୍ତି। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ରୋହିତ ପୂଜାରୀ, ମୁଖପାତ୍ର ତଥା ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ରାଜ୍ୟ ବିଜେପି ସରକାର ଚାଷୀ ମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣରେ ବିଫଳ ହେବା ସହିତ ରାଜ୍ୟର ସମଗ୍ର ଚାଷୀକୁଳକୁ ହତାଶ କରିଛନ୍ତି ବୋଲି କହିଛନ୍ତି। ଶ୍ରୀ ଦାସବର୍ମା କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଚିଠିରେ ମୁଖ୍ୟତଃ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛନ୍ତି। ଗତ ନିର୍ବାଚନ ସମୟରେ ଏମଏସପି ସହିତ ୩୧୦୦ ଟଙ୍କା ଧାନ କ୍ରୟ ମୂଲ୍ୟ ହେବ, ବିନା କଟନୀ ଛଟନୀରେ ସମସ୍ତ ଧାନ କିଣାଯିବ ଓ ୪୮ ଘଣ୍ଟାରେ ଡିବିଟି ମାଧ୍ୟମରେ ଧାନର ମୂଲ୍ୟ କୃଷକ ମାନଙ୍କୁ ପ୍ରଦାନ କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ବିଜେପିର ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି। ସମୁଦାୟ ୭୩ ଲକ୍ଷ ମେଟ୍ରିକ ଟନ ଖରିଫ୍ ଧାନକିଣା ପାଇଁ ଲକ୍ଷ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ୪୧.୯୬ ଲକ୍ଷ ମେଟ୍ରିକ ଟନ ଅର୍ଥାତ ମାତ୍ର ୫୭% ଧାନ ସଂଗ୍ରହ ହୋଇପାରିଛି। ରାଜ୍ୟର ସମୁଦାୟ ୧୯,୬୬,୧୮୧ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ, ଏବେ ସୁଦ୍ଧା ୯,୬୫,୫୪୬ ଜଣ ଚାଷୀ ଅର୍ଥାତ ମାତ୍ର ୪୯% ଚାଷୀ ଧାନ ବିକ୍ରି କରିବାକୁ ସକ୍ଷମ ହୋଇଛନ୍ତି। ଅପରପକ୍ଷରେ ପଡୋଶୀ ଛତିଶଗଡ଼ରେ ୮୦ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୧୪୦ ଲକ୍ଷ ମେଟ୍ରିକ ଟନ ଧାନ କିଣା ସରିଲାଣି। ପଡୋଶୀ ଛତିଶଗଡ଼ ତୁଳନାରେ ଓଡ଼ିଶାର ଧାନ କିଣା ସ୍ଥିତିକୁ ଦେଖିଲେ କିପରି ଦୟନୀୟ ସ୍ଥିତିରେ ରହିଛି, ତାହା ସ୍ପଷ୍ଟ ହୁଏ।

## ବିରିଡି, କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷ ବିଜେଡି ଛାଡି ବିଜେପିରେ ସାମିଲ

ଭୁବନେଶ୍ୱର, ୧୨।୨ (ମହାଭାରତ): ବିଜେଡି ହାତରୁ ଖସିଲା ଆଉ ଦୁଇ ବ୍ଲକ। ଜଗତସିଂହପୁରର ବିରିଡି ଏବଂ ବ୍ରହ୍ମଗିରିର କୃଷ୍ଣପ୍ରସାଦ ବ୍ଲକର ଦୁଇ ବ୍ଲକ ଅଧ୍ୟକ୍ଷ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ସୋମବାର ଦିନ କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷ ସରୋଜିନୀ ତରାଇ ବିଜେପିରେ ସାମିଲ ହୋଇଛନ୍ତି। ଏହା ସହ ବିରିଡ଼ି ବ୍ଲକର ଅଧ୍ୟକ୍ଷ ମମତା ପାତ୍ର ମଧ୍ୟ ବିଜେପିରେ ମିଶିଛନ୍ତି। ଏହି ମିଶ୍ରଣ ଦ୍ୱାରା ତିର୍ତୋଲ ନିର୍ବାଚନମଣ୍ଡଳୀ ସମେତ ଜଗତ୍‌ସିଂହପୁର ଜିଲ୍ଲା ଓ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଏବଂ ପୁରୀ ଜିଲ୍ଲାରେ ଦଳୀୟ ସଂଗଠନ ଅଧିକ ସୁଦୃଢ଼ ହୋଇପାରିଛି ବୋଲି ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।



ଶ୍ରୀ ସାମଲ କହିଛନ୍ତି ଯେ, ବିଜେପି ସରକାର ଯାହା କହିଛି ତାହା କରୁଥିବାରୁ ଲୋକଙ୍କ ବିଶ୍ୱାସ ଦିନକୁ ଦିନ ବଢ଼ିବାରେ ଲାଗିଛି। ସଂକଳ୍ପପତ୍ରରେ ବିଜେପି ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା ତାହା ସବୁ ପୂରଣ କରିଚାଲିଛି। ଧାନ ସହାୟକ ମୂଲ୍ୟ କୁଇଂଟାଲ ପିଛା ୩୧୦୦ ଟଙ୍କା କରିବା, ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଦେବା, ପୁରୀ ଶ୍ରୀମନ୍ଦିରକୁ ୫୦୦ କୋଟି ଟଙ୍କା କର୍ପସଫଣ୍ଡ ଦେବା, ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲିବା, ୧୫ ଲକ୍ଷ୍ୟ ହେକ୍ଟର ଜମିରେ ଜଳସେଚନ କରିବାକୁ ସଂକଳ୍ପ ନେବା, ଚିଟ୍‌ଫଣ୍ଡରେ ଜମା କରିଥିବା କ୍ଷୁଦ୍ର ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ଭଳି ବିକାଶମୂଳକ କାର୍ଯ୍ୟ କରିଛି। ଓଡ଼ିଶାରେ ଅନେକ ସମ୍ଭବନା ରହିଛି, ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାକୁ ଏହି ଅବସରରେ ପୁରୀ ଜିଲ୍ଲା ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ପଂଚାୟତ ସମିତି ସଦସ୍ୟ ବିଜୟ ତରାଇ, ବିଭୁତି ତରାଇ, ଉଲ୍ଲାସ ଚନ୍ଦ୍ର ତରାଇ, ଭାସ୍କର ତରାଇ, ଗୋଲଖ ତରାଇ, ମିଳନ ଦଳେଇ ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ଜଗତ୍‌ସିଂହପୁର ଜିଲ୍ଲା ତିର୍ତୋଲ ନିର୍ବାଚନ ମଣ୍ଡଳୀର ଯୁବ ନେତା ତଥା ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଦେବୀ ପ୍ରସାଦ ତ୍ରିପାଠୀ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ କୁମାର ଦାସ, ପୂର୍ବତନ ଅଧ୍ୟକ୍ଷ ପଦ୍ମନାଭ ଭୋଇପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି।

## ଓଡିଶା ଭିଜନ ଓ ବିକଳ୍ପ ଚିନ୍ତନ ଆଲୋଚନା

ଭୁବନେଶ୍ୱର, ୧୨।୨ (ମହାଭାରତ): ବର୍ତ୍ତମାନ ରାଜ୍ୟରେ ପ୍ରଶାସନିକ ଅରାଜକତା, ସାମାଜିକ ସ୍ଥାଣୁତା, ରାଜନୈତିକ ଅପାରଗତା ଯୋଗୁଁ ଏକ ବିରାଟ ସରକାର ବିରୋଧୀ ଜନମତ ସୃଷ୍ଟି ହୋଇଛି। ଦୀର୍ଘ ୨୪ ବର୍ଷର ବିଜେଡି ସରକାରକୁ ପରିବର୍ତ୍ତନ କରି ଲୋକେ ବିଜେପିକୁ ଭୋଟ ଦେଇ ସରକାରକୁ ଆଣିଥିଲେ। ହେଲେ ଅର୍ଥନୈତିକ ଅବ୍ୟବସ୍ଥା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଅପରିଣାମଦର୍ଶୀ ନିଷ୍ପତ୍ତି ରାଜ୍ୟବାସୀଙ୍କ ଉପରେ ଭକ୍ଷରି ପଡି ଗଲିଛି। ପରିସ୍ଥିତି ଏପରି ଜଟିଳ ହୋଇପଡିଛି ଯେ ଜନସାଧାରଣ ସନ୍ଦିହାନ ଅବସ୍ଥାରେ। ପ୍ରାୟତଃ ସାରା ରାଜ୍ୟରେ ସରକାରଙ୍କ ଦାୟିତ୍ୱ ହୀନତା ପାଇଁ ଗଳି କନ୍ଦିରେ ଏକ ସ୍ୱତନ୍ତ୍ର ରାଜନୈତିକ ବିକଳ୍ପ ପାଇଁ ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା ନେଇ ଗୁଞ୍ଜରଣ ସୃଷ୍ଟି ହୋଇଛି। ସରକାର ଗଠନର ଦୁଇ ବର୍ଷ ବି ହୋଇନି କାହିଁକି ଏଭାଳି ଏକ ପରିସ୍ଥିତି ସୃଷ୍ଟି ହେଲା ଓ ରାଜ୍ୟରେ ଏକ ରାଜନୈତିକ ବିକଳ୍ପର ଆବଶ୍ୟକତା ସମ୍ପର୍କରେ ବ୍ୟାପକ ଆଲୋଚନା ପାଇଁ ଆମ ଜନତା ଅଧିକାର ନିଷ୍ପତି ନେଇଥିଲା। ଏହି ପରିସ୍ଥିତିରେ ସାରା ରାଜ୍ୟର କୋଣ ଅନୁକୋଣରୁ ସାମାଜିକ କର୍ମୀ ଏକତ୍ରିତ ହୋଇ ବିଷଦ ଆଲୋଚନା ସହ ସମାଧାନ ସୂତ୍ର ବାହାର କରିବାକୁ ମାନସ ମନ୍ଥନ କରିଛନ୍ତି। ଆମ ଜନତା ଅଧିକାର ଏବଂ ଓଡିଶା ସାମାଜିକ ସଂଗଠନ ସମୂହର ଉଦ୍ୟମରେ ଅନୁଷ୍ଠିତ ଏହି ସମ୍ମେଳନରେ ଦିନ ତମାମ ସମସ୍ୟା, ଆହ୍ୱାନ ଓ ସମ୍ଭାବନା ଉପରେ ବିସ୍ତୃତ ଚର୍ଚ୍ଚା, ଆଲୋଚନା ଏବଂ ପର୍ଯ୍ୟାଲୋଚନା ହୋଇଥିଲା। ଆମ ଜନତା ଅଧିକାରର ଆବାହକ ମନୋଜ ଜେନାଙ୍କ




ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହ ଆବାହକ ବାସୁଦେବ ଭଟ୍ଟ ସ୍ୱାଗତ ଭାଷଣ, ସୂଚନା ଅଧିକାର ଅଭିଯାନ ଅଧକ୍ଷ ପ୍ରଦୀପ ପ୍ରଧାନ ଲକ୍ଷ ଅଭିମୁଖ୍ୟ ବିଷୟରେ କହିଥିଲେ। ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଷୋୟୀ ଆଲୋଚନା ସଭାର ନିର୍ଯ୍ୟାସ ଉପରେ ବକ୍ତବ୍ୟ ରଖିଥିଲେ। ପୂର୍ବତନ ବାରବାଟୀ କଟକ ବିଧାୟକ ମହମଦ ମୋକିମ କହିଥିଲେ ମୁଁ ଓଡ଼ିଆ ଝିଅଙ୍କୁ ରାଷ୍ଟ୍ରପତି ପାଇଁ ସମର୍ଥନ ଦେଇଛି। ଓଡିଆ ଏବଂ ଓଡିଶାର ବିକାଶ ଓ ସ୍ୱାର୍ଥର ସୁରକ୍ଷା ପାଇଁ ମୁଁ ପ୍ରତିଶୃତିବଦ୍ଧ। ନିର୍ଭିକ, ସାହସୀ, ପ୍ରଗତିଶୀଳ ଚିନ୍ତାଧାରା ଓ ସକାରାତ୍ମକ ମନୋଭାବ ଥିବା ସମଭାବାପର୍ଣ୍ଣ ବ୍ୟକ୍ତି ମିଶି ଓଡିଶାର ସାମଗ୍ରିକ ବିକାଶ କ୍ଷେତ୍ରରେ ସଂଗଠିତ ହୋଇ କାର୍ଯ୍ୟ କଲେ ଲୋକଙ୍କ ବିଶ୍ୱାସ ଭାଜନ ହେବେ। ବରିଷ୍ଠ ସାମ୍ବାଦିକ ରବି ଦାସ ରାଜନୈତିକ ବିକଳ୍ପ ସାଧାରଣ ଲୋକଙ୍କ ଶାଣିତ ସ୍ୱର ହେଲେ ଲୋକ ନିଶ୍ଚୟ ଗ୍ରହଣ କରି ତାଙ୍କର ନେତା ଭାବେ ବିବେଚିତ କରିବେ, ଅକ୍ଷୟ ସାହୁ କହିଲେ କି ପୂର୍ବରୁ ରାଜ୍ୟରେ ଯେତେ ରାଜନୈତିକ ଦଳ ଗଠନ ହୋଇଛି ସେଗୁଡିକ ଦଳୀୟ କନ୍ଦଳ ଓ ରାଜନୈତିକ ସ୍ୱାର୍ଥ ପାଇଁ ଗଠନ ହୋଇଥିଲା। ସନ୍ଦୀପ ମିଶ୍ର କହିଥିଲେ କି ଚୁପ ନରହି ସାହସୀ ଭାବେ ସଚୋଟ ଭାବେ ବିଶ୍ୱାସଯୋଗ୍ୟ ହେଲା ଭଳି କାର୍ଯ୍ୟ କଲେ ବିକଳ୍ପ ହେଇ ପାରିବ। ସୁପ୍ରିୟା ଦାସ କହିଥିଲେ ସମାଜର ଅଧା ଜନସଂଖ୍ୟା ମହିଳାଙ୍କ ବିକାଶ କ୍ଷେତ୍ରରେ ଭାଗିଦାରୀତା ମଧ୍ୟ ରାଜନୈତିକ ବିକଳ୍ପ ପାଇଁ ସ୍ୱତନ୍ତ୍ର ଆହ୍ୱାନ। ନାଗରିକ ସମାଜ ରାଜନୈତିକ ବିକଳ୍ପରେ ଭାଗିଦାର ଏକ ଶୁଭ ସଂକେତ। ଦେବେନ୍ଦ୍ର ପୃଷ୍ଟି କହିଲେ କି ଓଡ଼ିଆ ଲୋକଙ୍କ ହାତରେ ଓଡିଶା ଶାସନର ମଙ୍ଗ ରହିବା ଉଚିତ।

## ଟାରିଫରେ ହ୍ରାସ ଯୋଗୁ ଭାରତର ରପ୍ତାନୀକୁ ମିଳିବ ପ୍ରୋତ୍ସାହନ

ଭୁବନେଶ୍ୱର, ୧୨।୨ (ମହାଭାରତ): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ମେଡ୍ ଇନ୍ ଇଣ୍ଡିଆ' ଉତ୍ପାଦନ ଉପରେ ଆମେରିକା ଦ୍ୱାରା ଟାରିଫ୍ କମାଇ ୧୮ ପ୍ରତିଶତ କରାଯିବାକୁ ଭାରତ–ଆମେରିକା ଆର୍ଥିକ ସମ୍ପର୍କରେ ଏକ ଐତିହାସିକ ପ୍ରଗତି ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ଏହି ନିଷ୍ପତି ଦୁଇ ଦେଶ ମଧ୍ୟରେ ଗଭୀର ସହଯୋଗ ଓ ସାମୁହିକ ସମୃଦ୍ଧି ପାଇଁ ଏକ ମଜବୁତ ଆଧାର ସୃଷ୍ଟି କରିବ। ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ୍ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ଟାରିଫ୍‌ରେ ଏହି ହ୍ରାସ ଭାରତୀୟ ଉତ୍ପାଦନ କ୍ଷେତ୍ର, ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟମ (ଏମ୍‌ଏସ୍‌ଏମ୍‌ଇ), ରପ୍ତାନିକାରୀ ଏବଂ ନିଯୁକ୍ତି ସୃଷ୍ଟିକୁ ଉଲ୍ଲେଖନୀୟ ଭାବେ ପ୍ରୋତ୍ସାହନ ଦେବ। ଏହା ସହିତ, ଉଦ୍ୟୋଗପତି ଓ ଷ୍ଟାର୍ଟଅପମାନଙ୍କ ପାଇଁ ନୂଆ ସୁଯୋଗ ଖୋଲିବ ଏବଂ ବିଶ୍ୱ ବଜାରକୁ ପହଞ୍ଚକୁ ଆହୁରି ମଜବୁତ କରିବ। ସେ ଏହି ସଫଳତାର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଣ୍ଣୟାତ୍ମକ ନେତୃତ୍ୱ ଓ ଜନକେନ୍ଦ୍ରିତ କୂଟନୀତିକୁ ଦେଇ ତାଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୂରଦର୍ଶୀ ଓ ଜନହିତକାରୀ ନେତୃତ୍ୱର ଫଳରେ ଭାରତ–ଆମେରିକା ସମ୍ପର୍କ ଆହୁରି ସୁଦୃଢ଼ ହୋଇଛି ଏବଂ ଭାରତର ବିଶ୍ୱ ଆର୍ଥିକ ଉପସ୍ଥିତିକୁ ନୂଆ ସୁଦୃଢ଼ତା ମିଳିଛି।" ଆମେରିକୀୟ ଟାରିଫ୍‌ରେ କମିବା ଫଳରେ ଭାରତୀୟ ଉତ୍ପାଦନଗୁଡ଼ିକର ପ୍ରତିସ୍ପର୍ଧାତ୍ମକ କ୍ଷମତା ବୃଦ୍ଧି ପାଇବ ଏବଂ ରପ୍ତାନି ଆଧାରିତ ଆର୍ଥିକ ବିକାଶକୁ ଗତି ମିଳିବାର ଆଶା କରାଯାଉଛି।

# ଭାରତରେ ସ୍ୱାଭାବିକ ବର୍ଷା

ଭାରତରେ ବାର୍ଷିକ ୮୭ ସେଣ୍ଟିମିଟର ବର୍ଷାକୁ ସ୍ୱାଭାବିକ କୁହାଯାଉଛି। ଏହାର ୯୬ ରୁ ୧୦୪ ପ୍ରତିଶତ ପର୍ଯ୍ୟନ୍ତ ବର୍ଷାକୁ ସ୍ୱାଭାବିକ ପରିମାଣ ବୋଲି କୁହାଯାଇଥାଏ। ଏହାଠାରୁ ଅଧିକ ହେଲେ ଅତିରିକ୍ତ ବର୍ଷା ଏବଂ ଏହାଠାରୁ କମ ହେଲେ ମରୁଡ଼ି ବା ଅନାବୃଷ୍ଟି ବୋଲି କୁହାଯାଇଥାଏ। ଆକଳନ ଅନୁଯାୟୀ ଚଳିତ ବର୍ଷ ଏଲନିନୋର ଆଶଙ୍କା ରହିଛି। ଅବଶ୍ୟ ପାଣିପାଗର ଗତି ବିଧି ସମ୍ପର୍କରେ ସବୁ ବେଳେ ସଠିକ ହେବ ବୋଲି କୁହାଯାଇପାରିବ ନାହିଁ। କିନ୍ତୁ ଗୋଟିଏ କଥା କୁହାଯାଇପାରେ ଯେ, ଯଦି ମୌସୁମୀର ପ୍ରବେଶ ସମୟ ନେଇ ଆକଳନ ଭୁଲ ହେଲା ତେବେ ଚଳିତ ବର୍ଷ ଭାରତରେ ମୌସୁମୀ ସ୍ୱାଭାବିକ ରହିବ ବୋଲି ଯେଉଁ ପୂର୍ବାନୁମାନ କରାଯାଇଛି ତାହା ବି ଭୁଲ ପ୍ରମାଣିତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। କାରଣ ଭାରତର ଅର୍ଥନୀତି ଅନେକାଂଶରେ ମୌସୁମୀ ଉପରେ ନିର୍ଭର କରିଥାଏ। ଭାରତର ଅର୍ଥନୀତି କୃଷି ଭିତ୍ତିକ ଅଟେ ଏବଂ କୃଷି ଉତ୍ପାଦନ ମୌସୁମୀର ଗତିବିଧି ଉପରେ ନିର୍ଭର କରିଥାଏ। ଭାରତର ଅଧାରୁ ଅଧିକ କୃଷି ଜମି ଅଣଜଳସେଚିତ ଏବଂ ଏହା ସମ୍ପୂର୍ଣ୍ଣ ରୂପେ ବର୍ଷା ଜଳ ଉପରେ ନିର୍ଭର କରିଥାଏ। ଏହା ବ୍ୟତିତ ମୌସୁମୀ ସମୟରେ ହେଉଥିବା ବର୍ଷାକୁ ସଂଚିତ ରଖାଯାଇ ରବି ଋତୁରେ ଜଳସେଚନ ବ୍ୟବସ୍ଥା କରାଯାଇଥାଏ। ଗତ ବର୍ଷ ଭାରତରେ ମୌସୁମୀ ସ୍ୱାଭାବିକ ରହିବ ବୋଲି କୁହାଯିବା ପରେ କୃଷକମାନଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଥିଲା। କୃଷି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏଥର ଭାରତର ଖାଦ୍ୟ ଉତ୍ପାଦନ ୩୩୦ ମିଲିଅନ ଟନ ଟପିବ। ଏହା ଏକ ସର୍ବକାଳୀନ ରେକର୍ଡ। ଏହା ଯଦି ସତ୍ୟ ହେବ ତେବେ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। ଏହା ଉପରେ ଭାରତର ମୁଦ୍ରାସ୍ଫୀତି ନିର୍ଭର କରୁଛି। ରବି ଫସଲ ଏଥର ଭଲ ହୋଇଥିବାରୁ ଏପ୍ରିଲରେ ମୁଦ୍ରାସ୍ଫୀତି ହାର ୪.୭୧ ପ୍ରତିଶତକୁ ହ୍ରାସ ପାଇଛି। ଯଦି ଏଥର ମୌସୁମୀ ବର୍ଷ ଠିକଠାକ ରହେ ତେବେ ଆଗାମୀ ଦିନରେ ଭାରତର ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ରହିବ। କିନ୍ତୁ ଯଦି ମୌସୁମୀ ବର୍ଷା ପର୍ଯ୍ୟାପ୍ତ ନହୁଏ ବା ସ୍ୱଳ୍ପ ସମୟରେ ମାତ୍ରାଧିକ ବୃଷ୍ଟିପାତ ହୁଏ ତେବେ ଫସଲ ଉତ୍ପାଦନ ହ୍ରାସ ପାଇପାରେବ। ସ୍ୱଳ୍ପ ସମୟ ଭିତରେ ଅତିବୃଷ୍ଟି ହେତୁ ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ରହିଛି। ଏହା ବି କୃଷି ଉତ୍ପାଦନ ହ୍ରାସର ଅନ୍ୟତମ କାରଣ ହୋଇପାରେ। ଯଦି ମୌସୁମୀର ଆଗମନ ନେଇ ଆଇଏମଡିର ଆକଳନ ଭୁଲ ହେଲା ତେବେ ଏଥର ମୌସୁମୀ ସ୍ୱାଭାବିକ ହେବ ବୋଲି ଆକଳନ ବି ଭୁଲ ହୋଇପାରେ। ଏହା ନିଶ୍ଚିତ ଭାବେ ଚିନ୍ତାଜନକ। ମୌସୁମୀ ଉପରେ ଆମର ନିୟନ୍ତ୍ରଣ ନାହିଁ। କିନ୍ତୁ ବର୍ଷା ଜଳ ସଂଚୟ ଆମ ଦ୍ୱାରା ସମ୍ଭବ ହୋଇପାରିବ। ଏହା ଅନେକାଂଶରେ ସମ୍ଭାବ୍ୟ ବିପର୍ଯ୍ୟୟକୁ ହ୍ରାସ କରିପାରିବ। ମୌସୁମୀ ପ୍ରବେଶ ପରେ ଦେଶର ଅନେକ ସ୍ଥାନରେ ବନ୍ୟା, ବାତ୍ୟାର ଆଶଙ୍କା ରହିଥାଏ। ଏହା ଦ୍ୱାରା ଧନଜୀବନ ହାନି ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ସରକାରୀ କଳ ଯଥେଷ୍ଟ ପୂର୍ବରୁ ସଜାଗ ଏବଂ ପ୍ରସ୍ତୁତ ରହିବା ଉଚିତ। ବହୁ ପାଣିପାଗ ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି ଯେ, ଏଲନିନୋ ପ୍ରଭାବରୁ ଏଥର କେବଳ ଭାରତ ନୁହେଁ, ବିଶ୍ୱର ଅନେକ ସ୍ଥାନରେ ଅସ୍ୱାଭାବିକ ପାଣିପାଗ ଅନୁଭୂତ ହେବ। କେତେକ ସ୍ଥାନରେ ଅତିବୃଷ୍ଟି ଏବଂ ଆଉ କେତେକ ସ୍ଥାନରେ ଅନାବୃଷ୍ଟି ପରିଲକ୍ଷିତ ହୋଇପାରେ। ଏହା ବ୍ୟତିତ ଅଦିନିଆ ବର୍ଷା ବି ହୋଇପାରେ। ଅର୍ଥାତ ଭାରତରେ ଅକ୍ଟୋବର-ନଭେମ୍ବରରେ ପ୍ରବଳ ବର୍ଷା ହୋଇପାରେ। ଏହା ଦ୍ୱାରା ବ୍ୟାପକ ଫସଲ ହାନି ଏବଂ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ହୋଇପାରେ। ଭାରତୀୟ ଅର୍ଥନୀତି ପାଇଁ ଏହା ସବୁଠାରୁ ବଡ଼ ଚିନ୍ତାର ବିଷୟ।

# ପୁତିନଙ୍କ ଅପରେସନ ଆମେରିକା

॥ ସୌମେନ୍ଦ୍ର ଜେନା ॥

> *କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚ୍ୟାଲେଞ୍ଜ ଦେଇଥିଲେ ।*

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକା ଓ ସୋଭିଏତ୍ ରୁଷିଆ ମଧ୍ୟରେ ନିଜସ୍ୱ ବର୍ଚ୍ଚସ୍ୱ ପ୍ରତିଷ୍ଠା ପାଇଁ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଆସିଛି ଏବେ ତାହା ଏକ ଭିନ୍ନ ସୋପାନରେ ପହଞ୍ଚିଛି । ରୁଷିଆର ପ୍ରଭାବକୁ ୟୁରୋପରେ ସଂକୁଚିତ କରିବା ପାଇଁ ୟୁକ୍ରେନ ମାଧ୍ୟମରେ ଆମେରିକା ଯେଉଁ ଗୋଟି ଚଳାଇ ଆସିଛି ତାକୁ ଅତି କଠୋର ଭାବରେ ସାମ୍ନା କରିଆସିଛି ରୁଷିଆ । ୟୁକ୍ରେନର ସହାୟତା ପାଇଁ ନାଟୋର ସଦସ୍ୟ ରାଷ୍ଟ୍ର ସମୂହଙ୍କୁ ଆମେରିକା ଏକାଠି କରି ଅସ୍ତ୍ରଶସ୍ତ୍ର ଚାଲାଣ ଜାରି ରଖିଛି । ତେଣେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଆମେରିକାର ସମସ୍ତ ଚାଲକୁ ବିଫଳ କରିବା ପାଇଁ ଯେତିକି ପ୍ରୟାସ ନିଜ ଦେଶରେ କରିଛନ୍ତି ସେତିକି ଦେଶ ବାହାରେ ମଧ୍ୟ କରିଛନ୍ତି । ପୁତିନଙ୍କ କୂଟନୀତି ଯୋଗୁ ଏସିଆର ଦୁଇଟି ପ୍ରମୁଖ ରାଷ୍ଟ୍ର ଚୀନ ଓ ଭାରତ ଆମେରିକା ସପକ୍ଷରେ ପୂରାପୂରି ଯାଇନାହାନ୍ତି । ସତକଥା ହେଲା ପୁତିନଙ୍କ ଦୃଢ ମନୋବଳ ଯୋଗୁ ଆମେରିକା ଏବଂ ନାଟୋ ମେଣ୍ଟର କଟକଣା, ଅସହଯୋଗ, ଷଡଯନ୍ତ୍ର ସତ୍ତ୍ୱେ ରୁଷିଆ ଏକାକୀ ଲଢିଆସିଛି । ଆମେରିକା ଏବଂ ୟୁରୋପର ରାଷ୍ଟ୍ରଗୁଡିକ ବିଶ୍ୱମଞ୍ଚରେ ରୁଷିଆକୁ ଏକାକୀ କରିବାକୁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିଥିଲେ ମଧ୍ୟ ପୁତିନଙ୍କୁ ସମର୍ଥନ ଦେବାପାଇଁ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ମୁଖ୍ୟ ମସ୍କୋରେ ଉପସ୍ଥିତ ରହି ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ଦେଢବର୍ଷରୁ ଅଧିକ କାଳ ଧରି ୟୁକ୍ରେନ -ରୁଷିଆର ଯୁଦ୍ଧ ମଧ୍ୟରେ ରୁଷିଆର ଜନସାଧାରଣ ଏବଂ ସହଯୋଗୀ ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ରଖି ପୁତିନ ନିଜ ସଫଳ ନେତୃତ୍ୱର ପରିଚୟ ଦେଇପାରିଛନ୍ତି । ରୁଷିଆର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିବା ୱାଗନର ଗ୍ରୁପର ମୁଖ୍ୟ ଏବଂ ପୂର୍ବତନ ନିକଟତମ ସହଯୋଗୀ ପ୍ରିଗୋଜିନଙ୍କ ପରି ବ୍ୟକ୍ତିଙ୍କୁ ରାସ୍ତାରୁ ହଟାଇବାକୁ ସକ୍ଷମ ହୋଇଛନ୍ତି । ଆମେରିକାର ସମସ୍ତ ପ୍ରକାର ପ୍ରୟାସ ସତ୍ତ୍ୱେ ରୁଷିଆର ନେତୃତ୍ୱ ଦୁର୍ବଳ ହୋଇନାହିଁ ବରଂ ଆମେରିକା ମଧ୍ୟରେ ପୁତିନଙ୍କ ଅପରେସନ ଅଧିକ ଶକ୍ତିଶାଳୀ ହୋଇଛି । ରୁଷିଆ ବାହାରେ ଆମେରିକାର ସମ୍ମାନ ଓ ପ୍ରତିଷ୍ଠାରେ ଆଞ୍ଚ ଆସିଛି । ଯେଉଁ ଗଣତନ୍ତ୍ର କଥା କହି ଆମେରିକା ନିଜର ଆଧିପତ୍ୟ ବିସ୍ତାର ପାଇଁ ବାଟ ଫିଟାଇଥାଏ ସେହି ଗଣତନ୍ତ୍ର ପ୍ରତି ଅନ୍ୟମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ମାଇଣ୍ଡଗେମ୍‌ରେ ଆମେରିକାକୁ ଦୁର୍ବଳ କରିବାକୁ ପୁତିନ ସଫଳ ହୋଇଛନ୍ତି ।

ସୋଭିଏତ ରୁଷିଆକୁ ଦୁର୍ବଳ କରିବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଯେଉଁ ପ୍ରୟାସ ଆମେରିକା ଚଳାଇ ଆସିଥିଲା ତାହା ଚାରିଦଶନ୍ଧି ପରେ ସଫଳ ହେଲା । ସୋଭିଏତ୍ ସଂଘକୁ ଭାଙ୍ଗିବା ପାଇଁ ଆମେରିକାର ନିରନ୍ତର ପ୍ରୟାସକୁ ପୁତିନ ଦେଖିଥିଲେ । ଜର୍ମାନୀରେ ଗୁଇନ୍ଦା ଅଧିକାରୀ ଭାବେ ନିଯୁକ୍ତ ଥିଲାବେଳେ ବିକ୍ଷୋଭ ଆଳରେ ସେଠାରେ ଥିବା ସୋଭିଏତ ରୁଷିଆର କୂଟନୀତିକ କାର୍ଯ୍ୟାଳୟକୁ କିପରି ଧ୍ୱଂସ କରି ତଥ୍ୟ ଚୋରାଇବାକୁ ପ୍ରୟାସ ହୋଇଥିଲା ତାହା ସହ ସେ ପରିଚିତ ଥିଲେ । କାର୍ଯ୍ୟାଳୟ ଉପରେ ଆକ୍ରମଣ ହେବା ସମୟରେ ସେ ଗୋପନୀୟ ତଥ୍ୟଗୁଡ଼ିକର ଦଲିଲକୁ କିପରି ପୋଡି ନଷ୍ଟ କରିଥିଲେ ତାହା ଭୁଲିପାରିନାହାନ୍ତି । ସେତେବେଳେ ରୁଷିଆର ଶାସନରେ ଥିବା ସରକାରଙ୍କଠାରୁ ଯେପରି ସାହାଯ୍ୟ ପାଇବା କଥା ତାହା ସେ ନପାଇବା ଦ୍ୱାରା କିପରି ରୁଷିଆର କ୍ଷତି ହୋଇଥିଲା ତାହା ସେ ଲକ୍ଷ୍ୟ କରିଥିଲେ । ତେଣୁ ରୁଷିଆର ନେତୃତ୍ୱ ସବୁବେଳେ ସୁଦୃଢ , ସଶକ୍ତ ଏବଂ ବାରମ୍ବାର ପରିବର୍ତ୍ତନ ନ ହେବାକୁ ସେ ନିଜର ନୀତି ଭାବେ ଧରିଛନ୍ତି । ରୁଷିଆରେ ଗଣତନ୍ତ୍ର ଆସିଲା ପରେ ଯେପରି ଭୋଟରକୁ ପ୍ରଭାବିତ କରି ସରକାର ବଦଳିବା କଥା ତାହା ହୋଇନାହିଁ । ଏପରିକି ପୁତିନ ନିଜକୁ ସର୍ବୋଚ୍ଚ ସ୍ଥାନରେ ଅଧିକ ସଶକ୍ତ କରିଛନ୍ତି । ସାମ୍ବିଧାନିକ ପରିବର୍ତ୍ତନ ମଧ୍ୟ କରିଛନ୍ତି । ୟୁରେସିଆକୁ ଦୁର୍ବଳ କରିବାକୁ ହେଉଥିବା ଉଦ୍ୟମର ସେ ବିରୋଧ କରୁଛନ୍ତି । ଆମେରିକାର ସୋସିଆଲ ମିଡିଆରେ ପ୍ରବେଶ କରି ସେଠାକାର ସରକାରଙ୍କୁ ସନ୍ଦେହରେ ପକାଇଛନ୍ତି । ୨୦୧୮ରେ ଫକ୍ସ ନିଉଜକୁ ଦେଇଥିବା ସାକ୍ଷାତକାରରେ ପୁତିନ ଯେଉଁ ମନସ୍ତାତ୍ତ୍ୱିକ ଯୁଦ୍ଧ ଚଳାଇଥିଲେ ସେଥିରେ କେତେକାଂଶରେ ସେ ସଫଳ ହୋଇଛନ୍ତି । ୨୦୧୬ରେ ଆମେରିକା ନିର୍ବାଚନରେ ଟ୍ରମ୍ପ-ହିଲାରୀ କ୍ଲିଣ୍ଟନଙ୍କ ମଧ୍ୟରେ ଲଢେଇ ହେଉଥିବା ସମୟରେ ବର୍ଣ୍ଣିସାଣ୍ଡାର୍ସ କ୍ଲିଣ୍ଟନଙ୍କୁ ହଟାଇବା ପାଇଁ କିପରି ଷଡଯନ୍ତ୍ର କରିଥିଲେ ତାହା କହି ସେ ଆମେରିକାବାସୀଙ୍କ ମନରେ ଦ୍ୱନ୍ଦ୍ୱ ଭରି ଦେଇଥିଲେ । ଆମେରିକାର ରାଜନୀତିରେ ନୀତିବିହୀନ ନେତୃତ୍ୱର ଲଢେଇକୁ ସେ ଲୋକଲୋଚନକୁ ଆଣି ଅନେକ ସନ୍ଦେହର ଜାଲ ବୁଣିଥିଲେ । ଯାହା ଫଳରେ ଟ୍ରମ୍ପ ଏବଂ କ୍ଲିଣ୍ଟନଙ୍କ ଦଳକୁ ସମର୍ଥନ କରୁଥିବା ଭୋଟରମାନଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ କେନ୍ଦ୍ର କରି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ସେମାନେ ତଦନ୍ତ ପାଇଁ ଦାବି କରିଥିଲେ । ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଜାଲିଆତି ହେଉଥିବା କଥା ପୁତିନ ଉଠାଇ ବିଶ୍ୱବାସୀଙ୍କ ମନରେ ଆମେରିକାର ପ୍ରତିଷ୍ଠା ପ୍ରତି ଆଞ୍ଚ ଆଣିଥିଲେ । ତେଣୁ ଆମେରିକାବାସୀଙ୍କ ମନରେ ଆମେରିକାର ବିଧି ଓ ବ୍ୟବସ୍ଥା ପ୍ରତି ସନ୍ଦେହ ସୃଷ୍ଟିକରି ଆମେରିକା କିପରି ଅନ୍ୟ ଦେଶର ଗଣତନ୍ତ୍ରର କ୍ଷତିସାଧନ କରିଆସୁଛି ତାହା ସେ ଉଲ୍ଲେଖ କରିଥିଲେ ।

କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚ୍ୟାଲେଞ୍ଜ ଦେଇଥିଲେ । ଆଫ୍ରିକାରେ ହସ୍ତକ୍ଷେପ କରି ନାଟୋ ଦେଶଗୁଡିକୁ ହଟାଇବା ପାଇଁ ସ୍ଥାନୀୟ ରାଜନେତା ଏବଂ ସେନାର ନେତୃତ୍ୱକୁ ବୁଝାଇବାରେ ସକ୍ଷମ ହୋଇଥିଲେ । ଯେଉଁଥିପାଇଁ ଏକଦା ଶହଶହ ବର୍ଷ ଧରି ଆଫ୍ରିକାକୁ ଉପନିବେଶ କରିଥିବା ୟୁରୋପୀୟ ରାଷ୍ଟ୍ରଗୁଡିକ ପ୍ରତି ଆଫ୍ରିକାର ଜନମାନସରେ ଏବେ ପ୍ରବଳ ଘୃଣା ଭାବ ଦେଖାଦେଇଛି । ଗୋଟିକ ପରେ ଗୋଟିଏ ଦେଶରେ ନାଟୋ ସମର୍ଥିତ ଗୋଷ୍ଠୀ ଦୁର୍ବଳ ହେବାରେ ଲାଗିଛନ୍ତି । ନିକଟରେ ନାଇଜରରୁ ଫ୍ରାନ୍ସ ସେନାବାହିନୀ ନିଜ ଛାଉଣୀ ଛାଡିବାକୁ ବାଧ୍ୟ ହୋଇଛନ୍ତି । ସତୁରୀ ବର୍ଷ ଧରି ସେଠାରେ ଫ୍ରାନ୍ସର ସେନା ସ୍ଥାୟୀ ଭାବେ ରହିଆସିଥିଲେ । ବିଗତ ଦିନରେ ଅନେକ ଆଫ୍ରିକୀୟ ରାଷ୍ଟ୍ରରେ ଆମେରିକା-ନାଟୋ ସମର୍ଥକ ସରକାରଗୁଡିକୁ କ୍ଷମତାରୁ ହଟାଇବା ପଛରେ ପୁତିନଙ୍କ ବୁଦ୍ଧି ଯେ କାର୍ଯ୍ୟ କରିଛି ତାହା ସ୍ୱୀକାର କରିବାକୁ ହେବ । ୨୦୦୪ ପରଠାରୁ ଆଫ୍ରିକାର ଆର୍ଥିକ ଓ ବାଣିଜ୍ୟିକ କ୍ଷେତ୍ରରେ ଚୀନ ନିଜର ଆଧିପତ୍ୟକୁ ବୃଦ୍ଧିକରିବାକୁ ସକ୍ଷମ ହେଲାବେଳେ ରୁଷିଆ ସାମରିକ ଏବଂ କୂଟନୀତିକ କ୍ଷେତ୍ରରେ ଅଧିକ ସୁଦୃଢ ହୋଇଛି । ମାଇଣ୍ଡଗେମ୍‌ରେ ପୁତିନ ଆଗୁଆ ରହି ଆଫ୍ରିକାବାସୀଙ୍କୁ ୟୁରୋପ-ଆମେରିକା ବିରୋଧୀ କରି ଛିଡା କରିବାକୁ ସକ୍ଷମ ହୋଇଛନ୍ତି ।

ସମ୍ମୁଖ ଯୁଦ୍ଧରେ ରୁଷିଆ ପାଇଁ କେବଳ ପରମାଣୁ ଯୁଦ୍ଧ ବାଦ ଦେଲେ ପାରମ୍ପାରିକ ଯୁଦ୍ଧରେ ଆମେରିକାର ସମ୍ମୁଖୀନ ହେବା ସହଜ ହେବନାହିଁ, ଏକଥା ପୁତିନଙ୍କୁ ଜଣାଅଛି । ତେଣୁ ସେ ସାଇବର ସେନା ବାହିନୀକୁ ଶକ୍ତିଶାଳୀ କରି ଆମେରିକା ଓ ନାଟୋ ଗୋଷ୍ଠୀକୁ ବାରମ୍ବାର ଆକ୍ରମଣ କରି ଆସିଛନ୍ତି । ୨୦୨୦ ନିର୍ବାଚନ କାଳରେ ଆମେରିକାରେ ଟ୍ରମ୍ପ ବିଜୟୀ ହେବା ଜଣାପଡୁଥିଲା ବେଳେ ବାଇଡେନ ବିଜୟୀ ହେବା ସମସ୍ତଙ୍କୁ ଚକିତ କରିଥିଲା ଏବଂ ଆମେରିକାବାସୀ ଭୋଟରଙ୍କ ମନରେ ପୁତିନ ମାଇଣ୍ଡଗେମ୍ କ୍ଷେତ୍ରରେ ଆଗରେ ରହିବା ଜଣାପଡିଥିଲା । ପୁତିନ ନିଜେ କେଜିବିର ଜଣେ ଅଧିକାରୀ ଭାବେ ଅତୀତରେ କାର୍ଯ୍ୟ କରିଥିବା ଦୃଷ୍ଟିରୁ କ୍ଷମତାକୁ ଆସିବାପରେ ଗୁଇନ୍ଦା ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛନ୍ତି । ଆମେରିକାର ଗଣମାଧ୍ୟମଗୁଡିକରେ ରୁଷିଆ ସମର୍ଥିତ ଲୋକଙ୍କୁ ପ୍ରବେଶ କରାଇ ପୁତିନ ଭୟ ସଞ୍ଚାର କରିବାକୁ ସକ୍ଷମ ହୋଇଛନ୍ତି । ୟୁକ୍ରେନ ଯୁଦ୍ଧବେଳେ ଜନବସତିଗୁଡିକ ଉପରେ ଭୀଷଣ ଆକ୍ରମଣକରି ପ୍ରବଳ କ୍ଷୟକ୍ଷତି ସହ ଅଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରିବାର ଭୟଙ୍କର ଫଟୋ ସବୁ ଆମେରିକାର ଗଣମାଧ୍ୟମରେ ପ୍ରକାଶ କରାଇ ଆମେରିକାବାସୀଙ୍କ ମନରେ ସେଠାକାର ସରକାରଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରିବାରେ ପୁତିନ ସକ୍ଷମ ହୋଇଥିଲେ । ଆମେରିକା ଏବଂ ୟୁରୋପର ଲୋକେ ଭୟାଳୁ ଏବଂ ରକ୍ତପାତ ଦେଖିଲେ ଛାନିଆଁ ହେବା ସମସ୍ତେ ଜାଣିଛନ୍ତି । ତେଣୁ ପୁତିନ ଯୁଦ୍ଧକାଳରେ ସେଭଳି ଦୃଶ୍ୟ ସୃଷ୍ଟିକରି ଆମେରିକାବାସୀଙ୍କ ମନରେ ଭୟ ସୃଷ୍ଟି କରିଛନ୍ତି । ସୋଭିଏତ ରୁଷିଆକୁ ଆମେରିକା ରାଜନୀତିକ ଷଡଯନ୍ତ୍ର ମାଧ୍ୟମରେ ବିଭାଜିତ କରିବାକୁ ସକ୍ଷମ ହୋଇଥିଲା ବେଳେ ପୁତିନ ସମାନ ଢଙ୍ଗରେ ଆମେରିକାକୁ ଆମେରିକାବାସୀଙ୍କ ଦ୍ୱାରା ବିଭାଜିତ କରିବାକୁ ପ୍ରୟାସ ଚଳାଇଛନ୍ତି । (ବ୍ଲାକ ଲାଇଫମ୍ୟାଟର୍ସ ଆନ୍ଦୋଳନରେ ଯେପରି ଇସଲାମିକ ଏବଂ କମ୍ୟୁନିଷ୍ଟ ଗୋଷ୍ଠୀ ଆମେରିକାରେ ତାଣ୍ଡବ ସୃଷ୍ଟି କରିଥିଲେ ତା ପଛରେ କେଜିବିର ଭୂମିକା ରହିଥିବା ସଂକ୍ରାନ୍ତରେ ବହୁଖବର ପ୍ରକାଶ ପାଇଥିଲା । ଏଥିରୁ ଆମେରିକାକୁ ଆମେରିକା ମଧ୍ୟରେ ଦୁର୍ବଳ କରିବାକୁ ପୁତିନଙ୍କ ଅପରେସନ ସକ୍ଷମ ବୋଲି କୁହାଯାଇପାରେ । ଆଗାମୀ ଦିନରେ ଆମେରିକାବାସୀଙ୍କ ମନରେ ଆମେରିକାପ୍ରତି ଅଧିକ ସନ୍ଦେହ ସୃଷ୍ଟି ପାଇଁ ପୁତିନ ଭିନ୍ନ ଭିନ୍ନ ମାଧ୍ୟମରେ ପ୍ରୟାସ କରିବେ ନିଶ୍ଚୟ ।

# ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ : ବିଜ୍ଞାନ ଶିକ୍ଷାର ଉତ୍ସ

॥ ଡକ୍ଟର ଶ୍ରୀମତୀ ଦୀପା ନାଗ୍ ॥

ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ଓ ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ ଭାବେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ। ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାପ୍ରଦ ଅବଦାନ ରହିଛି। ଓଡ଼ିଶା ରାଜ୍ୟରେ ଗୁଣାତ୍ମକ ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ରୌପ୍ୟ ନଗରୀ କଟକର କେନ୍ଦ୍ରସ୍ଥଳୀରେ ୧୯୪୪ ମସିହାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାପନା କରାଯାଇଥିଲା। ଏହା ଏକ ଖ୍ରୀଷ୍ଟିଆନ ଲଘୁ ସଂପ୍ରଦାୟ ଅନୁଷ୍ଠାନ। ଓଡ଼ିଶା ସରକାରଙ୍କର ଅନୁଦାନ ପ୍ରାପ୍ତ ଏବଂ କଟକ ଡାୟୋସିସ୍ ଦ୍ୱାରା ପରିଚାଳିତ ଏହି ମହାବିଦ୍ୟାଳୟଟି ଭାରତ ବର୍ଷର ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାଦାନ କରିବା ସହିତ ଉତ୍ତମ ନାଗରିକ ମାନଙ୍କୁ ଗଠନ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

ଏହି ମହାବିଦ୍ୟାଳୟରେ ଯୁକ୍ତତିନ ପାଠ୍ୟକ୍ରମରେ ବିଜ୍ଞାନର ସାତୋଟି ବିଭାଗରେ ସମ୍ମାନରେ ଶିକ୍ଷାଦାନ କରାଯାଉଛି। ସେହି ବିଷୟ ଗୁଡ଼ିକ ହେଲା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂତତ୍ତ୍ୱ ଏବଂ କମ୍ପ୍ୟୁଟର ବିଜ୍ଞାନ। ପ୍ରତ୍ୟେକ ବିଭାଗରେ ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକ ଓ ଡେମୋନଷ୍ଟ୍ରେଟରମାନେ ଛାତ୍ରଛାତ୍ରୀ ମାନଙ୍କୁ ଥିଓରି ଏବଂ ପ୍ରାକ୍ଟିକାଲ ଶ୍ରେଣୀରେ ଯତ୍ନର ସହିତ ଶିକ୍ଷାଦାନ କରନ୍ତି। ପାଠପଢ଼ାଇବା ସହିତ ପିଲାମାନଙ୍କର ସୁଚରିତ୍ର ଗଠନ ଦିଗରେ ମଧ ଧ୍ୟାନ ଦିଆଯାଏ। ମହାବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକ ଖବୁ ଉଚ୍ଚକୋଟୀର। ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଉପକରଣ ଏବଂ ରାସାୟନିକ ଯଥେଷ୍ଟ ପରିମାଣରେ ଉପଲବ୍ଧ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କୃତୀତ୍ୱରେ ଶିକ୍ଷାର ମାନ ପ୍ରତିଫଳିତ ହେଉଛି। ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରୁଛନ୍ତି। ଏହାର ଯୁକ୍ତଦୁଇ ଶିକ୍ଷାଦାନ ମଧ ଖୁବ ଉଚ୍ଚକୋଟୀର। ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ



ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ସେମାନେ ଅଧିଷ୍ଠିତ। ପାଠପଢ଼ା ସହିତ ଏହି ମହାବିଦ୍ୟାଳୟର ପିଲାମାନେ ଏନସିସି, ଏନଏସଏସ ଏବଂ ୱାଇଆରସିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ସଂଗୀତ, ନୃତ୍ୟ, ଯୋଗ, କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ମଧ ଛାତ୍ରଛାତ୍ରୀ ମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏହି ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅବଗତ ଏବଂ ଉତ୍ସାହିତ କରିବାରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ। ଏହି କୃତୀତ୍ୱପୂର୍ଣ୍ଣ ବିଜ୍ଞାନମହାବିଦ୍ୟାଳୟରୁ ଅନେକ ପ୍ରତିଭାବାନ ମେଧାବୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ସେମାନେ ଏହି ବିଦ୍ୟାଳୟର ଜଣେ ଜଣେ ପ୍ରତିଭା ଗୌରବ ବିମଣ୍ଡିତ ଆସନରେ ଆଜି ଅଧିଷ୍ଠିତ। ଆଜି ଏହି ବିଦ୍ୟାଳୟ ତାର ୭୯ତମ ବାର୍ଷିକ ଉତ୍ସବ ପାଳନ କରୁଛି। ଏ କ୍ଷେତ୍ରରେ ହଜାର ବର୍ଷର ପରିଚୟ ସମୃଦ୍ଧିରେ ପ୍ରତିଷ୍ଠିତ କଟକ ସହରର ପ୍ରତିଟି କଟକିଆଙ୍କ ସହଯୋଗ ଓ ଭୂମିକା ରହିଛି। ଆଜି ଆମେ ଅତ୍ୟନ୍ତ ଗୌରବାମହ ମନେକରୁଛୁ ଯେ ଏହି ବିଦ୍ୟାଳୟ ତାର ସୁନାମ ପ୍ରତିଷ୍ଠା କରିବାରେ ଓ ବଜାୟ ରଖିବାରେ ସଫଳ ହୋଇଛି। କେବଳ ପାଠପଢ଼ା ନୁହେଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ଅନ୍ୟତମ ଉତ୍କୃଷ୍ଟ ଓ ଉତ୍କର୍ଷ ଗବେଷଣା ସହ କ୍ରୀଡ଼ା ଓ ସାଂସ୍କୃତିକ ଓ ବୌଦ୍ଧିକର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ଅନେକ ବିଜ୍ଞାନ ଶିକ୍ଷାବିତ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ କ୍ରୀଡ଼ାବିତ, ସୁଲେଖକଙ୍କ ଠାରୁ ସାମ୍ବାଦିକ, ମହାକାଶବିଜ୍ଞାନୀଙ୍କ ଠାରୁ ବିଜ୍ଞାନର ସମସ୍ତ ସୋପାନରେ ସେମାନେ ଯେଉଁ ଶିଖରରେ ପହଞ୍ଚି ଏହି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଯଥେଷ୍ଟ। ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାରେ ମହାବିଦ୍ୟାଳୟର ମାର୍ଗଦର୍ଶନ ମଣ୍ଡଳୀ, ପ୍ରତିଷ୍ଠାତା ମଣ୍ଡଳୀ ଓ କମିଟି ମଣ୍ଡଳୀର ସହଯୋଗ, ଉଦ୍ୟମ, ନିଷ୍ଠା ଯଥେଷ୍ଟ। ଚକ, ଡଷ୍ଟର, କଳାପଟା ଯୁଗରୁ ବିଜ୍ଞାନ ଶିକ୍ଷାଦାନ ଆରମ୍ଭ କରି ଆଜି ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର ଓ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ଯାତ୍ରାକୁ ଆଜିବି ଏହି ମହାବିଦ୍ୟାଳୟ ବଜାଏ ରଖିଛି, ଆଗକୁ ମଧ ରଖିବ।

ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମଧୁସୂଦନ ରୋଡ଼, କଟକ, ଦୂରଭାଷ : ୯୪୩୮୩୬୫୭୦୨

# ସତପାତ୍ର

॥ ନିରୂପମା ଭୂୟାଁ ॥

ବମ୍ବେରୁ ଜଣେ ଧାର୍ମିକ ସେଠ ତୀର୍ଥରେ ଆସି ହରିଦ୍ୱାରରେ ପହଞ୍ଚିଲେ। ଶୀତ ଋତୁ ଆସିବା ଆଗରୁ ସେଠାକାର ସାଧୁସନ୍ଥ ମାନଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେବା ଲାଗି ସେ ୨୦୦ ଖଣ୍ଡ କମ୍ବଳ ସାଥିରେ ଆଣିଥିଲେ। ହରିଦ୍ୱାରର ଜଣେ ବଡ଼ ସାଧୁଙ୍କ ସହ ତାଙ୍କର ସଦଭାବ ଥିଲା ଓ ସେ ହରିଦ୍ୱାର ରହଣି ବେଳେ ତାଙ୍କରି ଆଶ୍ରମରେ ରହିବା ପାଇଁ ସ୍ଥିର କଲେ। ଆଣିଥିବା କମ୍ବଳ ଗୁଡ଼ିକର କଥା ମଧ ସେ ସାଧୁଙ୍କୁ କହିଲେ। ସେ କଥା ଶୁଣି ସାଧୁ କହିଲେ - ଠିକ ଅଛି, କମ୍ବଳ ଏଠି ଥାଉ, ଉପଯୁକ୍ତ ସମୟରେ ଉପଯୁକ୍ତ ଲୋକ ହାତରେ ଏ କମ୍ବଳ ଗୁଡ଼ିକ ଦିଆଯିବ। ସବୁ ଦିନ ଭଳି ସନ୍ଧ୍ୟାରେ ସାଧୁଙ୍କ ଆଶ୍ରମରେ ସତସଙ୍ଗ ସଭା ହେଲା। ଅନେକ ସାଧୁ ସନ୍ଥ ଓ ଯାତ୍ରୀମାନେ ମିଶି ରାମଧନ କଲେ। କେତେକ ମହାପୁରୁଷ ପ୍ରବଚନ ଦେଲେ ଓ ଶେଷରେ ସଭା ସାଙ୍ଗ କରାଗଲା। ଏହି ସମୟରେ ବମ୍ବେର ଧାର୍ମିକ ଲୋକଟି ସାଧୁଙ୍କୁ କମ୍ବଳ ବାଣ୍ଟିବା କଥା ମନେ ପକାଇ ଦେଲେ। ସାଧୁ କହିଲେ, 'ଅପେକ୍ଷା କର, ସମୟ ହୋଇନାହିଁ।'

ଧାର୍ମିକ ଲୋକ ଜଣକ ଭାବିଲେ ସଭାରେ ଏତେ ସାଧୁସନ୍ଥ ଉପସ୍ଥିତ ଥିଲେ, ସେଠାରେ କମ୍ବଳ ବାଣ୍ଟିଥିଲେ ଭଲ ହୋଇଥାନ୍ତା, କିନ୍ତୁ ଏ ସାଧୁ ମୋତେ କାହିଁକି ବାରଣ କଲେ, ମନେ ମନେ ସେ ଅନେକ କଥା ଭାବୁଥାନ୍ତି। ରାତ୍ରୀ ଭୋଜନ ତଥା ଭଜନ କୀର୍ତ୍ତନର ସମୟ ହେଲା। ଏଥିରେ ଯୋଗ ଦେବାକୁ ସାଧୁ ସନ୍ଥ ଓ ମହାତ୍ମାମାନେ ଅନେକ ସଂଖ୍ୟାରେ ଆସିଲେ ଏବଂ ରାତି ଦଶଟା ବେଳକୁ ସମସ୍ତେ ନିଜ ନିଜ ସ୍ଥାନକୁ ଫେରି ଗଲେ। ଧାର୍ମିକ ଲୋକ ଜଣକ ଏ ଥରକ ପୁଣି କମ୍ବଳ ବାଣ୍ଟିବା କଥା ସାଧୁଙ୍କୁ ମନେ ପକାଇ ଦେଲେ - ଏ ଥରକ ବି ସାଧୁ ପୁଣି କହିଲେ - 'ଉପଯୁକ୍ତ ଲୋକ ଓ ଉପଯୁକ୍ତ ସମୟ ଏ ନୁହେଁ, ଆଉ ଟିକେ ଅପେକ୍ଷା କର।' ଏହାପରେ ସାଧୁ ନିଜ ଶୋଇବା କୁଟୀରକୁ ଗଲେ ଓ ଧାର୍ମିକ ଲୋକଟି ତାଙ୍କ ରହିବା ଜାଗାକୁ ଗଲେ।

ଧାର୍ମିକ ଲୋକ ଜଣକ ଭାବୁଥାନ୍ତି ଯେ ଏ ସାଧୁ ଏଭଳି ବିଳମ୍ବ କରିବାର କାରଣ କ'ଣ ହୋଇପାରେ। ବିଛଣାରେ ପଡ଼ି ରହି ଥିଲେ ମଧ ତାଙ୍କୁ ନିଦ ଆସୁନଥାଏ। ରାତି ଅଧ ବେଳକୁ ସାଧୁ ଆସି ଧାର୍ମିକ ଲୋକଟିକୁ ଡାକିଲେ। 'ଓ ସେଠ, ଚାହିଁଛ ନା ଶୋଇଲଣି। ଚାଲ ତୁମ କମ୍ବଳ ବାଣ୍ଟିବା।' ସାଧୁଙ୍କ କଥା ଶୁଣି ସେଠ ବାହାରକୁ ଆସି କହିଲେ, 'ମହାରାଜ, ଏ ରାତି ଅଧରେ ଦାନ ନେବାକୁ ଲୋକ କୋଉଠୁ ମିଳିବେ? ସାଧୁ କହିଲେ, 'ସତପାତ୍ର ପାଇବାର ଉପଯୁକ୍ତ ସମୟ ବର୍ତ୍ତମାନ।' ଆସ, କହି ଯେତେ କମ୍ବଳ ନିଜେ ଧରିପାରିଲେ ତାକୁ କାନ୍ଧରେ ନେଇ ଚାଲିଲେ। ସେଠ ମଧ ସାଧୁଙ୍କୁ ଦେଖି ଆହୁରି କିଛି କମ୍ବଳ ନିଜେ ଧରି ସାଧୁଙ୍କ ପଛେ ପଛେ ଚାଲିଲେ। ଚାଲି ଚାଲି ସେମାନେ ପହଞ୍ଚିଲେ ଗଙ୍ଗା ତୀରରେ। କେହି କେହି ଥଣ୍ଡାରେ ଥରୁଥିବା ଅବସ୍ଥାରେ, କେହି କେହି ଅଦ୍ଧରାତ୍ର ଯୋଗୁଁ ଶୋଇ ପଡ଼ିଥିବା ଅବସ୍ଥାରେ, ସାଧୁ ପ୍ରତ୍ୟେକଙ୍କୁ ଖଣ୍ଡେ ଲେଖାଏଁ କମ୍ବଳ ଘୋଡ଼ାଇ ଦେଇ ଗଲେ। ବୁଲି ବୁଲି ସେମାନେ ଦୁଇ ଶହ ଯାକ କମ୍ବଳ ବାଣ୍ଟିଲେ। ସାଧୁଙ୍କ ଉନ୍ନତ ବିଚାର ଧାର୍ମିକ ସେଠଙ୍କ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କଲା। ବର୍ତ୍ତମାନ ସେ ବୁଝିଲେ ଯେ ତାଙ୍କ ଦାନ ଉପଯୁକ୍ତ ଲୋକଙ୍କୁ ମିଳିଲା। ପ୍ରକୃତରେ ସେମାନେ ଥିଲେ ସତପାତ୍ର। ଦେଖେଇ ହୋଇ ଦାନ କରିବା ଅପେକ୍ଷା ଏ ଦାନ ହଜାର ଗୁଣ ଶ୍ରେୟସ୍କର।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## କେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି ୧୨. ଘଣ୍ଟିଆ ଭାରତ ବନ୍ଦ ଡାକରା




ଯୋଡ଼ା,୧୨/୨(ମହାଭାରତ) କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସ୍ୱାଧୀନ ଫେଡେରେସନ ମାନଙ୍କ ମିଳିତ ଡାକରାରେ ସର୍ବ ଭାରତୀୟ ସାଧାରଣ ଏହି ଧର୍ମଘଟ ଆଜି ବଡବିଲ୍ ଭଦ୍ରାସାହି ଯୋଡା ବିଲେଇପଦା ଓ ଜୁରୁଡି ଏହି ସବୁ ଜାଗାରେ ଅଧିକ ସଫଳ ହୋଇଛି। ଏହି ପ୍ରଭାବରେ ଯୋଡ଼ା ଖଣି ଅଞ୍ଚଳରେ ଦେଖିବା ପାଇଁ ମିଳିଛି। ଆଜି ସକାଳୁ ଶତାଧିକ କର୍ମୀ ବାଶଂପାଣି ଛକ ଠାରୁ ହାତରେ ପତାକା ଓ ବ୍ୟାନର ନେଇ ରାଜରାସ୍ତାକୁ ଓହ୍ଲାଇ ଥିଲେ । ଯୋଡ଼ା ସହର ଓ ଆଖ ପାଖ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିବା ସହିତ ଖଣି ଗୁଡ଼ିକରୁ ଖଣିଜ ପରିବହନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଯୋଡ଼ା ବସଷ୍ଟାଣ୍ଡ, ଭଦ୍ରାସାହି ଛକ,୫୨୦ ନମ୍ବର ଜାତୀୟ ରାଜପଥର କଳାପାହାଡ ଛକ,ଡିଏଭି ସ୍କୁଲ ଛକ , ବାଂଶପାଣି ଟୋଲ୍ ଗେଟ୍ ଛକ,ଜୁରୁଡ଼ିରେ ରାସ୍ତା ଅବରୋଧ କରିଛନ୍ତି। ଫଳରେ ଶହ ଶହ ଟ୍ରକ୍ ରାସ୍ତା କଡ଼ରେ ଅଟକି ରହିଛି। ଏହି ଭାରତ ବନ୍ଦ ଡାକରା ପାଇଁ ଯାତ୍ରୀବାହୀ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଦୋକାନ ବଜାର ବନ୍ଦ ସାଙ୍ଗକୁ ୪ ଚକିଆ ଯାନ ଚଳାଚଳ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ, ସ୍କୁଲ, ବ୍ଲକ୍ ଅଫିସ୍, ବୀମା କାର୍ଯ୍ୟାଳୟ,ପୌର ପରିଷଦ ଅଫିସ, ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ,ରେଳ ଚଳାଚଳ ଓ କେତେକ ଘରୋଇ କାର୍ଯ୍ୟାଳୟ ବନ୍ଦ ରହିଛି। ଶ୍ରମିକ ବିରୋଧୀ ଶ୍ରମ କାର୍ଡ ବାତିଲ, ଶ୍ରମିକ ବିରୋଧୀ ଶ୍ରମ ଶକ୍ତି ନୀତି ୨୦୨୬ର ପ୍ରତ୍ୟାହାର, ରାଷ୍ଟ୍ରୀୟ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଓ ଘରୋଇକରଣ ବନ୍ଦ, ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇ କରଣ ବନ୍ଦ,ଆକାଶ ଛୁଆଁ ଦରଦାମ୍ ବୃଦ୍ଧି ଉପରେ ନିୟନ୍ତ୍ରଣ କରିବା, ସର୍ବନିମ୍ନ ମାସିକ ମଜୁରୀ ଟ୨୬୦୦୦ଟଙ୍କା କରିବା, ସର୍ବନିମ୍ନ ମାସିକ ପେନସନ ୯୦୦୦ଙ୍କା କରିବା,ସ୍କିମ ୱାର୍କରଙ୍କୁ କର୍ମଚାରୀର ମାନ୍ୟତା ଦେବା, ନୂତନ ଶିକ୍ଷାନିତି ୨୦୨୦ ବାତିଲ କରିବା ନିର୍ମାଣ ଶ୍ରମିକ ମାନଙ୍କୁ ଇଏସଆଇସି ଅନ୍ତର୍ଭୁକ୍ତ କରିବା ବୋନସ ପିଏଫ ଓ ଗ୍ରାଚ୍ୟୁରେଟି ଉପରୁ ସିଲିଂ ହଟାଇବା ଠିକାଦାର ପ୍ରଥା ବନ୍ଦ୍ କରିବା, ଖାଲିପଡ଼ିଥିବା ସମସ୍ତ ସରକାରୀ ପଦବୀ ପୂରଣ କରିବା, କୃଷକମାନଙ୍କ ଋଣ ଛାଡ଼ କରିବା, କେନ୍ଦୁଝର ଜିଲ୍ଲାର ସମସ୍ତ ବନ୍ଦ୍ ଖଣି ତୁରନ୍ତ ଖୋଲିବା, ପାଇପ୍ ଯୋଗେ ଲୁହାପଥର ପରିବହନ ବନ୍ଦ୍ କରିବା ,ଖଣି ଅଞ୍ଚଳର ସମସ୍ତ ରାସ୍ତା ଘାଟ ତୁରନ୍ତ ମରାମତି କରିବା ପିଇବା ପାଣି ଯୋଗାଇ ଦେବା,ଫରେଷ୍ଟ କଞ୍ଜରଭେସନ୍ ଆକ୍ଟ ୨୦୨୩କୁ ପ୍ରତ୍ୟାହାର କରିବା ଏବଂ ଅନ୍ୟାନ୍ୟ ଦାବିରେ କେନ୍ଦ୍ରୀୟ ୟୁନିୟନ ଓ ସ୍ୱାଧୀନ ଫେଡରେସନ୍ ଡାକରାରେ ସର୍ବ ଭାରତୀୟ ଧର୍ମଘଟ କରାଯାଇଛି। ଯୋଡ଼ା ଖଣି ଅଞ୍ଚଳରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ ଓ ପିକେଟିଂ କରି ବନ୍ଦ ପାଳନ କରାଯାଉଛି । ଏନେଇ ଶ୍ରମିକ ନେତା ଅଖିଳ ଭାରତୀୟ ଯୁବକ ସଂଘ କେନ୍ଦୁଝର ଜିଲ୍ଲା ସମ୍ପାଦକ ଶ୍ରମିକ ହୃଦାନନ୍ଦ ପ୍ରଧାନ କହିଛନ୍ତି ଯେ, ବିଜେପି ସରକାର ଶ୍ରମିକ ମାନଙ୍କର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ୪ ଗୋଟି ଶ୍ରମ କୋର୍ଡ ଆଣିଛି ଯାହାକି ଶ୍ରମିକ ମାନଙ୍କର ସ୍ୱାର୍ଥ ବିରୋଧୀ। ଏହି ଶ୍ରମ କୋର୍ଡକୁ ବାତିଲ କରି ପୂର୍ବ ଶ୍ରମ କୋର୍ଡକୁ ଲାଗୁ କରିବା, ମହିଳା ଶ୍ରମିକଙ୍କୁ ରାତ୍ରିରେ କାର୍ଯ୍ୟରେ ନିୟୋଜିତ ନ କରିବାକୁ ଦାବି କରି ଏହି ଧର୍ମଘଟ ଜାରି ରହିଛି। ଖଣି ଅଞ୍ଚଳରେ ଜନସାଧାରଣଙ୍କର ବ୍ୟାପକ ସମର୍ଥନ ମିଳୁଛି ବୋଲି ସେ ପ୍ରକାଶ କରିଛନ୍ତି । ଶ୍ରମିକ ନେତା ସଞ୍ଜୟ କୁମାର ପହି, ଧରଣୀଧର ବାରିକ୍, ରଞ୍ଜିତ କୁମାର ଦାସ, ତରଣୀସେନ ମହାନ୍ତ, ପୁରୁଷୋତ୍ତମ ମହାନ୍ତଙ୍କ ସହ ଅନ୍ୟ ମାନେ ଏହି ଧର୍ମଘଟକୁ ପରିଚାଳନା କରିଥିଲେ ।

## ଭାରତ ବନ୍ଦର ପ୍ରଭାବ ରାଇଘରରେ



ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରେ ସର୍ବଭାରତୀୟ ଟ୍ରେଡ ୟୁନିଅନର ଆହ୍ୱାନରେ ଆଜି ଆୟୋଜିତ ଭାରତ ବନ୍ଦର ଆଂଶିକ ପ୍ରଭାବ ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ଉପାନ୍ତ ଅଞ୍ଚଳ ରାଇଘର ବ୍ଲକର ସବୁ ଅଞ୍ଚଳରେ ଦେଖିବାକୁ ମିଳିଛି। ସକାଳ ଠାରୁ କିଛି ଦୋକାନ, ବଜାର ଆଂଶିକ ଭାବେ ବନ୍ଦ ରହିଥିବାବେଳେ ସାଧାରଣ ଜନଜୀବନ ଉପରେ ମିଶ୍ର ପ୍ରଭାବ ପଡ଼ିଥିଲା। ଟ୍ରେଡ୍ୟୁନିଅନର କର୍ମୀମାନେ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି, ମୂଲ୍ୟବୃଦ୍ଧି, ବେକାରୀ ଓ ବେସରକାରୀକରଣ ବିରୋଧରେ ନାରାବାଜି କରିଥିଲେ। ସେମାନେ ସରକାରଙ୍କୁ ସଚେତନ କରାଇ କହିଛନ୍ତି ଯେ, ଯଦି ତାଙ୍କର ମୁଖ୍ୟ ଦାବିଗୁଡ଼ିକୁ ସମୟମତେ ମାନି ନିଆଯାଇନାହିଁ, ତେବେ ଆସନ୍ତା ଦିନରେ ସମସ୍ତ ଦୋକାନ-ବଜାର, ରାସ୍ତାଘାଟ ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଖ୍ୟ ରାସ୍ତା ଅବରୋଧ କରାଯିବ। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। କୌଣସି ଅପ୍ରୀତିକର ଘଟଣା ଘଟିନଥିବା ଦେଖିବାକୁ ମିଳିଥିଲା।

## ନବବିବାହିତାଙ୍କ ଆତ୍ମହତ୍ୟା, ସ୍ୱାମୀ ଗିରଫ

ପାତ୍ରପୁର, (ମହାଭାରତ) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ପଦାପିଟି ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମର ମୂଳବାସିନ୍ଦା ପ୍ରତାପ ମହାରଣାଙ୍କ କନିଷ୍ଠ କନ୍ୟା ଅନିତା ମହାରଣା ଙ୍କୁ ପାତ୍ରପୁର ବ୍ଲକ ପଦାପିଟି ଗ୍ରାମର ସଦାଶିବ ମହାରଣାଙ୍କ କନିଷ୍ଠ ପୁତ୍ର ଚିନ୍ମୟ ମହାରଣାଙ୍କୁ ଗତବର୍ଷ ଜୁନ ୨ ତାରିଖରେ ହିନ୍ଦୁ ଧର୍ମର ରୀତିନୀତି ଅନୁସାରେ ବିବାହ କରିଥିଲେ। ଅନିତାଙ୍କ ବାପା ଗରିବ ଶ୍ରେଣୀର ହୋଇଥିବା ଯୋଗୁଁ ତାଙ୍କ ସାଧ୍ୟରେ ଚାନ୍ଦା କରି ସାହିରେ ଅନିତାଙ୍କୁ ବିବାହ କରିଥିଲେ। ବାହାଘର ବେଦିରେ ବିବାହ ସମୟରେ ଚିନ୍ମୟ ଓ ଅନିତାଙ୍କ କଉଡି ଖେଳ, ହୋମ ଚାରିପଟେ ବୁଲୁଥିବାର ଦୃଶ୍ୟ ଏବେ ବି ପରିବାର ଲୋକ ଓ ସାହି ବାସିଙ୍କ ମନରୁ ଲିଭିନି। ଆଜି ଅନିତାଙ୍କୁ ଖୁଜୁଛନ୍ତି ସାହି ବାସିନ୍ଦା, ସମ୍ପର୍କୀୟ ଓ ପରିବାର ଲୋକେ। ବାହାଘରର ଦୁଇ ମାସ ଶେଷ ହସ ଖୁସିରେ ବିତିଥିଲା। ଦୁଇ ମାସ ପରେ ଶାଶୁ ଘର ଲୋକ ଯୌତୁକ ଆଣିବା ପାଇଁ ଦାବୀ କରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଯାହାକୁ ନେଇ ନବ ବିବାହିତା ମାନସିକ ସ୍ତରରେ ଭାଙ୍ଗି ପଡି ବାପାଙ୍କୁ ବହୁ ବାର ଏ ସମ୍ପର୍କରେ ଅବଗତ କରାଇଥିଲେ। ମଙ୍ଗଳବାର ଦିନ ଅନିତା ଦେ.ଦୁର୍ଗାଁ ଥାନା ଅନ୍ତର୍ଗତ ସାରୁ ବସିଗାଁ ଗ୍ରାମରେ ଥିବା ବଡ଼ବାପା ଘରକୁ ଶ୍ରାଦ୍ଧ ଭୋଜି ପାଇଁ ଯାଇଥିଲେ। ସେହି ଭୋଜିକୁ ଅନିତାଙ୍କ ସ୍ୱାମୀ ଚିନ୍ମୟ ମଧ୍ୟ ଆସିଥିଲେ। ଅନିତାଙ୍କୁ ସ୍ୱାମୀ ଚିନ୍ମୟଙ୍କ ବଡବାପା ମଧ୍ୟ ମାନସିକ ଚାପ ଦେଇ କହିଥିଲେ ଏକ ଲକ୍ଷ ଟଙ୍କା ଓ ସୁନା ଆଣିଲେ ଘରକୁ ଆସିବୁ ବୋଲି। ପରେ ଶ୍ରାଦ୍ଧ ଭୋଜି ଖାଇ ନିଜ ଘରକୁ ଫେରି ଯାଇଥିଲେ। ଅନିତା ବଡ଼ବାପାଙ୍କ ଘରେ ରାତ୍ରି ଯାପନ କରିଥିଲେ। ମଙ୍ଗଳବାର ରାତି ତିନି ଘଣ୍ଟା ସମୟରେ ନବବଧୂ ବାଥରୁମ ବାନ୍ତି କରିଥିଲେ। ବାନ୍ତି କରିବା ପରେ ପରିବାର ବର୍ଗ ଆମ୍ବୁଲାନ୍ସ ଯୋଗେ ଚିକିଟି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନବବଧୂଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କରଡ଼ା ଥାନାରେ ଯୌତୁକ ଜନିତ ଆତ୍ମହତ୍ୟା କରିଥିବା ନେଇ ଅନିତାଙ୍କ ବାପା ଅଭିଯୋଗ ଦେଇଛନ୍ତି। ପୋଲିସ ନବବଧୂଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇ ସ୍ୱାମୀଙ୍କୁ ପଚରାଉଚରା କରି ବିବାହର କିଛି ଦିନ ପରେ ଦମ୍ପତିଙ୍କ ମଧ୍ୟ ଭଲ ସମ୍ପର୍କ ନଥିଲା ବୋଲି ପୋଲିସ ସାମ୍ନାରେ ସ୍ୱୀକାର କରିଥିଲେ। ଅଭିଯୁକ୍ତ ସ୍ୱାମୀଙ୍କୁ କେସ ନମ୍ବର ୫୨ ରେ ମାମଲା ରୁଜୁ କରି ଗିରଫ କରି ଜେଲ ପଠାଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ଓ ପୋଲିସ ପହଞ୍ଚି ଅଧିକ ତଦନ୍ତ ଚଳାଇବା ସହ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ହିଁ ମୃତ୍ୟୁର କାରଣ ଜଣା ସ୍ପଷ୍ଟ ହେବ ବୋଲି ତଦନ୍ତ ଅଧିକାରୀ ଦୁର୍ଯ୍ୟୋଧନ ନାୟକ ପ୍ରକାଶ କରିଛନ୍ତି ।

## ପିପୁଲସ୍ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିପାଟଣା, (ମହାଭାରତ) : ଶୋଭନ୍ତି ପିପୁଲସ୍ ସରକାରୀ ଉଚ୍ଚ ବିଦ୍ୟାଳୟ ର ୮୦ ତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜୋଗାରାଣୀ ଦାଶଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗ ଦେଇ ଶିକ୍ଷକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା କୁ ନେଇ ଅବଗତ କରିବା ଉଚିତ ବୋଲି କହିଲେ। ସେମାନଙ୍କ ଯୋଗୁ ଭଲ ମଣିଷ ସୃଷ୍ଟି ହୁଏ। ବିଦ୍ୟାଳୟ ବିକାଶରେ ସମସ୍ତେ ସହଯୋଗ କଲେ ନିଶ୍ଚୟ ଏକ ଶିକ୍ଷାନୁକୂଳ ପରିବେଶ ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ ପ୍ରଭାତ କୁମାର ରଥ, ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ସଭାପତି ଅନୁଜ ନାରାୟଣପଟ୍ଟନାୟକ, ସମ୍ପାଦକ ବିଶ୍ୱଜିତ କୁମାର ଓଝା, ପଞ୍ଚାୟତ ସମିତି ଅଧ୍ୟକ୍ଷ ହରପ୍ରିୟା ଦାସ, ଯାଜପାଦା ରାଜଲକ୍ଷ୍ମୀ ଜେନା, ସରପଞ୍ଚ ବାହାନ ଭୋଇ,ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ପବିତ୍ର ପଟେଲ, ନବମାଳପୁର ହାଇ ସ୍କୁଲ ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ବେଉରା,ଅଧ୍ୟାପକ ଭବାନୀ ଶଙ୍କର ଦାଶ,ସମାଜସେବୀ କିଶୋର ଜେନା, ଗିରିଶ ଚନ୍ଦ୍ର ପ୍ରଧାନ ଓ ବିଭିନ୍ନ କମିଟି ର ଚେୟାରମ୍ୟାନ ଶଶି ଭୂଷଣ ପଣ୍ଡା, ପ୍ରଶାନ୍ତ କୁମାର ସାହୁ, ଦେ ରଞ୍ଜନ ଦାସ ଓ ସମିତି ସଭ୍ୟା ନମିତା ଭୋଇ ପ୍ରମୁଖ ଯୋଗ ଦେଇଥିଲେ।ଚମ୍ପିୟାନ ହୋଇଥିବା ଲକ୍ଷ୍ମୀପ୍ରିୟା ମହାରଣାଙ୍କୁ ସରାଟ ସେବା ସମବାୟ ସମିତି ତରଫରୁ ୩୦୦୦ ଟଙ୍କାର ଛାତ୍ରବୃତ୍ତି ସାହାଯ୍ୟ ଅମୂଲ୍ୟ ପ୍ରଧାନ ପ୍ରଦାନ କରିଥିଲେ। ନୃତ୍ୟ ଗୁରୁ ଚରଣ ବେହେରା ଓ ଗୁରୁ ବିମଳ ନାୟକଙ୍କ ନିର୍ଦ୍ଦେଶନ ରେ ବିଦ୍ୟାଳୟ ର ପିଲାମାନେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।ଶିକ୍ଷକ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଦିଲ୍ଲୀପ ଦାସ,ହରପ୍ରିୟା ମହାପାତ୍ର, ବିଦ୍ୟୁତ ପ୍ରଭା ବେହେରା,ସୁନିଲ ମହାନ୍ତି, କୁନି ସାହୁ,ଗୁରୁଚରଣ କଳନରିଆ ଓ ଚିତଲ ଝାନସୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

## ଭାରତ ବନ୍ଦ ଡାକରା ପାଟଣାରେ ଆଂଶିକ ପ୍ରଭାବ

ପାଟଣା, (ମହାଭାରତ): ସାରା ଭାରତକୁ ଶ୍ରମ, କୃଷକ ସଙ୍ଗଠନ ଓ କଂଗ୍ରେସ ବନ୍ଦ ଡାକରା ଦେଇ ଥିବା ବେଳେ କେନ୍ଦୁଝର ଜିଲ୍ଲା ପାଟଣା ରେ ବନ୍ଦ ଡାକରା ର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି । ଏହି ଭାରତ ବନ୍ଦ ଡାକରା ରେ ପାଟଣା ଅଞ୍ଚଳ ରେ ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ, ସମବାୟ ସମିତି ବ୍ୟାଙ୍କ, ଲ୍ୟାମ୍ପସ , ଡାକଘର ସହ ବସ,ଟ୍ରକ ଗୁଡ଼ିକ ଚଳାଚଳ ବନ୍ଦ ରହିଥିବା ବେଳେ ପାଟଣା ଅଞ୍ଚଳର ସରକାରୀ ବେସରକାରୀ ସ୍କୁଲ,କଲେଜ, ତହସିଲ, ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ, ବାଣିଜ୍ୟ ବଜାର ଖୋଲା ଥିବା ଦେଖିବାକୁ ମିଳିଛି। ଏହି ଭାରତ ବନ୍ଦରେ ସାଧାରଣ ଜନତା ଗାଡ଼ି ନ ପାଇ ବିଭିନ୍ନ ସ୍ଥାନକୁ ଯାତାୟାତ କରିବାରେ ଅସୁବିଧା ସମ୍ମୁଖୀନ ହୋଇ ଥିବା ଦେଖିବାକୁ ମିଳିଛି।

## ପାରାଦୀପରେ ଭାରତବନ୍ଦର ଆଂଶିକ ପ୍ରଭାବ



ପାରାଦୀପ, (ମହାଭାରତ) : ନୂଆ ଶ୍ରମ କୋଡ଼ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଭିନ୍ନ ଶ୍ରମିକ ସଂଗଠନ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଫଳରେ ଶ୍ରମ କୋଡ଼ ପ୍ରତ୍ୟାହାର ଦାବିରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ମିଳିତ ଆହ୍ୱାନ କ୍ରମେ ଫେବୃଆରୀ ୧୨ ତାରିଖ ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଦେଶବ୍ୟାପୀ ଭାରତ ବନ୍ଦ ପାଳନ ହୋଇଥିଲା । କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରି ଭାରତ ବନ୍ଦ ଡାକରା ଦେଇଥିଲେ ଶ୍ରମିକ ଟ୍ରେଡ ୟୁନିଅନ । ଫଳରେ ବନ୍ଦର ନଗରୀ ପାରାଦ୍ୱୀପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଏଆଇଟିୟୁସି ସମେତ ୧୦ ରୁ ଅଧିକ ଶ୍ରମିକ ସଂଘ ପକ୍ଷରୁ ୧୨ ଘଣ୍ଟିଆ ଭାରତ ବନ୍ଦ ପାଳନ କରାଯାଇଛି। ଆଇଓସିଏଲ, ପାରାଦ୍ୱୀପ ବନ୍ଦର ସମେତ ବହୁ ଶିଳ୍ପ ସଂସ୍ଥା ସମ୍ମୁଖରେ ଶ୍ରମିକଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା । ୨୯ ଟି ଶ୍ରମ ଆଇନ କୁ ଭାଙ୍ଗି ୪ ଟି ଶ୍ରମ କୋର୍ଡ କରାଯାଇଛି, ଯାହା ଶ୍ରମିକଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଶ୍ରମିକମାନେ ନିଜ ପାଇଁ ସ୍ୱର ଉତ୍ତୋଳନ କରିବା ଉପରେ ମଧ୍ୟ ରୋକ୍ ଲଗାଇଛନ୍ତି କେନ୍ଦ୍ର ସରକାର। ଯାହା ଶ୍ରମିକ ଶୋଷଣ ର ବାଟ ଫିଟାଇଛି । ଯାହାକୁ ବିରୋଧ କରିବା ସହିତ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ଓ ଶ୍ରମ କୋର୍ଡ ଉଚ୍ଛେଦ ଦାବିରେ ଏହି ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବରେ ପାରାଦ୍ୱୀପ ରେ ବସ୍ ଚଳାଚଳ ଓ ଟ୍ରକ୍ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଥିଲା। ଏହି ଆନ୍ଦୋଳନ କୁ କଂଗ୍ରେସ ଦଳ ମଧ୍ୟ ସମର୍ଥନ କରି ଆନ୍ଦୋଳନ କୁ ଓହ୍ଲାଇଥିଲା। ପାରାଦ୍ୱୀପ ବନ୍ଦର ର ସମସ୍ତ ନିଷିଦ୍ଧାଞ୍ଚଳ ଗେଟ୍ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦିଆଯାଇଛି। ବିଭିନ୍ନ ସ୍ଥାନରେ ଦୋକାନ, ବଜାର ଖୋଲା ରହିଥିବା ବେଳେ ବଡ଼ ବଡ଼ ଦୋକାନ ଗୁଡିକ କିଛି ଅପ୍ରୀତିକର ଘଟଣା ଉପୁଜିବା ଆଶଙ୍କା କରି ବନ୍ଦ ରଖିଥିବା ଦେଖାଯାଇଛି । ପାରାଦୀପର ତିନିଗୋଟି ଅଏଲ ଟର୍ମିନାଲ ରେ ଟ୍ୟାଙ୍କର ଗୁଡିକରେ ତେଲ ଲୋଡ଼ ସ୍ୱାଭାବିକ ରହିଛି । ଏହି ବନ୍ଦ ପାଳନ କୁ ପାରାଦୀପ, କୁଜଙ୍ଗ ସମେତ ବିଭିନ୍ନ ସ୍ଥାନରେ ଶ୍ରମିକ ମାନେ ରାଜରାସ୍ତା ରେ ବସି ରହିବା କାରଣ ରୁ ଯାନବାହାନ ଚଳାଚଳ ରେ ବ୍ୟାଘାତ ସୃଷ୍ଟି ହୋଇଥିଲା କ୍ଷ ତେବେ ଆଜିର ଏହି ଭାରତ ବନ୍ଦ ଡାକରା ପାରାଦୀପ ରେ ଆଂଶିକ ସଫଳ ହୋଇଥିବା ଦେଖିବାକୁ ମିଳିଥିଲା ।

## ପାନୀୟଜଳ ଯୋଗାଇ ଦେବା ପାଇଁ ଖମଡିହାବାସୀଙ୍କ ଦାବି

କରଞ୍ଜିଆ, (ମହାଭାରତ) : ଠାକୁରମୁଣ୍ଡା ବ୍ଲକ ଠାକୁରମୁଣ୍ଡା ପଞ୍ଚାୟତ ଖମଡିହା ଗ୍ରାମର ଦୀର୍ଘଦିନ ହେବ ପାନୀୟ ଜଳର ସମସ୍ୟା ଥିଲା ବେଳେ ଆଜି ବ୍ଲକ କାର୍ଯ୍ୟାଳୟ ଆସି ବିଡ଼ିଓ ଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ । ତିନି ମାସ ହେଲା ବର୍ଡ଼ଏଲ ବୋରୱେଲରୁ ପାଣି ବାହାରୁ ନଥିବାରୁ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏ ସମସ୍ୱା ସମ୍ପର୍କରେ ସରପଞ୍ଚ ଓ ପାନୀୟ ଜଳ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟା ସମାଧାନ ନହେବାରୁ ଆଜି ଗ୍ରାମବାସୀ ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଆସି ବିଡ଼ିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ଟଙ୍କଧର ମହାନ୍ତଙ୍କ ଗ୍ରାମର କ୍ଷିରୋଦ ପାତ୍ରଙ୍କ ନେତୃତ୍ୱରେ ଗାୟତ୍ରୀ ଗିରି, ପାର୍ବତୀ, ସୁକାନ୍ତି ଗିରି ଓ ହରିଶ ଚନ୍ଦ୍ର ଗିରି ସମେତ ଗ୍ରାମବାସୀ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି।

## ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ୫୮ତମ ମୃତ୍ୟୁ ବାର୍ଷିକୀ ଓ 'ସମର୍ପଣ ଦିବସ' ପାଳିତ




ପାରାଦୀପ, (ମହାଭାରତ) : ଭାରତୀୟ ଜନସଙ୍ଘ ର ସହ-ପ୍ରତିଷ୍ଠାତା, ବିଶିଷ୍ଟ ଚିନ୍ତାନାୟକ,ଦାର୍ଶନିକ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଙ୍କ ୫୮ତମ ମୃତ୍ୟୁ ବାର୍ଷିକୀ ତଥା 'ସମର୍ପଣ ଦିବସ' ସମଗ୍ର ଦେଶ ତଥା ରାଜ୍ୟରେ ଫେବୃଆରୀ ୧୧ ତାରିଖ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନଙ୍କ ନେତୃତ୍ୱରେ ପାରାଦୀପ ନୂଆବଜାର ନିକଟସ୍ଥ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଣ୍ଡିତ ଉପାଧ୍ୟାୟଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ 'ଭାରତ ମାତା କି ଜୟ' ଏବଂ ଅନ୍ୟାନ୍ୟ ଦେଶାତ୍ମବୋଧକ ସ୍ଲୋଗାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବିଧାୟକ ତଥା ମନ୍ତ୍ରୀଙ୍କ ସ୍ଥାନୀୟ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ବିଜେପି ନେତା ବଜରଙ୍ଗ ସ୍ୱାଇଁ, ଦିଲ୍ଲୀପ କିଶୋର ବେହେରା, ଦିଲ୍ଲୀପ ବଳିୟାରସିଂହ, ମନୋରଞ୍ଜନ ସାହୁ, ଚିତ୍ରସେନ ମହାରଣା, କଳ୍ପନା ଦାଶ, ମିନାକ୍ଷୀ ବେହେରା, ବିଷ୍ଣୁପ୍ରିୟା ଶତପଥୀ, ମାମୁନି ଜେନା, କେନାକଲାଟା ସାହୁରେ ଯୋଗଦାନ କରିଥିଲେ। ଜାତୀୟ ସେବା ପାଇଁ ଦିନିକିଆ ଏବଂ କନକଲତା ସାହୁ ପ୍ରମୁଖ ଉପସ୍ଥିତ ରହି ମାନବବାଦ ଉପରେ ପଣ୍ଡିତ ଦିନଦୟାଲ ଙ୍କ ଆଦର୍ଶ ଓ ଅନ୍ୟାନ୍ୟ ବିଚାରଧାରା ଉପରେ ଆଲୋକପାତ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡରୁ ବିଜେପି ଦଳର ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ ।

## ଜିଲ୍ଲାରେ ଆରମ୍ଭ ହୋଇପାରୁନି ସାଇବର୍ ଥାନା ଉଦ୍‌ଘାଟନ ପାଇଁ ସମୟ ନାହିଁ, ଅଭିଯୋଗକାରୀ ନିରାଶ




ନୟାଗଡ଼, ( ମହାଭାରତ ) : କର୍ମଚାରୀ ପ୍ରସ୍ତୁତ, ଥାନା ଖୋଲିବା ପାଇଁ ବିଲ୍ଡିଂ ବି ପ୍ରସ୍ତୁତ। ଯେହେତୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଏହି ଥାନାକୁ ଉଦଘାଟନ ପାଇଁ ସମୟ ଦେଉନାହାନ୍ତି, ସେଥିପାଇଁ ଆରମ୍ଭ ହୋଇପାରୁନି ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନା। ଉଦ୍‌ଘାଟନ ପାଇଁ ବାରମ୍ବାର ନିର୍ଦ୍ଧାରଣ କରାଯାଉଥିବା ତାରିଖ ଘୁଞ୍ଚି ଘୁଞ୍ଚି ଚାଲିଛି। ଏଣୁ କେବେ ଏହି ଥାନା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେବ, ଏହାର ଉତ୍ତର କାହା ପାଖରେ ନାହିଁ। ଅନ୍ୟପଟେ, ସାଇବର ଠକେଇର ଶିକାର ହେଉଥିବା ଲୋକ ମାନେ ଉକ୍ତ ଥାନାରେ ନିଜ ଅଭିଯୋଗ ନେଇ ପହଞ୍ଚୁଥିଲେ ମଧ ନିରାଶ ହୋଇ ଫେରୁଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ନୟାଗଡ଼ ଟାଉନ ଥାନା ପାଖରେ ଏହି ସାଇବର ଓ ଅର୍ଥନୈତିକ ଅପରାଧ ଥାନା କରିବା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବା ପରେ ଜିଲ୍ଲା ପୁଲିସ ଉକ୍ତ ବିଲ୍ଡିଂ ଟିକୁ ନବୀକରଣ କରି ଥାନା ପାଇଁ ବ୍ୟବସ୍ଥା କରିଛି। ଏମିତିକି ଏହି ଥାନା ପାଇଁ ଜଣେ ଡିଏସ୍‌ପିଓ, ଦୁଇ ଜଣ ଇନ୍ସପେକ୍ଟର, ଦୁଇ ଜଣ ସବ୍-ଇନ୍ସପେକ୍ଟର, ଚାରି ଜଣ ଏଏସ୍ଆଇ ଓ କନେଷ୍ଟବଲ ନିଯୁକ୍ତି ଦେବା ପାଇଁ ଜିଲ୍ଲା ପୁଲିସ ତାଲିକା ମଧ୍ୟ ପ୍ରସ୍ତୁତ କରି ସାରିଛି। କେବଳ ଏହି ଥାନା ଉଦ୍‌ଘାଟନ କରାଯିବା ପରେ ହିଁ ଏହି ପୁଲିସ ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେବେ। ଯେହେତୁ ଥାନା ଆରମ୍ଭ ହୋଇପାରୁନି, ସେଥିପାଇଁ ଏହି ଅଧିକାରୀ ମାନେ ମଧ କାର୍ଯ୍ୟ ଆରମ୍ଭ କରିପାରୁନାହାନ୍ତି। ବର୍ତ୍ତମାନ ସବୁଠି ସାଇବର୍ ଠକ ମାତିଲେଣି। ଆଖି ପିଛୁଳାକେ ବ୍ୟାଙ୍କ୍ ଆକାଉଣ୍ଟକୁ ଶୂନ କରି ଦେଉଛନ୍ତି। ଗତ ମାସରେ ଏହି ମାମଲାରେ ଅନୁଗୁଳ ପୁଲିସ ଶରଣକୁଳ ଥାନା ଅଧୀନରୁ ଛଅ ଜଣ ବଡ଼ ବଡ଼ ସାଇବର ଠକଙ୍କୁ ଗିରଫ କରିଥିଲା। କେବଳ ଶରଣକୁଳ ନୁହେଁ, ଇଟାମାଟି ଓ ରଣପୁର ଅଞ୍ଚଳରେ ମଧ ବହୁ ସାଇବର୍ ଠକ, ଘରେ ବସି ଜିଲ୍ଲା ଓ ରାଜ୍ୟ ବାହାରର ଲୋକ ମାନଙ୍କୁ ଚୂନ ଲଗାଉଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ, ନୟାଗଡ଼ ଜିଲ୍ଲାରେ ବହୁ ପରିମାଣରେ ସାଇବର ଠକ ରହିଛନ୍ତି। ଏମିତିକି ଏହି ଠକ ମାନଙ୍କ ତାଲିକା ମଧ ଜିଲ୍ଲା ପୁଲିସ ପ୍ରସ୍ତୁତ କରିଛି। ଅଧିକାଂଶ ସମୟରେ ଜିଲ୍ଲାର ବହୁ ସାଧାରଣ ଲୋକ ଠକ ମାନଙ୍କର ଫନ୍ଦି ବୁଝିନପାରି ଠକେଇର ଶିକାର ହେଉଛନ୍ତି। ଜିଲ୍ଲା ପୁଲିସ ପକ୍ଷରୁ ପ୍ରତ୍ୟେକ ଥାନା ଅଞ୍ଚଳରେ ସାଇବର ଠକେଇ ଠାରୁ ବର୍ତ୍ତିବା ପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଯାଉଥିଲେ ମଧ ତଥାପି ଲୋକ ମାନେ ଠକ ମାନଙ୍କ ଜାଲରେ ଫସି ଯାଉଛନ୍ତି। ଏପଟେ ଜିଲ୍ଲାରେ ସାଇବର ଥାନା ଖୋଲିନଥିବାରୁ, ସେମାନେ ଅଭିଯୋଗ ଦାଖଲ କରିବାରେ ବହୁ ସମସ୍ୟା ଭୋଗୁଛନ୍ତି। ଏଣୁ ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା କୁହନ୍ତି ଯେ, ଏହା କେବଳ ନୟାଗଡ଼ର ସମସ୍ୟା ନୁହେଁ। ସାରା ରାଜ୍ୟରେ ଖୋଲା ଯାଇଥିବା ସାଇବର ଥାନାର ଉଦ୍‌ଘାଟନ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ ଆସନ୍ତା ମାସରେ ବୋଧହୁଏ ମୁଖ୍ୟମନ୍ତ୍ରୀ ଏହି ଥାନା ଗୁଡ଼ିକୁ ଉଦ୍‌ଘାଟନ କରିବେ। ଏହା ପରେ ଥାନା ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ ହୋଇପାରିବ।

## ରାସ୍ତା କାମରେ ବ୍ୟାପକ ଅନିୟମିତତା

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ମାଲୁଦ ପଞ୍ଚାୟତର ସାମନ୍ତରାୟ ପୁର ମଧୁର ନଈ ଚିଲିକା ରାସ୍ତା ନିର୍ମାଣ ନିମ୍ନ ମାନର ଅଭିଯୋଗ ହୋଇଛି। ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଗ୍ରାମ ପଞ୍ଚାୟତ ଅଧୀନ ସାମନ୍ତରାୟ ପୁର କୁ କିଛିଦିନ ହେବ ନିର୍ମାଣ କରାଯାଇଛି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ। ଉକ୍ତ କାମ ଶେଷ ହେବାର କିଛିଦିନ ପରେ ଅର୍ଥାତ ବିଲ ନ ହେଉଣୁ ପିଚୁ ଉଠିବାରେ ଲାଗିଛି। ସାମନ୍ତରାୟ ପୁର ଗ୍ରାମର କିଛି ଯୁବକ ରାସ୍ତାରେ ବସି ହାତରେ ପିଚୁ କୁ ଟାଣିଲେ ଦୁଇ ଫୁଟ, ତିନି ଫୁଟ ଲମ୍ବା ରେ ପିଚୁ ଉଠି ଯାଉଛି। ଏହି ନିମ୍ନ ମାନର ପିଚୁ ରାସ୍ତା ନିର୍ମାଣ ର ଭାଇରାଲ ଭି ଡି ଓ କିଛି ଦିନ ହେବ ମୋବାଇଲ ରୁ ମୋବାଇଲ କୁ ଘୁରି ବୁଲୁଛି। ଘଟଣା ସ୍ଥଳକୁ ପହଞ୍ଚି ଆମ ପ୍ରତିନିଧି ଦେଖିବା ବେଳେ କଣ୍ଟ୍ରାକ୍ଟର କିଛି ବ୍ୟକ୍ତିଙ୍କୁ ହାତ କରି ଉଠାଇଥିବା ପିଚୁ କୁ ମରାମତି କରି ହାତ ଚିକଣ କରି ବସିଛନ୍ତି। ଦେଖିବାକୁ ମିଳିଛି ଯେ କୋଟି କୋଟି ଟଙ୍କାରେ ତିଆରି ରାସ୍ତା କାମ ଶେଷ ହୋଇଥିଲେ ମଧ୍ୟ କୌଣସି ସ୍ଥାନରେ ସୂଚନା ଫଳକ ନାହିଁ। ଅନ୍ୟ ପକ୍ଷରେ କାର୍ଯ୍ୟ ଆରମ୍ଭ ରୁ ଶେଷ ଯାଏଁ ମଧୁ ଚନ୍ଦ୍ରିକା କରି ବିଭାଗୀୟ ଯନ୍ତ୍ରୀ ଙ୍କ ଅନୁପସ୍ଥିତ ରେ ରାସ୍ତା କାର୍ଯ୍ୟ ଶେଷ ହୋଇଛି। ଉକ୍ତ ରାସ୍ତା କାମର ଭିଜିଲାନ୍ସ ତଦନ୍ତ କରିବା ଦାବି ହେବା ସହ ବିଭାଗୀୟ ଯନ୍ତ୍ରୀ ଏବଂ କଂଟ୍ରାକ୍ଟର ଙ୍କ ବିରୁଦ୍ଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

## ଟି.ଜି.ପି. ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଋନ୍ଦବାଲି, (ମହାଭାରତ):ଋନ୍ଦବାଲି ବ୍ଲକ୍ ଭୂଇଁବୃତ୍ତି ଅନ୍ତର୍ଗତ ଟି.ଜି.ପି. ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ପ୍ରଧାନଶିକ୍ଷକ ସୀତାକାନ୍ତ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ଶ୍ରୀମତୀ ଅନିତା ମିଶ୍ର,ମୁଖ୍ୟବକ୍ତା ସାହିତ୍ୟିକ ତଥା ସଂସ୍କୃତି ଗବେଷକ ପ୍ରଫୁଲ୍ଲ ଦାସ ଓ ସମ୍ମାନିତ ଅତିଥି ସିଆରସିସି ତପନ ସାହୁ,ଆର୍.କେ ମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ବାରିକ୍,ପ୍ରାକ୍ତନ ଖେଳ ଶିକ୍ଷକ ସୁକାନ୍ତ ନାୟକ,ପଞ୍ଚସଖା ଶିକ୍ଷା ସେତୁ ଅଧକ୍ଷ ସାର୍ଥକ ନାୟକ,ସମୀକ୍ଷକ ସସ୍ମିତା ମହାନ୍ତି,ବିଦ୍ୟାଳୟ ପରିଋଳନା କମିଟି ସଭାପତି ସୁଶାନ୍ତ ବେହେରା ଯୋଗ ଦେଇଥିଲେ।ଯ ଶିକ୍ଷକ ରଘୁନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ ,ଶିକ୍ଷୟିତ୍ରୀ ଲିପ୍ସାରାଣୀ ଗିରି ବୀବରଣୀ ପାଠ ଓ ଶିକ୍ଷୟିତ୍ରୀ ପଦ୍ମାଳୟା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ର ରମାକାନ୍ତ ବିଶ୍ୱାଳ,ପ୍ରାକ୍ତନ ଶିକ୍ଷୟିତ୍ରୀ ଶୁଭସ୍ମିତା ସାହୁ ଓ ଶିକ୍ଷାକର୍ମୀ ରମାକାନ୍ତ ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପିଲାମାନଙ୍କ ଦ୍ୱାରା ନୃତ୍ୟ,ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମଧ୍ୟରେ ସର୍ବେଶ୍ୱର ସାହୁ,ବୀରକିଶୋର ନାୟକ,ସଂଗୀତା ଦାଶ,ରଂଜନ ସୋରେନ୍,ସଂଜୁଲତା ମଲ୍ଲିକ୍,ବିଶ୍ୱଜିତମହାକୁଡ଼,ଭବାନୀ ସାହୁ,ସତ୍ୟକାନ୍ତ ମଣ୍ଡଳ,ସତ୍ୟବ୍ରତ ବେହେରା ପ୍ରମୁଖ ଓ ବିଦ୍ୟାଳୟ ପରିଋଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଭବାନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ତାଲଜୁରୀ ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ସଭା

ବଲାଙ୍ଗୀର(ମହାଭାରତ): ଆଜି ବଲାଙ୍ଗୀର ଜିଲ୍ଲାର ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ତାଲଜୁରୀ ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ଆଜି ଯଥାରୀତି ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ସହ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀ ନିର୍ମଳ କୁମାରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ଦିଆଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ନେପାଳ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଦ୍ୟାଳୟର ଚେୟାରମ୍ୟାନ୍ ଶ୍ରୀମତୀ ସସ୍ମିତା ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।ସଭାରେ ଶିକ୍ଷକ ଶ୍ରୀ ପ୍ରମୋଦ କୁମାର କଲେତ, ଶ୍ରୀ ସୁରେଶ କୁମାର ଦାସ, ଶ୍ରୀ ଦିଲିପ କୁମାର ମିଶ୍ର ଓ ଅନ୍ୟାନ୍ୟ ଶିକ୍ଷକମାନେ ଉପସ୍ଥିତ ରହି ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେଥିସହିତ ଶ୍ରୀ କୁମାରଙ୍କ ନିରୋଗ ଜୀବନ ଓ ସୁଖମୟ ଭବିଷ୍ୟତ ପାଇଁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ।ବକ୍ତବ୍ୟ ରଖିବା ସମୟରେ ଛାତ୍ରଛାତ୍ରୀମାନେ ଶିକ୍ଷକମାନଙ୍କ ପ୍ରଶଂସା କରି ଆଶୀର୍ବାଦ ନିବେଦନ କରିଥିଲେ। ସଭାର ସଂଯୋଜକ ଶ୍ରୀ ଦିଲିପ କୁମାର ମିଶ୍ରଙ୍କ ବିଦାୟୀ କବିତା ପାଠ ସମୟରେ ଛାତ୍ରଛାତ୍ରୀମାନେ ଭାବବିହ୍ୱଳ ହୋଇ ପଡ଼ିଥିଲେ ଏବଂ ପରିବେଶ ଗମ୍ଭୀର ଓ ଭାବପ୍ରବଣ ହୋଇଯାଇଥିଲା।ଶେଷରେ ଖେଳ ଶିକ୍ଷକଙ୍କ ଧନ୍ୟବାଦ ଜ୍ଞାପନ ପରେ ସଭାର ସମାପନ ଘୋଷଣା ।

## ପୁଣି ଏକ ଦୁର୍ଘଟଣା ର ସ୍ୱାଗତ ଅପେକ୍ଷା ରେ ପ୍ରଶାସନ

ଅସ୍ତରଙ୍ଗ ( ମହାଭାରତ) : ରାସ୍ତା କଡରେ ବାଲି ଥିବାରୁ ନିକଟ ଅତିତ ରେ ଜଣେ ସାମ୍ବାଦିକା ଓ ତାଙ୍କ ସାଥି ସ୍କୁଟି ରୁ ପଡି ଯାଇଥିଲେ ଓ ଜାତୀୟ ରାଜପଥ ରେ ଚଳନ୍ତା ବସ ସହ ଦୁର୍ଘଟଣା ଘଟିଥିଲା । ଦୁଇ ଜଣଙ୍କ ଜୀବନ ଅକାରଣେ ଋଲି ଯାଇଥିଲା, ଏହି ଘଟଣା ସମ୍ପୂର୍ଣ୍ଣ ଓଡିଶା ବାସୀ ଙ୍କୁ ସ୍ତମ୍ଭୀଭୁତ କରିଥିଲା ମାତ୍ର ଏହାର ଅନେକ ଦୃଶ୍ୟ ବର୍ତ୍ତମାନ ସାମ୍ନା କୁ ଆସିଲେ ପ୍ରଶାସନ ର ନୀରବତା ସାଧାରଣ ରେ ସନ୍ଦେହ ସୃଷ୍ଟି କରିଛି, ଅସ୍ତରଙ୍ଗ ବ୍ଲକ ଜିଉଁନ୍ତି ଛକ ଆଗରୁ ଦହିଖିଆ ରାସ୍ତା ରେ କୌଣସି ଏକ ପ୍ରକଳ୍ପ କାର୍ଯ୍ୟ ଋଲୁଛି, ଠିକାଦାର ଙ୍କ ବାଲି ଗୋଡି ରାସ୍ତା କୁ ଆୟ□ କରି ଜମି ରହିଛି, ଏହି ରାସ୍ତା ସାଧାରଣ ରେ ଏକ ଦୁର୍ଘଟଣା ପ୍ରବଣ ରାସ୍ତା ଯାହାର ଅତିତ ଇତିହାସ ସାକ୍ଷୀ ରହିଥିବା ବେଳେ ଏହି ବାଲି ଜମା କୁ ଦେଖି ସାଧାରଣ ପଥଋରୀ ଅନେକ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି, ଏହି ରାସ୍ତା ଦେଇ ଅସ୍ତରଙ୍ଗ ପ୍ରଶାସନ ଅଧିକାରୀ ମାନେ ପ୍ରତ୍ୟହ ଯାତାୟାତ କରୁଥିବା ବେଳେ ବର୍ତ୍ତମାନ ସୁଧା କାହାର ନଜର କିପରି ଏହା ଉପରେ ପଡୁନି ତାହା ଏବେ ସନ୍ଦେହ ଘେର ରେ, ସେଥିପାଇଁ ବର୍ତ୍ତମାନ ସମ୍ପୂର୍ଣ୍ଣ ଅଞ୍ଚଳ ରେ ଆଲୋଚନା ହେଉଛି ଯେ ପୁନଃବାର ଆଉ ଏକ ମର୍ମନ୍ତୁଦ ଦୁର୍ଘଟଣା ର ସ୍ୱାଗତ ରେ ରହିଛି ଉଭୟ ବ୍ଲକ ପ୍ରଶାସନ ।



## ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି ଜୋରଦାର୍

# ୭୫ କେନ୍ଦ୍ରରେ ପରୀକ୍ଷା ଦେବେ ୧୨,୨୦୧ ଛାତ୍ରଛାତ୍ରୀ




ନୟାଗଡ଼, ( ମହାଭାରତ ) : ଆସନ୍ତା ୧୯ ତାରିଖରେ ମାଟ୍ରିକ୍ ପରୀକ୍ଷା। ସେଥିପାଇଁ ଛାତ୍ରଛାତ୍ରୀ ମାନେ ଜୋରଦାର୍ ପ୍ରସ୍ତୁତି ଚଳାଇଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ମାଇଲ୍ ଖୁଣ୍ଟ କୁହାଯାଉଥିବା ମାଟ୍ରିକ୍ ପରୀକ୍ଷା ଯେପରି ସୁରୁଖୁରୁରେ ଶେଷ ହେବ, ଜିଲ୍ଲା ଶିକ୍ଷା ବିଭାଗ ଯୋଜନା କରିଛି। ଜିଲ୍ଲାରେ ମୋଟ୍ ୭୫ଟି କେନ୍ଦ୍ରରେ ୧୨,୨୦୧ ଜଣ ଛାତ୍ରଛାତ୍ରୀ ଏଥର ପରୀକ୍ଷା ଦେଉଛନ୍ତି। ପ୍ରତିଟି କେନ୍ଦ୍ର ସିସିଟିଭି ନଜରରେ ରହିବ ଓ କପି ରୋକିବା ପାଇଁ ଜିଲ୍ଲା ସ୍ତରରେ ଦୁଇଟି ସ୍କ୍ୱାର୍ଡ ଗଠନ କରାଯାଇଛି। ମାଟ୍ରିକ୍ ପରୀକ୍ଷାରେ କୌଣସି ପ୍ରକାର ବିଶୃଙ୍ଖଳାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ମୁତାବକ, ଜିଲ୍ଲାରେ ମୋଟ୍ ୨୩୬ଟି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏଥର ମାଟ୍ରିକ୍ ପରୀକ୍ଷା ଦେବେ। ସେଥିମଧ୍ୟରେ ୧୨,୧୮୫ ଜଣ ରେଗୁଲାର, ୧୫ ଜଣ ଏକ୍ସ-ରେଗୁଲାର ଓ ପତ୍ର ବିନିମୟ ପାଠ୍ୟକ୍ରମ (କରେସପଣ୍ଡେନ୍ସ କୋର୍ସ)ର ଜଣଙ୍କୁ ମିଶାଇ ୧୨,୨୦୧ ଛାତ୍ରଛାତ୍ରୀ ୭୫ଟି କେନ୍ଦ୍ରରେ ପରୀକ୍ଷା ଦେବେ। ଏହା ସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ଅଧୀନରେ ୩୩ ଜଣ ରେଗୁଲାର ଓ ୩୭୦ ଜଣ ଏକ୍ସ-ରେଗୁଲାର ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ୍ ୪୦୩ ଜଣ ଛାତ୍ରଛାତ୍ରୀ ଏଥର ପରୀକ୍ଷା ଦେଉଛନ୍ତି। ସେମାନଙ୍କ ପାଇଁ ଗୋଟିଏ ପରୀକ୍ଷା କେନ୍ଦ୍ର କରାଯାଇଛି। ଉଭୟ ବର୍ଗର ୧୨,୬୦୪ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ମୋଟ୍ ୭୬ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଭାପୁର ବ୍ଲକ୍ରେ ୮ଟି ପରୀକ୍ଷା କେନ୍ଦ୍ରରେ ୧୨୫୩ ଜଣ, ଦଶପଲ୍ଲାର ୯ଟି କେନ୍ଦ୍ରରେ ୧୪୪୩, ଗଣିଆରେ ୩ଟି କେନ୍ଦ୍ରରେ ୪୨୫, ଖଣ୍ଡପଡ଼ାରେ ୯ଟି କେନ୍ଦ୍ରରେ ୧୩୦୭, ନୟାଗଡ଼ରେ ୧୪ଟି ଏଚ୍ଏସ୍ସି ଓ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ୍ ୨୫୮୮ ଜଣ, ନୂଆଗାଁରେ ୮ଟି କେନ୍ଦ୍ରରେ ୧୧୭୨, ଓଡ଼ଗାଁରେ ୧୧ଟି କେନ୍ଦ୍ରରେ ୨୦୨୧ ଓ ରଣପୁର ବ୍ଲକ୍ର ୧୩ଟି କେନ୍ଦ୍ରରେ ମୋଟ୍ ୨୩୯୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ଜିଲ୍ଲାରେ ୬ଟି ନୋଡାଲ ସେଣ୍ଟର ଖୋଲାଯାଇଛି। ଏହି ୬ଟି ସେଣ୍ଟରରୁ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯିବ। ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ୨୦ଟି ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯିବାକୁ ଥିବା ବେଳେ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟରୁ ୧୩ଟି, ଓଡ଼ଗାଁ ରଘୁନାଥ ଉଚ୍ଚ ବିଦ୍ୟାଳୟରୁ ୧୨ଟି, ରଣପୁର ବିସି ଉଚ୍ଚ ବିଦ୍ୟାଳୟରୁ ୧୩ଟି କେନ୍ଦ୍ରକୁ, ଖଣ୍ଡପଡ଼ା ଆରସି ଉଚ୍ଚ ବିଦ୍ୟାଳୟରୁ ୧୧ଟି କେନ୍ଦ୍ରକୁ ଓ ଭାପୁର ବ୍ଲକ୍ ଫତେଗଡ଼ ଉଚ୍ଚ ବିଦ୍ୟାଳୟରୁ ୬ଟି ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଦିଆଯିବ। ଏହି ନୋଡାଲ ସେ□ର ଗୁଡ଼ିକରେ ପୁଲିସ ଫୋର୍ସ ମୁତୟନ କରାଯିବା ସହ ପ୍ରଶ୍ନପତ୍ର ଯେପରି ଲିକ୍ ନ ହୁଏ ଓ ଭାଇରାଲ୍ ନ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇଛି। ଅନ୍ୟପଟେ, ଜିଲ୍ଲାର ଆଦିବାସୀ ଅଞ୍ଚଳର ଛାତ୍ରଛାତ୍ରୀ ମାନେ ପ୍ରତ୍ୟେକ ବର୍ଷ ପରି ଏଥର ମଧ୍ୟ ସମସ୍ୟାରେ ପଡ଼ିଛନ୍ତି। ପାହାଡ଼ିଆ ରାସ୍ତାରେ ଦୀର୍ଘ ୬୦ ରୁ ୭୦ କିମି ଋଲିଋଲି ଆସି ସେମାନେ ପରୀକ୍ଷା ଦେଉଛନ୍ତି। ଏଣୁ ସେମାନେ ଯେପରି ସୁରୁଖୁରୁରେ ପରୀକ୍ଷା ଦେବେ, ସେଥିପ୍ରତି ଜିଲ୍ଲା ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଭାରତ ବନ୍ଦ ଡାକରା:କାକଟପୁର ରେ ପ୍ରଭାବ, ଅସ୍ତରଙ୍ଗ ପ୍ରଭାବଶୂନ୍ୟ




କାକଟପୁର (ମହାଭାରତ: ଗୁରୁବାର ଦିନ କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ ତରଫରୁ ସର୍ବ ଭାରତୀୟ ସ୍ତରରେ ୧୨ ଘଣ୍ଟିଆ ବନ୍ଦ ଡାକରା ରେ ଆଜି ଭାରତ ବର୍ଷ ଓ ଓଡିଶା ରାଜ୍ୟ ରେ ବିଭିଭ୍ର ସ୍ଥାନରେ ଧର୍ମଘଟ ର ଦୃଶ୍ୟ ଦେଖିବାକୁ ମିଳିଛି ।କେନ୍ଦ୍ର ସରକାର ଙ୍କ ଶ୍ରମିକ ମାନଙ୍କ ପାଇଁ କରିଥିବା ଋରି ଗୋଟି ଶ୍ରମିକ କୋର୍ଡ ଓ ଶ୍ରମିକ ଆଇନ ୨୦୨୫ ଆଇନ ପ୍ରତ୍ୟାହାର କରିବାକୁ,ସରକାର ଙ୍କ ସ୍କିମ ୱାର୍କର ଅଙ୍ଗନବାଡି, ଆଶା, ପାଚିକା,ଗ୍ରାମ ପଞ୍ଚାୟତ କର୍ମଋରୀ ଓ ଉଦ୍ୟାନ ସାଥି ଙ୍କୁ ଶ୍ରମିକ ମାନ୍ୟତା, ଋଷୀ ଙ୍କ ବିହନ ପ୍ରସ୍ତୁତ କର୍ପୋରେଟ ମୁକ୍ତ ଦାବୀ, ୨୦୨୫ ବିଦ୍ୟୁତ ସଂଶୋଧନ ଆଇନ ପ୍ରତ୍ୟାହାର, ଫିକ୍ସ ଟର୍ମ ନିଯୁକ୍ତି ବାତିଲ,ରାଷ୍ଟ୍ରାୟତ ଉଦ୍ୟୋଗ ର ଘରୋଇ କରଣ ବନ୍ଦ ଏହିଭଳି ଅନେକ ଦାବୀ କୁ ନେଇ ଅଲ ଇଣ୍ଡିଆ ଟ୍ରେଡ଼ ୟୁନିଅନ ତରଫରୁ ଆଜି ଭାରତ ବନ୍ଦ ଡାକରା ର ସିଧା ସଳଖ ପ୍ରଭାବ ଦେଖିବାକୁ ମିଳିଛି କାକଟପୁର ରେ, କାକଟପୁର ରେ ସର୍ବ ଭାରତୀୟ ଅଖିଳ ଭାରତ କୃଷକ ସଂଘ ର ଉପ ସଭାପତି ଆଶିଷ କାନୁନଗୋ, ଭାରତୀୟ କମୁନିଷ୍ଟ ପାର୍ଟି ର ରାଜ୍ୟ ଉପଦେଷ୍ଟା ବିପିନ ବିହାରୀ ରାଉତ ଙ୍କ ନେତୃତ୍ୱ ରେ କାକଟପୁର ର ଅଙ୍ଗନବାଡି କର୍ମୀ, ଆଶା, ପାଚିକା ସଂଘ, କମୁନିଷ୍ଟ ଦଳ କର୍ମୀ, ବିଭିଭ୍ର ଉଦ୍ୟୋଗୀ କର୍ମ ଋରୀ, କୃଷକ ସଂଗଠନ ଆଜି କାକଟପୁର ମେଡିକାଲ ନିକଟରୁ ବିଶାଳ ପଦଯାତ୍ରା ରେ ସ୍ଲୋଗାନ ଦେଇ କାକଟପୁର ମଙ୍ଗଳା ମହାବିଦ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ,ସେଠୁ ଏକତ୍ର ହୋଇ କାକଟପୁର ବ୍ଲକ ଅଭିମୁଖେ ପଦଯାତ୍ରା କରି ବ୍ଲକ ପ୍ରଶାସନ କୁ ସାକ୍ଷାତ କରି ସରକାର ଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରିଥିଲେ, କାକଟପୁର ରେ ଏହି ଆନ୍ଦୋଳନ କୁ ସହଯୋଗ କରିବା ପାଇଁ ସରକାରୀ ।ବେସରକାରୀ ବିଦ୍ୟାଳୟ, କଲେଜ, ବ୍ୟବସାୟୀ ଅନୁଷ୍ଠାନ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ସବୁ ସମର୍ଥନ କରିଥିଲେ, କେବଳ ଜରୁରୀ କାଳୀନ ସେବା କୁ ବାଦ ଦେବା ପରେ ବାକି ସବୁ ଅଖଚକ ବନ୍ଦ ରହିଥିଲା, ଶୃଙ୍ଖଳା ଗତ ଆନ୍ଦୋଳନ ପାଇଁ କାକଟପୁର ପୋଲିସ ତରଫରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କଡାକଡି ପାଳନ ହୋଇଥିଲା, ମାତ୍ର ଅସ୍ତରଙ୍ଗ ବ୍ଲକ ରେ ଏହି ଧର୍ମଘଟ ସମ୍ପୂର୍ଣ୍ଣ ରୂପେ ଫିକା ପଡିଥିଲା କହିବାକୁ ଗଲେ ଅସ୍ତରଙ୍ଗ ଅ□ଳ ରେ ଶ୍ରମିକ ମାନଙ୍କ ଜୀବନ ନେତୃତ୍ୱ ବିହୀନ ବୋଲି ବୁଦ୍ଧିଜୀବୀ ମହଲ ରେ ଆଲୋଚନା ହୋଇଛି ।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ପଶ୍ଚିମ ବଙ୍ଗ ରାଜ୍ୟର ଏକକ ମାତୃ ପରିବାର



ଗଜପତ(ମହାଭାରତ): ଆଜି ଗଜପତି ଜିଲ୍ଲାରୁ ୭୮ ତମ ଶିଶୁଙ୍କୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ମୁନୀନ୍ଦ୍ର ହୋନନାଗା (ଓ.ପ୍ର.ସେ) ପୋଷ୍ୟ ସନ୍ତାନ ଭାବେ ପଶ୍ଚିମ ବଙ୍ଗ ରାଜ୍ୟର ଏକକ ମାତୃ ପରିବାରଙ୍କୁ ହସ୍ତାନ୍ତର କରିଛନ୍ତି। ଅବିବାହିତ ମାତାଙ୍କ ଦ୍ୱାରା ସମର୍ପିତ ହୋଇଥିବା ଏହି ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ, ରାଣୀପେଟାଠାରେ ରଖାଯାଇଥିଲା। ପରବର୍ତ୍ତି ମୁହୁର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଙ୍କର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଯୋଗ୍ୟ ପରିବାର ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲାୟ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୪ବର୍ଷରୁ ଉର୍ଦ୍ଧ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ପରିବାରଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେୟ ଉପରୋକ୍ତ ପରିବାର ଶାରିରୀକ ସ୍ତରରେ ଶିଶୁଙ୍କୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେୟ ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯାଞ୍ଚ କରିବା ପରେ ଆଜି ଶିଶୁଙ୍କୁ ଉକ୍ତ ପରିବାରଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଙ୍କର ବୟସ ୪ ମାସ, ଶିଶୁକନ୍ୟା ହୋଇଥିବାବେଳେ, ଶିଶୁଙ୍କୁ ପାଇ ଉକ୍ତ ପରିବାର ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା।ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ସଦସ୍ୟା ଶ୍ରୀମତୀ ମମତରାଣୀ ଶତପଥୀ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଋଳକ ଶ୍ରୀଯୁକ୍ତ ପ୍ରତ୍ୟୁଷ କୁମାର ସୂର୍ଯ୍ୟ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଖବର ଗଣ ମାଧ୍ୟମ କୁ ସୂଚନା ଦେଉ ନାହାନ୍ତି । ଖବର ସତ୍ୟତା ଓ ଗଣ ମାଧ୍ୟମ ଜାଣିବା ଦରକାର କିନ୍ତୁ ଅଧିକାରୀ ଗୁରୁତ୍ୱ ଦେଉ ନ ଥହ୍ୟ। ନ୍ତି ଟିଭି ଗଣ ମାଧ୍ୟମ ଏଥି ରୁ ବାଞ୍ଛିତ ହଉଛନ୍ତି। ଏଥି ପ୍ରତି ଜିଲ୍ଲା ପ୍ରଶାସନ ହଉ ରାଜ୍ୟ ସର କର ଗୁରୁତ୍ୱ ଦେଲେ ପ୍ରଋର ପ୍ରସୟର ବହୁଳ ହୋଇ ପରିଥାନ୍ତି।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଦିନିଆ କର୍ମଶାଳ



ଗଜପତି(ମହାଭାରତ): ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଦିନିଆ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ଡିଜିଟାଲ୍ କୌଶଳ ଏବଂ ପ୍ରଯୁକ୍ତି ସାକ୍ଷରତା ବୃଦ୍ଧି, ଆଇନଗତ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି, ମହିଳା ଉଦ୍ୟମୀମାନଙ୍କ ପାଇଁ ବଜାର ସୁବିଧାର ସୁଧାର, ଆର୍ଥିକ ସାକ୍ଷରତା ଏବଂ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ମହିଳାମାନଙ୍କୁ ସ୍ୱାବଲମ୍ବୀ ଏବଂ ଆର୍ଥିକ ଉନ୍ନତି ପାଇଁ ତାଙ୍କର ଜ୍ଞାନ ଓ କ୍ଷମତାକୁ ସୁଦୃଢ କରିବାୟଏହି କାର୍ଯ୍ୟକ୍ରମକୁ ଏଡିଏମ (ରେଭେନ୍ୟୁ) ଉଦ୍ଘାଟନ କରିଥିଲେ ଏବଂ ମହିଳା ସଶକ୍ତିକରଣ ସମ୍ପର୍କରେ ଅତ୍ୟନ୍ତ ପ୍ରେରଣାଦାୟକ ଉଦ୍ବୋଧନ ରଖିଥିଲେ। ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ନାୟକ, ସଦସ୍ୟ ଜେଜେ ବୋର୍ଡ, ଶ୍ରୀ ପ୍ରମୋଦ ରାଉଳ, ପୂର୍ବତନ ଅଧକ୍ଷ ସିଡବ୍ଲ୍ୟୁସି, ଏବଂ ଜିଲ୍ଲା କୌଶଳ ବିକାଶ ଓ ନିଯୁକ୍ତି ଅଧିକାରୀ ଉପସ୍ଥିତ ଥିଇ ଉପଦେଶକ (ରିସୋର୍ସ ପର୍ସନ) ଭାବେ ମାର୍ଗଦର୍ଶନ ଦେଇଥିଲେ।ଏନଏମଓ୍ୱାଇସିଏସ୍ ଏନଜିଓ, ଯାହା 'ଶକ୍ତି ସଦନ' ପରିଋଳନା କରୁଛି, କାର୍ଯ୍ୟକ୍ରମ ପାଇଁ ସହଯୋଗ ପ୍ରଦାନ କରିଥିଲାୟ ଓନ୍ ଷ୍ଟପ୍ ସେଣ୍ଟର 'ସଖୀ' ଗଜପତି ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲା। ସେହିପରି ଫେଡେରେସନ୍, ବିଭିଭ୍ର ଏନଜିଓ, ଛାତ୍ରଛାତ୍ରୀ, କିଶୋରୀମାନେ, ଆଙ୍ଗନବାଡ଼ି କର୍ମୀ ଏବଂ ଆଶା କର୍ମୀମାନେ ଗଜପତି ଜିଲ୍ଲାରୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ଭାରତ ବନ୍ଦର ଆଂଶିକ ପ୍ରଭାବ:

# ଆସିକା ସ୍ୱଚ୍ଛ ସାଥି ଓ ସଫେଇ କର୍ମଋରୀ ସଙ୍ଘ ଦୃଢ଼ ସମର୍ଥନ




ଆସିକା(ମହାଭାରତ):କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡ଼ରେସନମାନ ପକ୍ଷରୁ ଆଜି ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଥିବା ବେଳେ ଆସିକାରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା । କମ୍ରେଡ ରାମ ବାଡ଼ତ୍ୟା,ଦେବ ହରି ମହାନ୍ତି,ବିଦେଶୀ ନାୟକ,ପ୍ରମୁଖ ଙ୍କ ନେତୃତ୍ୱ ରେ ବିଭିନ୍ନ ସରକାରୀ ଅନୁଷ୍ଠାନ ବନ୍ଦ କରିଥିଲା ବେଳେ ଗାଡି ମଟର ଆଂଶିକ ଋଲିଥିଲାବ। ଓଡ଼ିଶାର ପ୍ରମୁଖ ବାମପନ୍ଥୀ ଦଳମାନେ ଏହି ଧର୍ମଘଟକୁ ସମ୍ପୂର୍ଣ୍ଣ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଆଜିର ଏହି ଧର୍ମଘଟ ନିର୍ଦ୍ଧିଷ୍ଟ ଭାବେ ୪ଟି ଶ୍ରମ କୋଡ଼ ରଦ୍ଦ କରିବାକୁ ଦାବି, ଭିବି ଜି ରାମ ଜି ଆଇନ-୨୦୨୫ ରଦ୍ଦ କରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର ପୁର୍ନବିଋର କରାଯାଉ,ସ୍କିମ ଓ୍ୱାର୍କର ଯଥା ଅଙ୍ଗନଓ୍ୱାଡି, ଆଶା, ପାଚିକା, ଉଦ୍ୟାନ ସାଥୀ, ଗ୍ରାମ ପଞ୍ଚାୟତ କର୍ମଋରୀ, ଜୀବିକା ମିଶନ ଇତ୍ୟାଦି ସ୍କିମ୍ ଓ୍ୱାର୍କରଙ୍କୁ ଓ୍ୱାର୍କର ମାନ୍ୟତା ପ୍ରଦାନ କରାଯାଉ, ଶ୍ରମିକ ବିରୋଧୀ ଶ୍ରମ ଶକ୍ତି ନୀତି-୨୦୨୫ ରଦ୍ଦ କରାଯାଉ, ରାଷ୍ଟ୍ରାୟ□ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଓ ଘରୋଇକରଣ ବନ୍ଦ କରିବା ପାଇଁ ଦାବି କରାଯାଇଛି, ବିଦ୍ୟୁତ ସଂଶୋଧନ ବିଲ୍-୨୦୨୫ ରଦ୍ଦ କରିବାକୁ ଦାବି, ରାଷ୍ଟ୍ର ସ୍ୱାର୍ଥ ବିରୋଧୀ ଘରୋଇ ସେକ୍ଟର ଆଣବିକ ଶକ୍ତି (ଶାନ୍ତି ) ବିଲ-୨୦୨୫ ରଦ୍ଦ ଦାବି, ସ୍ଥାୟୀ କାର୍ଯ୍ୟରେ ଠିକା, ଆଉଟ୍ ସୋର୍ସିଂ ଓ ଫିକ୍ସଡ୍ ଟର୍ମ କର୍ମନିଯୁକ୍ତି ୟସ୍ଥା ରଦ୍ଦ ଦାବି, ଏନପିଏସ୍ ଓ ୟୁପିଏସ୍ ରଦ୍ଦ କରି ପୁରୁଣା ପେନସନ ସ୍କିମ ପୁର୍ନବିଋର ଦାବି, ଇପିଏଫ୍ ସମେତ ସର୍ବନିମ୍ନ ପେନସନ ମାସିକ ୯ ହଜାର ଟଙ୍କା ପ୍ରଦାନ ଦାବି, କୃଷକ ବିରୋଧୀ କୃଷି ଆଇନ ପ୍ରତ୍ୟାହାର କରି ସଂସଦରେ ଦେଇଥିବା ପ୍ରତିଶ୍ରୁତି ଭିତ୍ତିରେ କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ କରିବାକୁ ଦାବି, ବିହନ ବିଲ-୨୦୨୫ ରଦ୍ଦ ଦାବି ଶିକ୍ଷା ସଂକୋଚନକାରୀ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ -୨୦୨୫ ରଦ୍ଦ ଦାବି, ସବା ବୀମା ସବା ରକ୍ଷା ବିଲ ୨୦୨୫ ରଦ୍ଦ ଦାବି,ଦର ଦାମ ବୃଦ୍ଧି ନ୍ଦ କରିବାକୁ ଦାବୀ କରିଥିଲେ। ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମୁଖରେ ଆସିକା ସ୍ୱଚ୍ଛ ସାଥି ଓ ସଫେଇ କର୍ମଋରୀ ସଙ୍ଘ ପକ୍ଷରୁ ଏହାକୁ ଦୃଢ଼ ସମର୍ଥନ କରିଛନ୍ତ ।ଏହିବନ୍ଦ କୁ ସ୍ୱଚ୍ଛ ସାଥି ଯାଜ୍ଞସେନୀ ପୋଲାଇ, ବି ସଂଗୀତା ରାଓ,ଡି ରେଶମା ଦୋରା, ରାଜଲକ୍ଷ୍ମୀ ଆଋରୀ, କେ ଜ୍ୟୋତି ଦୋରା,ପ୍ରିୟମ୍ବଦା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜାହ୍ନବୀ କଣ୍ଡୁଲାଙ୍କ ପରିବାରକୁ ମିଳିବ ୨୬୨ କୋଟି ଟଙ୍କାର କ୍ଷତିପୂରଣ

ୱାସିଂଟନ: ଆମେରିକାରେ ଭାରତୀୟ ଛାତ୍ରୀ ଜାହ୍ନବୀ କଣ୍ଡୁଲାଙ୍କ ମୃତ୍ୟୁ ମାମଲାରେ ତାଙ୍କ ପରିବାରକୁ ୨୯ ନିୟୁତ ଆମେରିକୀୟ ଡଲାର ( ଭାରତୀୟ ମୁଦ୍ରାରେ ପାଖାପାଖି ୨୬୨ କୋଟି ଟଙ୍କା) କ୍ଷତିପୂରଣ ମିଳିବ। ଜାହ୍ନବୀଙ୍କ ପରିବାର ସିଆଟେଲ୍ କର୍ତ୍ତୃପକ୍ଷଙ୍କ ସହିତ ବୁଝାମଣା କରିବା ପରେ ପୁଲିସ ପୀଡ଼ିତ ପରିବାରକୁ କ୍ଷତିପୂରଣ ଦେବାକୁ ରାଜି ହୋଇଛି । ସୂଚନାଯୋଗ୍ୟ, ସିଆଟେଲରେ ଜାନୁଆରି ୨୦୨୩ରେ ଆମେରିକା



ପୁଲିସର ଗାଡ଼ି ଧକ୍କାରେ ଜାହ୍ନବୀଙ୍କ ମୃତ୍ୟୁ ହୋଇଥିଲା। ନର୍ଥଇଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟର ସିଆଟେଲ କ୍ୟାମ୍ପସରେ ଇନଫରମେସନ୍ ସିଷ୍ଟମରେ ମାଷ୍ଟର୍ସ ଡିଗ୍ରି କରୁଥିବା ୨୩-ବର୍ଷୀୟା ଜାହ୍ନବୀ ରାସ୍ତା ପାର ହେଉଥିବା ବେଳେ ଦ୍ରୁତ ବେଗରେ ଆସୁଥିବା ପୁଲିସ୍ କାର ତାଙ୍କୁ ଧକ୍କା ଦେଇଥିଲା। ସେହି ରାସ୍ତାରେ ଗାଡ଼ିର ସର୍ବାଧିକ ବେଗ ୨୫ କିମି ସୀମା ଥିବାବେଳେ ୭୪ କିମିରୁ ଅଧିକ ବେଗରେ ଆସୁଥିବା ପୁଲିସ ଗାଡ଼ି ଜାହ୍ନବୀଙ୍କୁ ଧକ୍କା ଦେବା ପରେ ୧୦୦ ଫୁଟ ଦୂରକୁ ଛିଟିକି ପଡ଼ିଥିଲେ ଓ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ପକ୍ଷରୁ ଏହି ମାମଲାରେ ସିଆଟେଲ୍ ପୁଲିସ ବିରୋଧରେ ଆଇନଗତ ପଦକ୍ଷେପ ନିଆଯାଇଥିଲା। ସିଆଟେଲ୍ ସିଟି ଓ ଦୁର୍ଘଟଣା ଘଟାଇଥିବା ପୂର୍ବତନ ପୁଲିସ ଅଧିକାରୀ କେଭିନ୍ ଡେଭ୍‌ଙ୍କ ବିରୋଧରେ ୧୧୦ ନିୟୁତ ଆମେରିକା ଡଲାର ମାମଲା ରୁଜୁ କରାଯାଇଥିଲା। ସିଆଟେଲ୍ କର୍ତ୍ତୃପକ୍ଷ କେଭିନ୍ ଡେଭ୍‌ଙ୍କୁ ଗତବର୍ଷ ଚାକିରିରୁ ବିଦା କରିଥିଲେ। ବୁଝାମଣା ସମ୍ପର୍କରେ ଘୋଷଣା କରି ଏକ ବିବୃତିରେ କଣ୍ଡୁଲା ପରିବାର ଓକିଲ ଏରିକା ଇଭାନ୍ସ କହିଛନ୍ତି ଯେ, ଜାହ୍ନବୀଙ୍କ ମୃତ୍ୟୁ ଖୁବ୍ ହୃଦୟ ବିଦାରକ ଥିଲା। ତେବେ ମିଳିଥିବା କ୍ଷତିପୂରଣ ତାଙ୍କ ପରିବାର ପାଇଁ କିଛି ପରିମାଣରେ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଭାରତ ସରକାର ମଧ୍ୟ ଏହି ମାମଲାରେ ଉପଯୁକ୍ତ ତଦନ୍ତ କରିବାକୁ ଦାବି କରିଥିଲେ। ଏହି ମାମଲାରେ ଦାୟିତ୍ୱହୀନ ମନ୍ତବ୍ୟ ଦେବା ପାଇଁ ଆମେରିକାର ଅନ୍ୟ ଜଣେ ପୁଲିସ ଅଧିକାରୀ ଡେନିୟଲ ଅଡେରର୍ଙ୍କୁ ମଧ୍ୟ ଚାକିରିରୁ ବହିଷ୍କାର କରାଯାଇଥିଲା।

# ବିଜୟ ମାଲ୍ୟାଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା !

ମୁମ୍ବାଇ : ଫେବୃଆରୀ ୧୨, ୨୦୨୬ରେ ଏକ ଶୁଣାଣି ସମୟରେ, ବମ୍ବେ ହାଇକୋର୍ଟ ବିଜୟ ମାଲ୍ୟାଙ୍କୁ କହିଥିଲେ ଯେ ଯଦି ସେ ତାଙ୍କ ଆବେଦନର ଶୁଣାଣି କରିବାକୁ ଚାହାଁନ୍ତି, ତେବେ ତାଙ୍କୁ ଭାରତ ଫେରି ଆସିବା ଉଚିତ। ଏହା ମଧ୍ୟ କୁହାଯାଇଛି ଯେ ଯଦି ସେ ଫେରିପାରିବେ ନାହିଁ, ତେବେ ହାଇକୋର୍ଟ ତାଙ୍କ ଆବେଦନର ଶୁଣାଣି କରିବେ ନାହିଁ। ମୁଖ୍ୟ ବିଚାରପତି ଚନ୍ଦ୍ରଶେଖର ଏବଂ ବିଚାରପତି ଗୌତମ ଆଙ୍ଖଡ଼ଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ବିଜୟ ମାଲ୍ୟାଙ୍କୁ ଏହା କହିଛନ୍ତି। ବିଜୟ ମାଲ୍ୟା ୟୁକେରେ ଅଛନ୍ତି। ତାଙ୍କୁ 'ପଳାତକ' ଘୋଷଣା କରାଯାଇଛି। ତାଙ୍କୁ ପଳାତକ ଅର୍ଥନୈତିକ ଅପରାଧୀ ଆଇନ ୨୦୧୮ ଅନୁଯାୟୀ ପଳାତକ ଅର୍ଥନୈତିକ ଅପରାଧୀ ଘୋଷଣା କରାଯାଇଛି, ଯାହା ବଡ଼ ଋଣ ପରିଶୋଧ ନକରି ଦେଶ ଛାଡି ପଳାଇଥିବା ବ୍ୟକ୍ତିମାନଙ୍କ



ବିରୁଦ୍ଧରେ। ମାଲ୍ୟା କିଙ୍ଗଫିସର ଏୟାରଲାଇନ୍ସ ଋଣ ଡିଫଲ୍ଟ ମାମଲାରେ ଅଭିଯୁକ୍ତ। ସେ ବ୍ୟାଙ୍କଗୁଡ଼ିକରୁ ହଜାର ହଜାର କୋଟି ଟଙ୍କାର ଋଣ ନେଇଥିଲେ, କିନ୍ତୁ ସେ ତାହା ପରିଶୋଧ କରିବାରେ ବିଫଳ ହୋଇଥିଲେ। ଭାରତ ସରକାର ତାଙ୍କର ପ୍ରତ୍ୟର୍ପଣ ପାଇଁ ପ୍ରୟାସ କରୁଛନ୍ତି। ଲଣ୍ଡନରେ ଶୁଣାଣି ଶେଷ ପର୍ଯ୍ୟାୟରେ ଅଛି। ପୀଠ ପରବର୍ତ୍ତୀ ଶୁଣାଣି ଫେବୃଆରୀ ୧୮ ପାଇଁ ସ୍ଥିର କରିଛନ୍ତି। କୋର୍ଟ କହିଛନ୍ତି ଯେ ଏହା ମାଲ୍ୟାଙ୍କୁ ଭାରତ ଫେରିବାକୁ ଇଚ୍ଛୁକ କି ନାହିଁ ସ୍ପଷ୍ଟ କରିବା ପାଇଁ ଆଉ ଏକ ସୁଯୋଗ ଦେଉଛି। ବିଜୟ ମାଲ୍ୟା ପଳାତକ ଅର୍ଥନୈତିକ ଅପରାଧୀ ଆଇନର ବୈଧତାକୁ ଚ୍ୟାଲେଞ୍ଜ କରିଛନ୍ତି ଏବଂ ତାଙ୍କ ପଳାତକ କାର୍ଯ୍ୟଧାରା ବାତିଲ କରିବା ପାଇଁ ଏକ ଆବେଦନ ଦାଖଲ କରିଛନ୍ତି। ଡିସେମ୍ବର ୨୦୨୫ରେ, କୋର୍ଟ ତାଙ୍କୁ ଭାରତ ଫେରିବାକୁ କେବେ ଇଚ୍ଛୁକ ତାହା ଜଣାଇ ଏକ ସତ୍ୟପାଠ ଦାଖଲ କରିବାକୁ କହିଥିଲେ। କିନ୍ତୁ, ସେ ତାହା କରି ନଥିଲେ। ଆଜି, ତାଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଓକିଲ ଅମିତ ଦେଶାଇ ଯୁକ୍ତି ଦେଇଥିଲେ ଯେ ଏକ ରାୟ ଆଧାରରେ ତାଙ୍କ ଫେରିବା ବିନା ଶୁଣାଣି କରାଯାଇପାରେ। କୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ। ଏହା ବ୍ୟତୀତ, ଖଣ୍ଡପୀଠ କହିଥିଲେ ଯେ ମାଲ୍ୟା କୋର୍ଟ ପ୍ରକ୍ରିୟାକୁ ଏଡ଼ାଇ ଯାଉଛନ୍ତି, ତେଣୁ ଏହି ଆବେଦନର ଲାଭ ଉଠାଇ ପାରିବେ ନାହିଁ।

କୋର୍ଟ କହିଥିଲେ, 'ଆପଣଙ୍କୁ ଫେରିବାକୁ ପଡିବ। ଯଦି ଆପଣ ଏହା କରିପାରିବେ ନାହିଁ, ତେବେ ଆମେ ଏହି ଆବେଦନର ଶୁଣାଣି କରିବୁ ନାହିଁ।' କୋର୍ଟ ମାଲ୍ୟାଙ୍କୁ ଆଉ ଏକ ସୁଯୋଗ ଦେଇଥିଲେ। ସେମାନେ କହିଥିଲେ, 'ଆମେ ଆପଣଙ୍କ ପ୍ରତି ନ୍ୟାୟପୂର୍ଣ୍ଣ ହେଉଛୁ, ତେଣୁ ଆମେ ଆପଣଙ୍କୁ ଖାରଜ କରୁନାହୁଁ, ବରଂ ଆପଣଙ୍କୁ ଆଉ ଏକ ସୁଯୋଗ ଦେଉଛୁ। ଯଦି ଆପଣ ପୁଣି ଥରେ ସତ୍ୟପାଠ ଦାଖଲ କରନ୍ତି ନାହିଁ, ତେବେ ଆମେ ପରବର୍ତ୍ତୀ ଶୁଣାଣିରେ ଏକ ନିର୍ଦ୍ଦେଶ ଦେବୁ।' କୋର୍ଟ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ଏକ ସମୟସୀମା ଏବଂ ବିବରଣୀ ମାଗିଛନ୍ତି, ଯାହା ପରବର୍ତ୍ତୀ ଶୁଣାଣିରେ ରେକର୍ଡ କରାଯିବ। ଏହି ମାମଲାକୁ ଆସନ୍ତା ସପ୍ତାହରେ ଆଉ ଏକ ଶୁଣାଣି ପାଇଁ ସ୍ଥିର କରାଯାଇଛି। କୋର୍ଟ ସ୍ପଷ୍ଟ ଭାବରେ କହିଥିଲେ ଯେ ଭାରତୀୟ କୋର୍ଟର କ୍ଷେତ୍ରାଧିକାର ନ ଥିବା ପର୍ଯ୍ୟନ୍ତ ଆବେଦନର ଶୁଣାଣି କରାଯିବ ନାହିଁ। ବିଜୟ ମାଲ୍ୟାଙ୍କ ଉପରେ ଅନେକ ବ୍ୟାଙ୍କ ଋଣ ଏବଂ ମନି ଲଣ୍ଡରିଂର ଅଭିଯୋଗ ଅଛି। ଜାନୁଆରୀ ୨୦୧୯ରେ ଏକ ସ୍ୱତନ୍ତ୍ର କୋର୍ଟ ତାଙ୍କୁ ପିଏମଏଲଏ ଆଇନ ଅନୁଯାୟୀ ପଳାତକ ଅର୍ଥନୈତିକ ଅପରାଧୀ ଘୋଷଣା କରିଥିଲେ। ମାଲ୍ୟା ମାର୍ଚ୍ଚ ୨୦୧୬ରେ ଭାରତ ଛାଡିଥିଲେ। ତାଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଓକିଲ ଅମିତ ଦେଶାଇ କହିଥିଲେ ଯେ ଭାରତରେ ତାଙ୍କର ସମ୍ପତ୍ତି ତଦନ୍ତ ଏଜେନ୍ସିଗୁଡ଼ିକ ଦ୍ୱାରା ପୂର୍ବରୁ ଜବତ କରାଯାଇଛି।

## ଆଣବିକ ଶକ୍ତି କ୍ଷେତ୍ରରେ ପ୍ରବେଶ କରିବ ଆଦାନୀ

ନୂଆଦିଲ୍ଲୀ: ଅନ୍ୟତମ ବୃହତ୍ ଘରୋଇ ଶକ୍ତି କଂପାନି ଆଦାନୀ ପାୱାର ଆଣବିକ ଶକ୍ତି କ୍ଷେତ୍ରରେ ପ୍ରବେଶ କରିବ। ଖୁବ୍ ଶୀଘ୍ର କଂପାନି ଏହାର ଆଣବିକ ଶକ୍ତି ପ୍ରକଳ୍ପ ସ୍ଥାପନ କରିବ। ଏଥିପାଇଁ କଂପାନି 'ଆଦାନୀ ଆଟୋମିକ୍ ଏନର୍ଜି' ନାମକ ଏକ ୟୁନିଟ୍ ଗଠନ କରିବ ବୋଲି ସୂଚନା ଦେଇଛି। ଆଣବିକ ଉତ୍ସରୁ ଶକ୍ତି ଉତ୍ପାଦନ କରିବା ସହିତ ତାହାର ବଣ୍ଟନ ପାଇଁ ଏହି କଂପାନି କାର୍ଯ୍ୟ କରିବ। ଦେଶରେ କୋଇଲା ଭିତ୍ତିକ ପ୍ରକଳ୍ପ ପରିବର୍ତ୍ତେ ଆଣବିକ ଶକ୍ତି ପ୍ରକଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ତେବେ ଏହି ପରିପ୍ରେକ୍ଷୀରେ କିଛି ଦିନ ତଳେ ଭାରତ ସରକାର ଏକ ବଡ଼ ନିଷ୍ପତ୍ତି ନେଇ ଆଣବିକ ଶକ୍ତି ପ୍ରକଳ୍ପରେ ଘରୋଇ କଂପାନିଙ୍କୁ ପ୍ରବେଶ ଅନୁମତି ଦେଇସାରିଛନ୍ତି। ଆଣବିକ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ପାଇଁ ସରକାରଙ୍କ ଏହି ନିଷ୍ପତ୍ତି ପରେ ଆଦାନୀ ପାୱାର ଏହାର ଫାଇଦା ହାସଲ କରିବା ଦିଗରେ ତତ୍ପରତା ପ୍ରକାଶ କରିଛି। ତେବେ ଏନେଇ କଂପାନି ପକ୍ଷରୁ ଅଧିକ ସୂଚନା ଦିଆଯାଇ ନାହିଁ। ସୂଚନାଯୋଗ୍ୟ, ଏବେ ପର୍ଯ୍ୟନ୍ତ ଭାରତରେ ଆଣବିକ ଶକ୍ତି କ୍ଷେତ୍ରକୁ ସଂପୂର୍ଣ୍ଣ ଭାବେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଧୀନରେ ରଖାଯାଇଥିଲା। ରାଷ୍ଟ୍ରାୟତ୍ତ ଆଣବିକ ଶକ୍ତି ନିଗମ ଅଧୀନରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟ କରୁଛି। ଏଥିରେ ମୋଟ ୮.୮ ଗିଗାୱାଟ ଉତ୍ପାଦନ କ୍ଷମତା ରହିଛି।

## ଜେଲରେ ଦୃଷ୍ଟିଶକ୍ତି ହରାଇଲେଣି ଇମ୍ରାନ ଖାନ, ତୁରନ୍ତ ଚିକିତ୍ସା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଇସଲାମାବାଦ: ଜେଲରେ ଦୃଷ୍ଟିଶକ୍ତି ହରାଇଲେଣି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ। ତାଙ୍କ ଗୋଟିଏ ଆଖିର ଦୃଷ୍ଟି ଶକ୍ତି ମାତ୍ର ୧୫ ପ୍ରତିଶତ ବାକି ଅଛି। ଏହି ରିପୋର୍ଟ ସାମ୍ନାକୁ ଆସିବା ପରେ ଇମ୍ରାନ ଖାନଙ୍କ ତୁରନ୍ତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ପାକିସ୍ତାନ ସୁପ୍ରିମକୋର୍ଟ ।ପାକିସ୍ତାନର ସୁପ୍ରିମକୋର୍ଟ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ବରିଷ୍ଠ ଓକିଲ ସଲମାନ ସଫଦରଙ୍କୁ ନ୍ୟାୟମିତ୍ର ଭାବରେ ପଠାଇଥିଲେ। ଜେଲକୁ ଯାଇ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ସଲମାନ। ଏହାପରେ ସେ ସୁପ୍ରିମକୋର୍ଟରେ ଏକ ରିପୋର୍ଟ ଦାଖଲ କରିଥିଲେ। ଦାଖଲ କରିଥିବା ରିପୋର୍ଟରେ କୁହାଯାଇଛି ଯେ ଇମ୍ରାନ ଖାନ ଗୋଟିଏ ଆଖିର ଦୃଷ୍ଟିଶକ୍ତି



ହରାଇଛନ୍ତି। ଇମ୍ରାନ ଖାନଙ୍କ ଦୃଷ୍ଟିଶକ୍ତି କେବଳ ୧୫ ପ୍ରତିଶତ ବାକି ଅଛି, ଯାହା ଫଳରେ ସେ ଦେଖିପାରୁନାହାଁନ୍ତି ଏବଂ ତୁରନ୍ତ ଚିକିତ୍ସା ଆବଶ୍ୟକ କରୁଛନ୍ତି। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଯଦି ତାଙ୍କୁ ତୁରନ୍ତ ଚିକିତ୍ସା କରା ନ ଯାଏ, ତେବେ ସେ ଉଭୟ ଆଖିକୁ ସମ୍ପୂର୍ଣ୍ଣ ଭାବରେ ହରାଇ ପାରନ୍ତି। ଏହି ରିପୋର୍ଟ ଦେଖିବାପରେ, ସୁପ୍ରିମକୋର୍ଟ ତୁରନ୍ତ ଜଣେ ଡାକ୍ତରଙ୍କୁ ଜେଲକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନା ଅନୁଯାୟୀ, ପାକିସ୍ତାନ ସୁପ୍ରିମକୋର୍ଟ ଏହି ମାମଲା ଉପରେ ଆକ୍ସନ ନେଇଛନ୍ତି। କୋର୍ଟ ସରକାରଙ୍କୁ ଫେବୃଆରୀ ୧୬ତାରିଖ ପୂର୍ବରୁ ଦେଶର ଶ୍ରେଷ୍ଠ ଡାକ୍ତରଙ୍କ ଏକ ଟିମ୍ ପଠାଇ ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବରିଷ୍ଠ ଓକିଲ ସଲମାନ ସଫଦର ଦେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି ଯେ, ଇମ୍ରାନ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ସୁସ୍ଥ ଥିଲେ, କିନ୍ତୁ ତା'ପରେ ହଠାତ୍ ତାଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ହରାଇ ବସିଲେ। ସଫଦର ସୁପ୍ରିମକୋର୍ଟଙ୍କୁ କହିଥିଲେ, ସେ ସୁସ୍ଥ ଅଛନ୍ତି, କିନ୍ତୁ ସେ ଦେଖି ପାରୁନାହାଁନ୍ତି। ତାଙ୍କୁ ଡାକ୍ତରୀ ଚିକିତ୍ସା ଆବଶ୍ୟକ। ସଫଦର ସୁପ୍ରିମକୋର୍ଟଙ୍କୁ ତାଙ୍କ ପୁଅମାନଙ୍କ ସହ କଥା ହେବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ସରକାରୀ ଓକିଲ ଏଥିରେ ରାଜି ହୋଇଥିଲେ। ସୁପ୍ରିମକୋର୍ଟ ଇମ୍ରାନଙ୍କୁ ତାଙ୍କ ଦୁଇ ପୁଅଙ୍କ ସହ ଫୋନ୍ ମାଧ୍ୟମରେ କଥା କରାଇଦେବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ।

## ଚୀନ ସାଂଘାଇରେ ବଡ଼ ଦୁର୍ଘଟଣା, ହଠାତ୍ ଭୁଶୁଡ଼ିଗଲା ରାସ୍ତା

ବେଜିଂ : ଚୀନର ସାଂଘାଇରେ ଏକ ବଡ଼ ଦୁର୍ଘଟଣା ଘଟିଛି । ଏଠାରେ ଥିବା ଏକ ବ୍ୟସ୍ତବହୁଳ ରାସ୍ତା ହଠାତ୍ ଧସିଗଲା, ଯାହା ଫଳରେ ଏକ ବଡ଼ ଗାତ ସୃଷ୍ଟି ହୋଇଛି । ଏହି ଭୟଙ୍କର ଦୃଶ୍ୟ ଦେଖିବା ପରେ ସେଠାକାର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ଚୀନର ସବୁଠାରୁ ଅତ୍ୟାଧୁନିକ ସହରର ଏକ ବ୍ୟସ୍ତବହୁଳ ରାସ୍ତା କିଛି କ୍ଷଣରେ ଧସିଯାଉଥିବାର ଭିଡିଓ ଏବେ ଭାଇରାଲ ହେଉଛି । ଏହା ପୂର୍ବରୁ ଚୀନରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା । କିନ୍ତୁ ଏଥିରେ କୌଣସି ଲୋକଙ୍କର କ୍ଷୟକ୍ଷତି ହୋଇ ନଥିବା ସୂଚନା ମିଳିଛି । ଏହି ଘଟଣାର କାରଣ କୌଣସି ପ୍ରାକୃତିକ ବିପର୍ଯ୍ୟୟ ନୁହେଁ । ବରଂ ଦ୍ରୁତଗତିରେ ବଢୁଥିବା ସହରୀକରଣ ଏବଂ ଦୁର୍ବଳ ନିର୍ମାଣ ଯୋଗୁଁ ଏହି ଭୟଙ୍କର ପରିଣାମ ଦେଖିବାକୁ ମିଳିଛି । ଆକାଶ ଛୁଆଁ କୋଠା ନିର୍ମାଣ ଏହି ଘଟଣାର ମୁଖ୍ୟ କାରଣ । ପ୍ରତିଦିନ ଏହି ରାସ୍ତାରେ ଯାଉଥିବା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏହା ଏକ ଭୟଙ୍କର ଚେତାବନୀ ପାଲଟିଛି । ଯେଉଁମାନେ ସେମାନଙ୍କ ଜୀବନକୁ ବାଜି ପକାଇ ଏହି ରାସ୍ତାରେ ଯାଉଛନ୍ତି । ସାଂଘାଇ ଦୁର୍ଘଟଣା ପଛରେ ଅନେକ ପ୍ରମୁଖ କାରଣ ଥାଇପାରେ । ଯେଉଁଥିରେ ଭୌଗୋଳିକ କାରଣ ମଧ୍ୟ ସାମିଲ । କିନ୍ତୁ ଏହା ବ୍ୟତୀତ ରାସ୍ତା ନିର୍ମାଣରେ ଏକ ବଡ଼ ଭୁଲ ମଧ୍ୟ ସାମ୍ନାକୁ ଆସିପାରେ । ସାଂଘାଇର ରାସ୍ତା ମୁଖ୍ୟତଃ ନରମ ମାଟିରେ ତିଆରି ହୋଇଛି । ରାସ୍ତାରେ ଅତ୍ୟଧିକ ଜଳ ନିଷ୍କାସନ ଏବଂ ପତଳା ବାଲି ସ୍ତର ଯୋଗୁଁ ଭୂତଳରେ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଯାହା ଭାରୀ ଚାପ ପାଇଁ ସକ୍ଷମ ନୁହେଁ । ୨୦୧୭ ରୁ ୨୦୨୩ ପର୍ଯ୍ୟନ୍ତ ତଥ୍ୟ ଅନୁଯାୟୀ, ଚୀନରେ ୭୨% ସିଙ୍କହୋଲ ମାନବ କାର୍ଯ୍ୟକଳାପ ସହିତ ଜଡିତ ଥିଲା । ଯେଉଁଥିରେ ଦୁର୍ବଳ ଭିତ୍ତିଭୂମି, ନିର୍ମାଣ ତ୍ରୁଟି ଏବଂ ପାଇପଲାଇନ ବିଫଳତା ଭଳି କାରଣ ସାମିଲ ରହିଛି । ୨୦୨୪ ଜାନୁଆରୀରେ ମିନହାଙ୍ଗ ଜିଲ୍ଲାର ଏକ ରାସ୍ତା ପ୍ରାୟ ୧୦ ମିଟର ଭୁଶୁଡି ପଡ଼ିଥିଲା । ଏହି ଘଟଣା ସ୍ୱରେଜ୍ ପାଇପ୍ ବିଫଳତା ଯୋଗୁଁ ଘଟିଥିଲା । କିନ୍ତୁ ଏଥିରେ କେହି ମୃତାହତ ହୋଇ ନଥିଲେ ।

## ଦୂରଦର୍ଶନର ନ୍ୟୁଜ୍ ଉପସ୍ଥାପିକା ସରଳା ମାହେଶ୍ୱରୀଙ୍କର ପରଲୋକ

ନୂଆଦିଲ୍ଲୀ : ଦୂରଦର୍ଶନର ନ୍ୟୁଜ୍ ଉପସ୍ଥାପିକା ସରଳା ମାହେଶ୍ୱରୀଙ୍କର ପରଲୋକ ହୋଇଛି । ସେ ତାଙ୍କର ଶାନ୍ତ ସ୍ୱର ଏବଂ ସ୍ୱଭାବ ଏବଂ ଶୁଦ୍ଧ ହିନ୍ଦୀ ଉଚ୍ଚାରଣ ଲାଗି ବେଶ୍ ଜଣାଶୁଣା ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୧



ବର୍ଷ ହୋଇଥିଲା । ସରଳା ଦୂରଦର୍ଶନର ଏକ ଲୋକପ୍ରିୟ ଚେହେରା ଥିଲେ । ସେ ୧୯୮୦ ଏବଂ ୧୯୯୦ ଦଶକରେ ଏକ ସନ୍ତୁଳିତ ଏବଂ ଶାନ୍ତ ସ୍ୱରରେ ଖବର ଉପସ୍ଥାପନ ପାଇଁ ଜଣାଶୁଣା ଥିଲେ । ସରଳା ମାହେଶ୍ୱରୀଙ୍କ ମୃତ୍ୟୁ ଖବର ତାଙ୍କ ଭାଇ ପୋଷ୍ଟ କରିଥିଲେ । ଆଜି ଅପରାହ୍ନ ୪ଟା ସମୟରେ ଦିଲ୍ଲୀର ନିଗମବୋଧ ଘାଟରେ ସରଳାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସରଳା ମାହେଶ୍ୱରୀ ୧୯୮୦ ଦଶକରୁ ୨୦୦୫ ପର୍ଯ୍ୟନ୍ତ ଦୂରଦର୍ଶନରେ ଖବର ଉପସ୍ଥାପିକା ଭାବେ କାର୍ଯ୍ୟ କରିଥିଲେ । ସରଳା ମାହେଶ୍ୱରୀ କଳା-ଧଳାରୁ ଇଲେକଟ୍ରୋନିକ୍ ମିଡିଆକୁ ଯାତ୍ରା କରିଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପିଏଚଡି କରୁଥିବା ସମୟରେ ସରଳା ମାହେଶ୍ୱରୀ ଦୂରଦର୍ଶନ ପାଇଁ ଅଡିସନ୍ ଦେଇଥିଲେ । ସରଳା ମାହେଶ୍ୱରୀ ପ୍ରଥମେ ଜଣେ ଘୋଷକ ଭାବରେ କାମ କରିବା ଆରମ୍ଭ କରିଥିଲେ । ପରେ ସେ ଜଣେ ନ୍ୟୁଜ୍ ରିଡର ଭାବରେ କାମ କରିବା ଆରମ୍ଭ କରିଥିଲେ । ସରଳା ମାହେଶ୍ୱରୀ ତାଙ୍କର ଭଦ୍ରତା, ତାଙ୍କ ମସ୍ତକରେ ଗୋଲ ବିନ୍ଦି ଏବଂ ତାଙ୍କର ଶାଢ଼ି ପାଇଁ ମଧ୍ୟ ଜଣାଶୁଣା ଥିଲେ । "ଦୂରଦର୍ଶନ ପରିବାର ପକ୍ଷରୁ ସରଳା ମାହେଶ୍ୱରୀଙ୍କୁ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।

## ବେଙ୍ଗାଲୁରୁରେ ଅଭାବନୀୟ ଘଟଣା, କାର୍ ବନେଟ ଉପରେ ଅଟୋ ଡ୍ରାଇଭରଙ୍କୁ ୧ କିମି ଟାଣି ନେଲା ଚାଳକ

ବେଙ୍ଗାଲୁରୁ : ରାସ୍ତା ଉପରେ ଲୋମଟାଙ୍କୁରା ଦୃଶ୍ୟ । କାର୍ ବନେଟ ଉପରେ ଜଣେ ଅଟୋ ଡ୍ରାଇଭରଙ୍କୁ ପ୍ରାୟ ଗୋଟେ କିଲୋମିଟର ଟାଣି ନେଲେ ଚାଳକ । ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି ଏହି ଦୃଶ୍ୟ । ଗତକାଲି ଅପରାହ୍ନରେ ପୁରୁଣା ବିମାନ ବନ୍ଦର ରୋଡରେ ଏକ ମାଲବାହି ଅଟୋ ଓ କାର୍ ମଧ୍ୟରେ ସାମାନ୍ୟ ଧକ୍କା ହୋଇଥିଲା । ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ କାର ଚାଳକ ଜଣକ ଖସି ପଳାଇବାକୁ



ଚେଷ୍ଟା କରିଥିଲେ । ହେଲେ ଅଟୋ ଡ୍ରାଇଭର ଅଟକାଇବୁ ଯାଇ କାର ବନେଟକୁ ଧରି ରହିଲେ । ଏହି ସମୟରେ କାର ଚାଳକ ଅଟକାଇବା ବଦଳରେ ଦୃତ ଗତିରେ ଗାଡ଼ିକୁ ନେଇ ପଳାଇ ଥିଲେ । କିନ୍ତୁ ଅଟୋ ଡ୍ରାଇଭର ଜଣଙ୍କ କାରର ବନେଟକୁ ଛାଡି ନଥିଲେ । କାର ସହ ପ୍ରାୟ ୧ କିଲୋମିଟର ପର୍ଯ୍ୟନ୍ତ ଟାଣି ହୋଇଯାଇଥିଲେ ଅଟୋ ଡ୍ରାଇଭର । ପରେ କାରକୁ ଟ୍ରାଫିକ ପୋଲିସ ଅଟକାଇ ଥିଲେ ଓ ଅଟୋ ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ । ଘଟଣାରେ କାର ଚାଳକଙ୍କୁ ଅଟକ ରଖାଯାଇ ପଚରାଉଚରା କରୁଛି ପୋଲିସ ।

# ବାବ୍ରି ମସଜିଦ ନିର୍ମାଣ ଆରମ୍ଭ: ମୁର୍ଶିଦାବାଦରେ ୨୨ କିମି ବାବ୍ରି ଯାତ୍ରାର ନେତୃତ୍ୱ ନେଲେ କବୀର

କୋଲକାତା: ନିଲମ୍ବିତ ତୃଣମୂଳ କଂଗ୍ରେସ ବିଧାୟକ ହୁମାୟୁନ୍ କବୀର ମୁର୍ଶିଦାବାଦ ଜିଲ୍ଲାରେ ଏକ ମସଜିଦ ନିର୍ମାଣ କରୁଛନ୍ତି। ଏହି ମସଜିଦର ନାମ ବାବ୍ରୀ ମସଜିଦ ରଖାଯାଇଛି। ମସଜିଦ ନିର୍ମାଣ ଆରମ୍ଭ ହେବା ସହିତ, ପଶ୍ଚିମବଙ୍ଗରେ ଏକ ବାବ୍ରୀ ମସଜିଦ ରାଲି ମଧ୍ୟ ଆରମ୍ଭ ହୋଇଛି।

ପୂର୍ବରୁ, ନିଷ୍ପତ୍ତି ନିଆଯାଇଥିଲା ଯେ, ରାଲି ଗୁରୁବାର ପୂର୍ବାହ୍ନ ୧୦ ଟାରେ ନଦିଆ ଜିଲ୍ଲାର ପଲାସିରୁ ଆରମ୍ଭ ହୋଇ ଉତ୍ତର ଦିନାଜପୁର ଜିଲ୍ଲାର ଇଟାହାରରେ ଶେଷ ହେବ। ବାବ୍ରି ରାଲି ୨୬୫ କିଲୋମିଟର ପରିବ୍ୟାପ୍ତ ହେବାର ଥିଲା। ତେବେ ପରେ ତାହାକୁ ୨୨ କିଲୋମିଟରକୁ ହ୍ରାସ କରାଯାଇଥିଲା। ରାଲିର ଫର୍ମାଟ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ପ୍ରାରମ୍ଭରେ, ପଲାଶୀରୁ ଇଟାହାର ପର୍ଯ୍ୟନ୍ତ ରାଲିରେ ୧୦୦ଟି ଯାନ



ରହିବାର ଯୋଜନା ଥିଲା, ପ୍ରତ୍ୟେକ ଯାନରେ ଡ୍ରାଇଭର ସମେତ ଛଅ ଜଣ ଲୋକ ଯାତ୍ରା କରିବେ। ଏହାର ଅର୍ଥ ହେଉଛି ମୋଟ ୬୦୦ ଲୋକ ଅଂଶଗ୍ରହଣ କରିବେ। ତେବେ ପରିବର୍ତ୍ତିତ କାର୍ଯ୍ୟସୂଚୀ ଅନୁଯାୟୀ, ବାବ୍ରି ଯାତ୍ରା ଏକ ସରଳ ଶୋଭାଯାତ୍ରାର ରୂପ ନେଇଥିଲା। ଗୁରୁବାର ରାଲି ପଲାସିରୁ ଆରମ୍ଭ ହୋଇ ମୁର୍ଶିଦାବାଦ ଜିଲ୍ଲାର ରେଜିନଗରରେ ଶେଷ ହୋଇଛି।

ବାବ୍ରି ଯାତ୍ରା ମାର୍ଗକୁ ଛୋଟ କରିବାର କାରଣ ସମ୍ପର୍କରେ ଜଣେ ବିଧାୟକ ଏକ ବିବୃତି ଜାରି କରିଛନ୍ତି। ସଂଖ୍ୟାଲଘୁ ବହୁଳ ମୁର୍ଶିଦାବାଦ ଜିଲ୍ଲାର ଭରତପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ କବୀର କହିଛନ୍ତି ଯେ, ରାଲି ଯେଉଁ ତିନୋଟି ଜିଲ୍ଲା ଦେଇ ଯିବାର ଥିଲା, ସେଠାରୁ ଆବଶ୍ୟକ ପୁଲିସ ଅନୁମତି ନଥିବାରୁ ରାଲିର ମାର୍ଗକୁ ଛୋଟ କରାଯାଇଥିଲା। ପୁଲିସ ଅଧିକାରୀମାନେ କହିଛନ୍ତି ଯେ, ଏତେ ଲମ୍ବା ରାଲି ପାଇଁ କୌଣସି ଆନୁଷ୍ଠାନିକ ଅନୁମତି ମିଳିନଥିଲା। କବୀର କହିଛନ୍ତି, ରାଲି କିଛି ଦିନ ପରେ ନିଜର ମୂଳ ଫର୍ମାଟରେ ଅନୁଷ୍ଠିତ ହେବ।

ଏହି ରାଲିର ଆବଶ୍ୟକତା ବିଷୟରେ ବ୍ୟାଖ୍ୟା କରି କବୀର କହିଛନ୍ତି, କିଛି ସ୍ୱାର୍ଥପର ବ୍ୟକ୍ତି ମୁର୍ଶିଦାବାଦ ଜିଲ୍ଲାର ବେଲଡାଙ୍ଗାରେ ପ୍ରସ୍ତାବିତ ବାବ୍ରୀ ମସଜିଦ ନିର୍ମାଣ ବିଷୟରେ ଭୁଲ୍ ସୂଚନା ପ୍ରସାର କରୁଛନ୍ତି। ତେଣୁ, ଏହି ରାଲିର ଲକ୍ଷ୍ୟ ଏହି ଭୁଲ୍ ସୂଚନାକୁ ଖଣ୍ଡନ କରିବା ଓ ନିର୍ମାଣ ବିଷୟରେ ଜନସଚେତନତା ବୃଦ୍ଧି କରିବା। ଇତିମଧ୍ୟରେ, ବୁଧବାର ଦିନ ବେଲଡାଙ୍ଗା ମସଜିଦର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା, କବୀର ନିଜେ ସ୍ଥାନରେ ଇଟା ସ୍ଥାପନ କରିଥିଲେ।

କବୀରଙ୍କ ଅନୁଯାୟୀ, ନିର୍ମାଣ କାର୍ଯ୍ୟ ତିନି ବର୍ଷ ମଧ୍ୟରେ ସମାପ୍ତ ହେବ। ଏଥିପାଇଁ ପ୍ରାୟ ୫୫ କୋଟି ଟଙ୍କା ଖର୍ଚ୍ଚ ହେବ। ମସଜିଦର ଫାଟକ ୧୪ ମିଟର ଉଚ୍ଚ ଓ ପାଞ୍ଚ ମିଟର ଚଉଡା ହେବ। କେବଳ ଫାଟକ ପାଇଁ ପ୍ରାୟ ୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଗତ ବର୍ଷ ଡିସେମ୍ବର ୬ ତାରିଖରେ ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ବେଲଡାଙ୍ଗା ମସଜିଦଟି ଉତ୍ତର ପ୍ରଦେଶର ଅଯୋଧ୍ୟାର ମୂଳ ମସଜିଦ ପ୍ରେରିତ ହୋଇ ନିର୍ମାଣ କରାଯାଉଛି। ଯାହାକୁ ୬ ଡିସେମ୍ବର ୧୯୯୨ରେ ଭାଙ୍ଗି ଦିଆଯାଇଥିଲା।ମୁର୍ଶିଦାବାଦ ଜିଲ୍ଲାର ଭରତପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ କବୀରଙ୍କୁ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବର କିଛି ଦିନ ପୂର୍ବରୁ ତୃଣମୂଳ କଂଗ୍ରେସରୁ ନିଲମ୍ବିତ କରାଯାଇଥିଲା। ଏହାପରେ କବୀର ନିଜର ରାଜନୈତିକ ଦଳ, ଜନତା ଉନ୍ନୟନ ପାର୍ଟି ଗଠନ କରିଥିଲେ। ସେ ଚଳିତ ବର୍ଷ ଶେଷ ଭାଗରେ ରାଜ୍ୟରେ ହେବାକୁଥିବା ବିଧାନସଭା ନିର୍ବାଚନରେ ବିଜେପି ବିରୋଧୀ ତଥା ତୃଣମୂଳ କଂଗ୍ରେସ ବିରୋଧୀ ଏକ ମେଣ୍ଟ ପାଇଁ ଆହ୍ୱାନ ଦେଇଛନ୍ତି।

# ଟି୨୦ ବିଶ୍ୱକପ୍ : ଭାରତର ଦ୍ୱିତୀୟ ବିଜୟ

ନୂଆଦିଲ୍ଲୀ, ୧୨।୨(ଏଜେନ୍ସି): ଟି୨୦ ବିଶ୍ୱକପରେ ଭାରତ ଦ୍ୱିତୀୟ ବିଜୟ ହାସଲ କରିଛି। ଆଜି ଅନୁଷ୍ଠିତ ମ୍ୟାଚରେ ନାମିବିୟାକୁ ୯୩ ରନରେ ହରାଇଲା ଟିମ ଇଣ୍ଡିଆ । ଟି-୨୦ ବିଶ୍ୱକପ ୨୦୨୬ରେ ଭାରତର ଦ୍ୱିତୀୟ ବିଜୟ । ଆଗାମୀ ମ୍ୟାଚ୍‌ରେ ପାକିସ୍ତାନକୁ ଭେଟିବ ଭାରତ । ବିଜୟ ଅଭିଯାନ ଜାରି ରଖିଥିବାବେଳେ ଭାରତ ପୁଣି ଜିତିବ ବୋଲି ଆଶା ରଖିଛନ୍ତି ଫ୍ୟାନ୍ସ । ହାର୍ଦ୍ଦିକ ପାଣ୍ଡ୍ୟା ୨୮ ବଲରୁ ୫୨ ରନ କରିବା ସହ ୨ ୱିକେଟ୍ ଅକ୍ତିଆର କରିଥିବାବେଳେ ମ୍ୟାନ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି । ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ନାମିବିୟା । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ଓଭର ମଧ୍ୟରେ ୯ ୱିକେଟ ବିନିମୟରେ ୨୦୯ ରନ୍ କରିଥିଲା ।



ଟସ୍‌ହାରି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ପାଇଁ ଆଜି ଟି-୨୦ ବିଶ୍ୱକପରେ ପଦାର୍ପଣ କରିଛନ୍ତି ସଞ୍ଜୁ ସାମସନ। ଅଭିଷେକ ଶର୍ମାଙ୍କ ଅସୁସ୍ଥତା କାରଣରୁ ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇଥିବା ସାମସନ ୬ରୁ ନିଜ ବିଶ୍ୱକପ ପଦାର୍ପଣର ଶୁଭାରମ୍ଭ କରିଥିଲେ। ପରବର୍ତ୍ତୀ ଓଭରରେ ସେ ଆଉ ୨ଟି ଛକା ଓ ଗୋଟିଏ ଚୌକା ମାରିଥିଲେ ହେଁ ୮ ବଲରେ ୨୨ ରନ କରି ବେନ ଶିକୋଙ୍ଗୋଙ୍କ ବଲରେ ଆଉଟ ହୋଇ ଯାଇଥିଲେ।

ସାମସନ ଆଉଟ ହୋଇଥିଲେ ହେଁ ଈଶାନ କିଶନ ନିଜର ବିସ୍ଫୋରକ ରୂପ ଦେଖାଇଥିଲେ। ସେ ପାୱାର ପ୍ଲେରେ ଦ୍ୱିତୀୟ ଥର ପାଇଁ ନିଜ ଟି-୨୦ କ୍ୟାରିୟରରେ ଅର୍ଦ୍ଧଶତକ ହାସଲ କରିଥିଲେ। ୨୦ ବଲରେ ୫୦ ରନ ପୂରଣ କରିବା ପରେ ସେ ବଡ ଶଟ ଖେଳିବା ଆରମ୍ଭ କରିଥିଲେ। ଭାରତ ମଧ୍ୟ ୬ ଓଭର ସୁଦ୍ଧା ଦଳୀୟ ସ୍କୋରକୁ ୮୬ ରନରେ ପହଞ୍ଚାଇ ଦେଇଥିଲା।

କିନ୍ତୁ ୭ମ ଓଭରର ପ୍ରଥମ ବଲରେ ନାମିବିୟା ଅଧିନାୟକ ଗେରହାର୍ଡ ଇରାସମସଙ୍କୁ ଛକା ମାରିବାକୁ ଯାଇ କିଶନ ବାଉଣ୍ଡରୀ ପାଖରେ ଧରା ପଡି ଯାଇଥିଲେ। ସେ ଆଜି ୫ଟି ଛକା ଓ ୬ଟି ଚୌକା ବଳରେ ୬୧ ରନର ଇନିଂସ ଖେଳିଛନ୍ତି।

ତିଳକ ବର୍ମା ଓ ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କୁ ଭଲ ଷ୍ଟାର୍ଟ ମିଳିଥିଲେ ହେଁ ଉଭୟ ବଡ ସ୍କୋର କରିବାକୁ ସକ୍ଷମ ହୋଇ ନାହାନ୍ତି। ତିଳକ ୨୧ ବଲରେ ୨୫ ଓ ସୂର୍ଯ୍ୟ କୁମାର ୧୩ ବଲରେ ୧୨ ରନ କରି ଯଥାକ୍ରମେ ଇରାସମସ ଓ ବେରନାର୍ଡ ସ୍କୋଲଜଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ୧୧.୫ ଓଭର ସୁଦ୍ଧା ଭାରତ ୧୨୪ ରନରେ ୪ ୱିକେଟ ହରାଇଥିଲା।



ଏତିକି ବେଳେ ପାଣ୍ଡ୍ୟା ଓ ଶିବମ ଦୁବେ ସ୍ଥିତି ସମ୍ଭାଳିଥିଲେ। ଦୁବେ ବେଶ ସତର୍କତାର ସହ ବ୍ୟାଟିଂ କରୁଥିବା ବେଳେ ପାଣ୍ଡ୍ୟା ନିଜର ବିସ୍ଫୋରକ ରୂପ ଦେଖାଇଥିଲେ। ସେ ଚୌକା-ଛକା ବର୍ଷା କରି ଦଳର ସ୍କୋରକୁ ଆଗକୁ ନେଇଥିଲେ। ୧୮ ଓଭର ସୁଦ୍ଧା ଦଳୀୟ ସ୍କୋରକୁ ୧୯୯ ରନରେ ପହଞ୍ଚାଇ ଦେଇଥିଲେ।

୧୯ତମ ଓଭରର ପ୍ରଥମ ବଲରେ ସେ ଛକା ମାରି ଭାରତୀୟ ସ୍କୋରକୁ ୨୦୦ ଓ ନିଜର ବ୍ୟକ୍ତିଗତ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ପରବର୍ତ୍ତୀ ବଲେ ଇରାସମସ ତାଙ୍କୁ ଆଉଟ କରି ଭାରତକୁ ୫ମ ଝଟକା ଦେଇଥିଲେ। ଫାଇନ ଲେଗ ଅଞ୍ଚଳରେ ବଦଳ ଖେଳାଳି ଡୟଲନ ଲେଚ୍‌ର ଚମତ୍କାର କ୍ୟାଚ୍ ମାଧ୍ୟମରେ ପାଣ୍ଡ୍ୟାଙ୍କ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ପାଣ୍ଡ୍ୟା ୨୮ ବଲରେ ୪ ଛକା ଓ ୪ ଚୌକା ବଳରେ ୫୨ ରନର ଇନିଂସ ଖେଳିଛନ୍ତି।

ପାଣ୍ଡ୍ୟାଙ୍କ ବଲରେ ରିଙ୍କୁ ସିଂହ ଆସିଥିଲେ ହେଁ ସେପଟେ ଦୁବେ(୧୬ ବଲରେ ୨୩) ରନ ଆଉଟ ହୋଇଯାଇଥିଲେ। ସମାନ ଓଭରର ଶେଷ ବଲରେ ଅକ୍ଷର ପଟେଲଙ୍କୁ ବୋଲ୍ଡ କରି ଇରାସମସ ମ୍ୟାଚ୍‌ରେ ନିଜର ୪ର୍ଥ ସଫଳତା ହାସଲ କରିଥିଲେ। ଭାରତ ୨୦୬ ରନରେ ନିଜର ୭ମ ୱିକେଟ ହରାଇଥିଲା।

ଶେଷ ଓଭର ବୋଲିଂ କରିବାକୁ ଆସିଥିଲେ ଜେଜେ ସ୍ମିଟ। ପ୍ରଥମ ବଲରେ ରିଙ୍କୁ ସିଂହ କୌଣସି ରନ କରିପାରି ନଥିଲେ। ଦ୍ୱିତୀୟ ବଲ ବାଉଣ୍ଡରୀ ପାଖକୁ ଯାଇଥିଲେ ହେଁ ରିଙ୍କୁ ସିଙ୍ଗଲ ନ ନେଇ ଷ୍ଟ୍ରାଇକ ନିଜ ପାଖରେ ରଖିଥିଲେ। ତୃତୀୟ ବଲରେ ଛକା ମାରିବାକୁ ଯାଇ ସେ ଆଉଟ ହେବା ସହ ଭାରତର ୮ମ ୱିକେଟର ପତନ ହୋଇଥିଲା। ପରବର୍ତ୍ତୀ ବଲରେ ଅର୍ଶଦୀପ ୧ ରନ ହାସଲ କରିଥିଲେ। ୫ମ ବଲରେ ମଧ୍ୟ ବରୁଣ ଚକ୍ରବର୍ତ୍ତୀ ୧ ରନ ନେଇଥିଲେ ଶେଷ ବଲରେ ଅର୍ଶଦୀପ ୨ ରନ ନେଉଥିବା ବେଳେ ରନ ଆଉଟ ହେବାରୁ ଭାରତ ୨୦୯ ରନ କରିବାକୁ ସକ୍ଷମ ହୋଇଥିଲା।

୨୧୦କୁ ପିଛା କରିବାକୁ ଯାଇ ନାମିବିୟା ଭଲ ଆରମ୍ଭ କରିଥିଲା । ମାତ୍ର ପରବର୍ତ୍ତୀ ସମୟରେ ଏହାକୁ ସମ୍ଭାଳିପାରିନଥିଲା । ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୩ ୱିକେଟ୍ ଅକ୍ତିଆର କରିଥିବାବେଳେ ପାଣ୍ଡ୍ୟା ଏବଂ ଅକ୍ଷର ୨ଟି ଲେଖାଏ ୱିକେଟ୍ ଅକ୍ତିଆର କରିଥିଲେ । ଏହାସହ ଅର୍ଶଦୀପ, ବୁମରା ଏବଂ ଶିଭମ ଦୁବେ ଗୋଟିଏ ଲେଖାଏଁ ୱିକେଟରେ ସନ୍ତୁଷ୍ଟ ହୋଇଛନ୍ତି ।

## ୧୪ରୁ ଯୁବା ବାସ୍କେଟ୍‌ବଲ୍ ଓପନ୍ : ଜର୍ସି ଓ ଟ୍ରଫି ଉନ୍‌ମୋଚିତ

ଭୁବନେଶ୍ୱର: ସନ୍‌ସାଇନ୍ ଯୁବା ସଙ୍ଗଠନ ଆନୁକୂଲ୍ୟରେ ଚଳିତ ମାସ ୧୪ ତାରିଖରୁ ସହିଦନଗରସ୍ଥିତ ଇମ୍ପା ବାସ୍କଟ୍‌ବଲ୍ ଗ୍ରାଉଣ୍ଡଠାରେ ୧୫ତମ ଯୁବା ବାସ୍କଟ୍‌ବଲ୍ ଓପନ୍ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ୧୭ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଓଡିଶା ସହ ୫ ରାଜ୍ୟରୁ ୧୬ ଦଳ ଅଂଶଗ୍ରହଣ କରୁଛନ୍ତି। ଦଳଗୁଡିକ ହେଲେ ଝାଡଖଣ୍ଡର ୱାଇଲ୍ଡ ପ୍ୟାକ୍ ଓ ୟୁନିଟି, ପଶ୍ଚିମବଙ୍ଗର ମେଟ୍ରୋ ରେଳବାଇ ଓ ପିଏସି, ଛତିଶଗଡର ରିଜଲର୍ସ, ଦିଲ୍ଲୀର ବ୍ଲୁଲାଇନ୍ ଏବଂ ଓଡିଶାର ବ୍ରହ୍ମପୁର ବିଏମ୍‌ଏସ୍‌ସି, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ଭୁବନେଶ୍ୱର ୱାରିୟର୍ସ, ଯୁବା ବାସ୍କଟ୍‌ବଲ୍ କ୍ଲବ୍, କଟକର ସିବିଏ, ଏମ୍‌ଓ ପନ୍ଥର୍ସ, ଭୁବନେଶ୍ୱର ଓଡିବିଏ, ଭୁବନେଶ୍ୱର କେବିସି, ଡବ୍ଲୁଏ ବଲର୍ସ, ପୁରୀ ଦଳ ପ୍ରମୁଖ ଭାଗନେଉଛନ୍ତି।




ବିଜେତା ଓ ଉପବିଜେତା ଦଳ ଲାଗି ଟ୍ରଫି ସହ ଯଥାକ୍ରମେ ୩୦ହଜାର ଓ ୨୦ହଜାର ଟଙ୍କାର ପୁରସ୍କାର ରାଶି ରଖାଯାଇଛି ଏବଂ ଦ୍ୱିତୀୟ ରନର୍ସଅପ୍‌କୁ ୧୦ହଜାର ଟଙ୍କାର ରାଶି ପ୍ରଦାନ କରାଯିବ ବୋଲି ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ସଂଘର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର ସୂଚନା ଦେଇଛନ୍ତି। ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୪ଦିନିଆ ପ୍ରତିଯୋଗିତାର ଜର୍ସି ଓ ଟ୍ରଫି ଗୁରୁବାର ଉନ୍‌ମୋଚନ ହୋଇଛି। ଏହି ଉନ୍‌ମୋଚନ ଉତ୍ସବ ଓ ସାମ୍ବାଦିକ ସମ୍ମିଳନୀରେ କର୍ପୋରେଟର୍ ରାଜକିଶୋର ଦାସ, ଆୟୋଜକ ସଂଘ ସଭାପତି ବିଶ୍ୱଜିତ ମହାନ୍ତି, ଉପସଭାପତି ଦେବାଶିଷ ସବ୍ୟସାଚୀ ଚକ୍ର, ଯୁଗ୍ମସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ପ୍ରତିଯୋଗିତା ସଂଯୋଜକ ପ୍ରଶାନ୍ତ ବେହେରା, ସିଦ୍ଧାର୍ଥ ଦାସ, ମିଥୁନ ବିଶୋଇ, ଦୀପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ନଗେଶ ଟ୍ରଫି: ସେମିରେ ହାରି ଓଡିଶା ତୃତୀୟ

ଭୁବନେଶ୍ୱର: ନୂଆଦିଲ୍ଲୀରେ ଚାଲିଥିବା ଜାତୀୟ ଦୃଷ୍ଟିବାଧିତ କ୍ରିକେଟ୍ ପ୍ରତିଯୋଗିତା 'ନଗେଶ ଟ୍ରଫି'ରେ ଓଡିଶା ସେମିଫାଇନାଲ୍‌ରେ ହାରି ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛି। ବୁଧବାର ଦ୍ୱିତୀୟ ସେମିଫାଇନାଲ୍‌ରେ ଗ୍ରୁପ୍‌ରେ ଅପରାଜେୟ ଥିବା ଓଡିଶା ୭ ୱିକେଟ୍‌ରେ କର୍ଣ୍ଣାଟକଠୁ ପରାଜିତ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡିଶା ସୁଖରାମ ମାଝୀ (୭୦ ବଲ୍‌ରୁ ୧୩୩ଅ)ଙ୍କ ଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ୍ ହରାଇ ୨୦୫ ରନ୍ କରିଥିଲା। ଜବାବରେ କର୍ଣ୍ଣାଟକ କେଣସି ୱିକେଟ୍ ନହରାଇ ୧୬.୧ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସୁନିଲ ରମେଶ ୧୨୭ଅ ରନ୍‌ର ପାଳି ଖେଳି ଦଳର ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଗ୍ରୁପ୍ ଓ ସୁପର-୮ରେ ସମସ୍ତ ମ୍ୟାଚ୍ ଜିତିଥିବାରୁ ଓଡିଶା ପ୍ରଥମ ସେମିଫାଇନାଲ୍‌ରେ ହାରିଥିବା ଅନ୍ଧ୍ରପ୍ରଦେଶକୁ ପଛରେ ପକାଇ ତୃତୀୟ ସ୍ଥାନ ଅଧିକାର କରିଛି।

## ହକି : ପରାଜୟରୁ ଭାରତର ସିଜିନ ଆରମ୍ଭ: ୩-୧ରେ ମ୍ୟାଚ୍ ଜିତିଲା ବେଲଜିୟମ୍

ଭୁବନେଶ୍ୱର, ୧୨/୦୨: ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍ରେ ଘରୋଇ ଭାରତ ପରାଜୟରୁ ସିଜନ ଆରମ୍ଭ କରିଛି । ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଲଜିୟମ ଠାରୁ ଦଳ ୩-୧ ଗୋଲରେ ପରାଜିତ ହୋଇଛି। ଆଜି ଆର୍ଜେଣ୍ଟିନାକୁ ଭେଟିବ ଭାରତ।

ଭାରତ-ବେଲଜିୟମ: ପ୍ରଥମ ଦିବସରେ ବେଲଜିୟମ ୫-୩ ଗୋଲରେ ଆର୍ଜେଣ୍ଟିନାକୁ ପରାଜିତ କରିଥିଲା । ପୁଣି ଘରୋଇ ଦଳକୁ ହରାଇଛି । ସିଜନରେ ୬ଟି ମ୍ୟାଚ୍‌ରୁ ୫ଟି ବିଜୟ ସହ ବେଲଜିୟମ ୧୬ ପଏଣ୍ଟ ପାଇ ଟେବୁଲରେ ଶୀର୍ଷ ସ୍ଥାନରେ ରହିଛି । ପ୍ରଥମ କ୍ୱାର୍ଟର ଖେଳ ଗୋଲ ଶୂନ୍ୟ ରହିଥିଲା । ଦ୍ୱିତୀୟ କ୍ୱାର୍ଟରରେ ବେଲଜିୟମ ପ୍ରଥମେ ୨୩ ମିନିଟରେ ଗୋଲ ଖାତା ଖୋଲିଥିଲା । ୨୯ ମିନିଟରେ ଭାରତକୁ ମିଳିଥିଲା ପେନାଲ୍ଟି କର୍ଣ୍ଣର ।



ଘରୋଇ ତାରକା ଶିଳାନନ୍ଦ ଲାକ୍ରା ଏହାକୁ ଗୋଲ ରୂପ ଦେଇ ମ୍ୟାଚ୍‌କୁ ୧-୧ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଖେଳ ବେଶ ସଂଘର୍ଷପୂର୍ଣ୍ଣ ହୋଇଥିଲା । ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା । ଅନ୍ତିମ କ୍ୱାର୍ଟରରେ ବେଲଜିୟମ ଆଉ ୨ଟି ଗୋଲ୍ ଦେଇ ମ୍ୟାଚ୍‌କୁ ୩-୧ରେ ଜିତି ନେଇଥିଲା । ୫୩ ଓ ୫୭ ମିନିଟରେ ଏହି ଦୁଇ ଗୋଲ ହୋଇଥିଲା । ଶେଷ ପର୍ଯ୍ୟନ୍ତ ବହୁ ପ୍ରୟାସ କରି ଭାରତ ପ୍ରତ୍ୟାବର୍ତ୍ତନ କରିପାରି ନଥିଲା।

### ୱେଷ୍ଟଇଣ୍ଡିଜ ୧୦ ବର୍ଷ ପରେ ଭାଙ୍ଗିଲା ପରାଜୟ ଧାରା

## ଟି-୨୦ ବିଶ୍ୱକପରେ ଇଂଲଣ୍ଡକୁ ହରାଇ ରଚିଲା ଇତିହାସ

ମୁମ୍ବାଇ: ରୋମାଞ୍ଚକର ମୁକାବିଲାରେ ୱେଷ୍ଟଇଣ୍ଡିଜ୍ ଇଂଲଣ୍ଡକୁ ୩୦ ରନରେ ପରାସ୍ତ କରିଛି। ଚଳିତ ଟି-୨୦ ବିଶ୍ୱକପରେ ୱେଷ୍ଟଇଣ୍ଡିଜର ଏହା ଲଗାତାର ଦ୍ୱିତୀୟ ବିଜୟ। ୧୦ ବର୍ଷ ପରେ ଟି ୨୦ ବିଶ୍ୱକପରେ ଏହା ୱେଷ୍ଟଇଣ୍ଡିଜ୍ର ଇଂଲଣ୍ଡ ଉପରେ ପ୍ରଥମ ବିଜୟ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ, କାରିବିଆନ୍ ଦଳ ପ୍ରଥମେ ବ୍ୟାଟିଂ କରି ୧୯୬ ରନ କରିଥିଲା। ଜବାବରେ ଇଂଲଣ୍ଡ କେବଳ ୧୬୬ ରନ କରିପାରିଥିଲା। ମ୍ୟାଚ୍‌ରେ ଶେରଫେନ୍ ରଥରଫୋର୍ଡ ୭୬ ରନ କରିଥିଲେ।



ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ଆରମ୍ଭରୁ ପ୍ରଥମ ସାତ ବଲରେ ଦୁଇଟି ୱିକେଟ୍ ହରାଇଥିଲେ। ତଥାପି, ରଥରଫୋର୍ଡଙ୍କ ଅପରାଜିତ ୭୬, ଜାସନ୍ ହୋଲଡରଙ୍କ ୩୩ ଏବଂ ରୋଷ୍ଟନ୍ ଚେଜ ୩୪ ରନ ଯୋଗୁଁ ୱେଷ୍ଟଇଣ୍ଡିଜ୍ ଦଳ ୧୯୬ ରନରେ ପହଞ୍ଚିଥିଲା। ୱେଷ୍ଟଇଣ୍ଡିଜ୍ ବ୍ୟାଟର ଶେଷ ପାଞ୍ଚ ଓଭରରେ ମୋଟ ୬୬ ରନ ଯୋଡିଥିଲେ।

ୱେଷ୍ଟଇଣ୍ଡିଜ୍ ଶେଷ ଥର ପାଇଁ ୨୦୧୬ରେ ଟି୨୦ ବିଶ୍ୱକପ୍ ଜିତିଥିଲା। ୨୦୧୬ ବିଶ୍ୱକପ୍ ଫାଇନାଲରେ ଦଳ ଇଂଲଣ୍ଡକୁ ୪ ୱିକେଟରେ ପରାସ୍ତ କରିଥିଲେ। ଏହା ପରେ ଦଶ ବର୍ଷ ବିତିଯାଇଥିଲେ ମଧ୍ୟ କାରିବିଆନ୍ ଦଳ ଇଂରେଜଙ୍କ ବିପକ୍ଷରେ ବିଜୟୀ ହୋଇପାରି ନଥିଲା। ଶେଷରେ, ୱାଙ୍ଖେଡେ ଷ୍ଟାଡିୟମରେ ଇଂଲଣ୍ଡକୁ ୩୦ ରନରେ ପରାସ୍ତ କରି ୱେଷ୍ଟଇଣ୍ଡିଜ୍ ନିଜର ପରାଜୟ ଧାରା ଭାଙ୍ଗିଛି।

୧୯୭ ରନର ଲକ୍ଷ୍ୟ ପିଛା କରି, ଇଂଲଣ୍ଡ ପାଇଁ କୌଣସି ବ୍ୟାଟର ବଡ଼ ଇନିଂସ ଖେଳିପାରି ନଥିଲେ। ଜ୍ୟାକବ୍ ବେଥେଲ୍ ୩୩ ରନ କରିଥିବା ବେଳେ ସାମ୍ କରନ୍ ୪୩ ରନ କରି ଅପରାଜିତ ରହିଥିଲେ। ଜୋସ୍ ବଟଲର୍ ମଧ୍ୟ ୨୧ ରନ ଯୋଗଦାନ ଦେଇଥିଲେ, କିନ୍ତୁ ଇଂଲଣ୍ଡକୁ ବିଜୟୀ କରାଇ ପାରି ନଥିଲେ। ଏହି ବିଶ୍ୱକପରେ ଇଂଲଣ୍ଡର ପ୍ରଦର୍ଶନ ନିରୁତ୍ସାହଜନକ ରହିଛି। କାରଣ ପୂର୍ବ ମ୍ୟାଚ୍‌ରେ ଦଳ ନେପାଳଠାରୁ ପରାଜୟରୁ ଅଳ୍ପକେ ବର୍ତ୍ତି ଯାଇଥିଲା। ଇଂଲଣ୍ଡ ନେପାଳ ବିପକ୍ଷ୪ ମ୍ୟାଚ୍‌କୁ ମାତ୍ର ୪ ରନରେ ଜିତିଥିଲା।

## ମାଡ୍ରାସ କୋର୍ଟଙ୍କ ଆଦେଶ, ଧୋନୀ ଜମା କରିବେ ୧୦ ଲକ୍ଷ

ଚେନ୍ନାଇ, ୧୨/୨ : ମାଡ୍ରାସ କୋର୍ଟରେ ପୂର୍ବତନ ଭାରତୀୟ କ୍ରିକେଟର ମହେନ୍ଦ୍ର ସିଂହ ଧୋନୀ ଦେବେ ୧୦ ଲକ୍ଷ । ମାଡ୍ରାସ କୋର୍ଟ ପକ୍ଷରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି । ଏକ ମାନହାନୀ ମାମଲାରେ କିଛି ଖାସ୍ କାଗଜ ପତ୍ର ଖର୍ଚ୍ଚ ପାଇଁ ଏହି ଅର୍ଥ ଜମା କରିବେ ମାହି । କୋର୍ଟ ପକ୍ଷରୁ ଏଭଳି କୁହାଯାଇଥିବାବେଳେ ତାଙ୍କ ସମୟ ଦିଆଯାଇଛି ।

୨୦୧୩ ମସିହାରେ ଆଇପିଏଲରେ ମ୍ୟାଚ୍ ଫିକ୍ସିଂ ଏବଂ ଜୁଆ ସହ ଜଡ଼ିତ ଏକ ମାମଲାରେ ଧୋନୀ ତିନି ଜଣଙ୍କ ନାଁରେ ଏହି କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏକ ମିଡିଆ କମ୍ପାନୀ, ଜଣେ ଆଇପିଏସ ଅଧିକାରୀ ଏବଂ ଅନ୍ୟ ଜଣଙ୍କ ବିରୋଧରେ ଏହି ମାମଲା କରିଛନ୍ତି । ଧୋନୀଙ୍କୁ ମ୍ୟାଚ୍ ଫିକ୍ସିଂ ମାମଲାରେ ଏମାନେ ଟାଣିଥିଲେ । ଯେଉଁ କାରଣରୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଏହି ମାମଲା ବିଚାରାଧିନ ରହିଛି । ତେବେ ଧୋନୀ ଆସନ୍ତା ମାର୍ଚ୍ଚ ୧୨ ତାରିଖ ସୁଦ୍ଧା ଏହି ଟଙ୍କା ପେଠ କରିବାକୁ ଆଦେଶ ଦିଆଯାଇଛି । ସେ ଏକ ସିଡି ମଧ୍ୟ କୋର୍ଟରେ ଦାଖଲ କରିଛନ୍ତି । ଯାହା ଉପରେ ମଧ୍ୟ ବିଚାର କରାଯାଉଛି ।

ହେନ୍ଦ୍ର ସିଂହ ଧୋନୀ ହେଉଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ । ତାଙ୍କ ଅଧିନାୟକତ୍ୱରେ ଭାରତ ଦୁଇଟି ବିଶ୍ୱକପ ଜିତିଛି । ୨୦୦୭ ଟି-୨୦ ଏବଂ ୨୦୧୧ ମସିହାରେ ଦିନିକିଆ ବିଶ୍ୱକପ ଜିତିଛି । କ୍ରିକେଟର ତିନୋଟି ଯାକ ଫର୍ମାଟରୁ ଅବସର ଘୋଷଣା କରିସାରିଥିବା ଧୋନୀ ଏବେ କେବଳ ଆଇପିଏଲରେ ଖେଳ ଜାରି ରଖିଛନ୍ତି । ୪୩ ବର୍ଷୀୟ ଧୋନୀଙ୍କ ଗୋଟିଏ ଝଲକ ପାଇବା ପାଇଁ ଏବେ ମଧ୍ୟ ଷ୍ଟାଡିୟମରେ ଦର୍ଶକଙ୍କ ଭିଡ଼ ଜମୁଛି । ଯେଉଁ ଷ୍ଟାଡିୟମରେ ଖେଳ ହେଲେ ମଧ୍ୟ ତାଙ୍କୁ ସମର୍ଥନ ଜଣାଇବା ପାଇଁ ଫ୍ୟାନ୍ସମାନେ ପହଞ୍ଚିଥାନ୍ତି ।

## ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଇଟାଲିର ପ୍ରଥମ ବିଜୟ

ମୁମ୍ବାଇ: ପ୍ରଥମ ଥର ପାଇଁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳୁଥିବା ଇଟାଲି ନିଜର ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ଗ୍ରୁପ୍-ସି'ର ଏକ ମ୍ୟାଚ୍‌ରେ ଏହି ଦଳ ନେପାଳକୁ ୧୦ ୱିକେଟ୍‌ରେ ପରାସ୍ତ କରି ଏକତରଫା ବିଜୟ ହାସଲ କରିଛି। ନେପାଳ ଦ୍ୱାରା ରଖାଯାଇଥିବା ୧୨୪ ରନର ଲକ୍ଷ୍ୟକୁ ମାତ୍ର ୧୨.୪ ଓଭରରେ କୌଣସି ୱିକେଟ୍ ନ ହରାଇ ହାସଲ କରିନେଇଥିଲା ଏହି ୟୁରୋପୀୟ ଦଳ। ଇଟାଲି ଟସ୍ ଜିତି ବ୍ୟାଟିଂ କରିବାକୁ ନେପାଳକୁ ଆମନ୍ତ୍ରଣ କରିଥିଲା।୮ ରନରେ ନିଜର ପ୍ରଥମ ୱିକେଟ୍ ହରାଇଥିବା ନେପାଳ ପାଇଁ ଆସିଫ ଶେଖ୍ (୨୦) ଓ ରୋହିତ ପୌଡେଲ୍ (୨୩) ସ୍ଥିତିକୁ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ଉଭୟ ୪୧ ରନର ଏକ ଭାଗୀଦାର କରିଥିଲେ। ପରେ ଦୀପେନ୍ଦ୍ର ସିଂହ ଆଇରି ଓ ଆରିଫ୍ ଶେଖ୍‌ଙ୍କ ମଧ୍ୟରେ ୪୪ ରନର ଏକ ଭାଗୀଦାର ହୋଇଥିଲା। କିନ୍ତୁ ଏହା ପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇଚାଲିଥିଲା ଓ ୧୯.୩ ଓଭରରେ ୧୨୩ ରନ କରି ଅଲଆଉଟ୍ ହୋଇଯାଇଥିଲା।

ଇଟାଲି ପକ୍ଷରୁ କ୍ରିସାନ କାଲୁଗାମାଗେ ୩ଟି ୱିକେଟ୍ ନେଇଥିଲେ। ୧୨୪ ରନ ଲକ୍ଷ୍ୟକୁ ଇଟାଲିର ଦୁଇ ପ୍ରାରମ୍ଭିକ ବ୍ୟାଟର୍ ତଥା ଦୁଇଭାଇ ଜଷ୍ଟିନ ମୋସ୍କା (୬୦) ଓ ଆନ୍‌ଥୋନି ମୋସ୍କା (୬୨) ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୧୨.୪ ଓଭରରେ ହାସଲ କରିନେଇଥିଲେ।

## ସଞ୍ଜୁ ସାମସନଙ୍କ ଧୂଆଁଧାର ବିଶ୍ୱକପ ପଦାର୍ପଣ

ନୂଆଦିଲ୍ଲୀ, ୧୨।୨: ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ଟି୨୦ ବିଶ୍ୱକପରେ ପଦାର୍ପଣ କରିଛନ୍ତି ୱିକେଟ କିପର ବ୍ୟାଟର ସଞ୍ଜୁ ସାମସନ। ଗୁରୁବାର ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ନାମିବିଆ ବିପକ୍ଷ ମ୍ୟାଚ୍‌ରେ ସଞ୍ଜୁଙ୍କୁ ଭାରତୀୟ ଚୂଡାନ୍ତ ଏକାଦଶରେ ସୁଯୋଗ ମିଳିଛି। ପେଟରେ ସମସ୍ୟା ଯୋଗୁଁ ଅଭିଷେକ ଶର୍ମା ବାଦ୍ ପଡ଼ିବା ପରେ ସଞ୍ଜୁଙ୍କୁ ଏହି ସୁଯୋଗ ମିଳିଥିଲା, ଯାହାର ସେ ଭରପୂର ଫାଇଦା ଉଠାଇଛନ୍ତି।ସଞ୍ଜୁ ସାମସନ ମୈଦାନକୁ ଓହ୍ଲାଇବା ମାତ୍ରେ ନିଜର ଆକ୍ରମଣାତ୍ମକ ରୂପ ଦେଖାଇଥିଲେ। ସେ ମାତ୍ର ୮ଟି ବଲରୁ ୨୨ ରନ ସଂଗ୍ରହ କରିଥିଲେ, ଯେଉଁଥିରେ ସମସ୍ତ ରନ କେବଳ ବାଉଣ୍ଡ୍ରିଜରିଆରେ ଆସିଥିଲା। ଏଥିରେ ୩ଟି ଛକା ଓ ୧ଟି ଚୌକା ସାମିଲ ଥିଲା।ପ୍ରଥମ ଓଭରରେ ରୁବେନ ଟ୍ରମ୍ପେଲମ୍ୟାନଙ୍କୁ ଏକ ବିଶାଳ ଛକା ମାରି ନିଜର ବିଶ୍ୱକପ୍ ଖାତା ଖୋଲିଥିଲେ। ଦ୍ୱିତୀୟ ଓଭରରେ ବେନ ସିକୋଙ୍ଗୋଙ୍କୁ ଲଗାତାର ଦୁଇଟି ଛକା ଓ ଗୋଟିଏ ଚୌକା ମାରିବା ପରେ ବଡ଼ ସଟ୍ ଖେଳିବା ପ୍ରୟାସରେ ସେ ଆଉଟ୍ ହୋଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ipû\K: iêeRòZb Kêcûe ]k